# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, August 15/2025 | Page 20 | ₹ 7.00 | BALASORE

୫୧ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 261 | ମୂଲ୍ୟ ₹୭/-




ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମ ଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଆଜିର ସମ୍ପାଦକୀୟ

ଟ୍ରମ୍ପଙ୍କ ଟାରିଫ୍ ଯନ୍ତ୍ର

# ବାଦଲଫଟା ବର୍ଷାରେ ୪୬ ମୃତ

ଉତ୍ତରାଖଣ୍ଡର ଉତ୍ତରକାଶୀ ପରେ ଜମ୍ମୁ–କଶ୍ମୀରର କିସ୍ତୱାର ଜିଲାକୁ ଦାଉ ସାଧିଛି ବାଦଲଫଟା ବର୍ଷା। କିସ୍ତୱାର ଜିଲା ଚଶୋତି ଗ୍ରାମକୁ ଗୁରୁବାର ଅପରାହ୍ନରେ ଆକାଶରୁ ମାଡ଼ି ଆସିଥିଲା ବିପତ୍ତି। ଚାହୁଁ ଚାହୁଁ ଧୋଇହୋଇଗଲା ଗାଁ। ଘରଦ୍ୱାର ସହ ଭାସିଗଲେ ଅନେକ ଶହ ଲୋକ। ସେମାନଙ୍କ ମଧ୍ୟରୁ ୧୬୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅଦ୍ୟାବଧି ୨ ସିଆଇଏସ୍ଏଫ୍ ଯବାନଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।



ଜମ୍ମୁ–କଶ୍ମୀର କିସ୍ତୱାର ଜିଲା ଚଶୋତି ଗ୍ରାମରେ ବାଦଲ ଫଟା ବର୍ଷାଜନିତ ବନ୍ୟା ମାଡ଼ି ଆସିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

**ଜମ୍ମୁ,୧୪।୮**

ମଚାଇଲ ମାତା ମନ୍ଦିରକୁ ଯିବାକୁ ହେଲେ କିସ୍ତୱାର ସହରରୁ ୯୦ କି.ମି. ଦୂର ଚଶୋତି ଗ୍ରାମ ପର୍ଯ୍ୟନ୍ତ ଗାଡ଼ିରେ ଯିବାକୁ ପଡ଼ିଥାଏ। ୯,୫୦୦ ଫୁଟ୍ ଉଚ୍ଚତାରେ ଥିବା ମଚାଇଲ ମାତା ପୀଠକୁ ୮.୫ କି.ମି. ବ୍ୟାପୀ ଟ୍ରେକିଂ ଏଇଠୁ ଆରମ୍ଭ ହୁଏ। ଜୁଲାଇ ୨୫ରୁ

### ୧୬୭ ଉଦ୍ଧାର, ଅନେକ ନିଖୋଜ

ଚାଲିଥିବା ମଚାଇଲ ମାତା ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହେବ। ଏହି ବାର୍ଷିକ ଯାତ୍ରାରେ ସାମିଲ ହେବା ପାଇଁ ଗୁରୁବାର ସେଠାରେ ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ହଠାତ୍ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଘରଦ୍ୱାର, ଦୋକାନ, ପୋଲିସ ଫାଣ୍ଡି ଓ ଭକ୍ତଙ୍କ ଆଶ୍ରୟସ୍ଥଳୀ ଭାସିଯାଇଥିଲା। ପାହାଡ଼ ଉପରୁ କାଦୁଅ ପାଣି ମାଡ଼ିଆସି ଧ୍ୱଂସଲୀଳା ଭିଆଉଥିବାବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଓ ସେନା ଯବାନଙ୍କ ସହ ପୋଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯବାନମାନେ ଅଦ୍ୟାବଧି ୪୬ ମୃତଦେହ ଠାବ ☞ ପୃଷ୍ଠା–୨

## ବୁଲା କୁକୁର ମାମଲା ରାୟ ସଂରକ୍ଷିତ

# ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାରୁ ସବୁ ସମସ୍ୟା: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪।୮(ପି.ଟି.)**

ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ନିଷ୍କ୍ରିୟତା କାରଣରୁ ଦିଲ୍ଲୀ–ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୁଲା କୁକୁରଙ୍କୁ ନେଇ ସବୁ ସମସ୍ୟା ସୃଷ୍ଟି ହେଉଥିବା ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଗତ ୧୧ ତାରିଖର ରାୟ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ଦିଲ୍ଲୀ–ଏନ୍‌ସିଆର୍ ଅଞ୍ଚଳର ସମସ୍ତ ବୁଲା କୁକୁରଙ୍କୁ ଯଥାଶୀଘ୍ର ସମ୍ଭବ ଧରିନେଇ ସେମାନଙ୍କୁ ଆଶ୍ରୟସ୍ଥଳରେ ରଖିବା ପାଇଁ ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଏଭଳି ରାୟକୁ ନେଇ ପ୍ରାଣୀପ୍ରେମୀ ସଂଗଠନ ସମେତ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରି ସବୁ ସମସ୍ୟା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଯେଉଁମାନେ ସୁପ୍ରିମକୋର୍ଟ ଆସି ରାୟର ☞ ପୃଷ୍ଠା–୨










# 'ଦେଶ ସ୍ୱାଧୀନ ହେବା ଖବର ଶୁଣି ଦୀର୍ଘଦିନର ଯନ୍ତ୍ରଣା ଭୁଲି ଯାଇଥିଲୁ'

ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ। ୯୮ ବର୍ଷ ବୟସରେ ବି ସେ ଚଳଚଞ୍ଚଳ। ଏବେବି ତାଙ୍କ କଥାବାର୍ତ୍ତାରେ ସଂଗ୍ରାମୀର ଗାଥା ଫୁଟି ଉଠେ। ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହ ପଞ୍ଚାୟତର କମାରବନ୍ଧ ଗ୍ରାମରେ ତାଙ୍କ ଘର। ୧୯୨୭ ଫେବୃଆରୀ ୨୮ରେ ତାଙ୍କର ଜନ୍ମ। ପରିବାର କହିଲେ ଶଯ୍ୟାଶାୟୀ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ(୮୬), ୨ ପୁଅ, ୪ ଝିଅ ଓ ୩ ନାତି ନାତୁଣୀ। ଗାଁରେ ପରିବାର ସହ ସେ ଜୀବନଯାପନ କରୁଛନ୍ତି। ସେ କହନ୍ତି, ୧୯୪୨ ଅଗଷ୍ଟ ୭, ୮ ଓ ୯ରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ମହାରାଷ୍ଟ୍ରର ବମ୍ବେଠାରେ ସଭା ଆୟୋଜନ ହୋଇଥିଲା। ଅବଶ୍ୟ ୯ରେ ଗାନ୍ଧୀଙ୍କ 'କର ବା ମର' ଡାକରାକୁ ନେଇ ଇଂରେଜଙ୍କୁ ଦେଶରୁ ହଟେଇବା ଲାଗି ଆରମ୍ଭ ହୋଇଥିଲା ଆନ୍ଦୋଳନ।


ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ

ତେବେ ଏହି ସମୟରେ ଓଡ଼ିଶାର ମହାନ୍ ସଂଗ୍ରାମୀ ବୈଷ୍ଣବ ନାୟକଙ୍କ ନେତୃତ୍ୱରେ ସାମିଲ ହୋଇ ବ୍ରଜକିଶୋର ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ସହ ବିଭିନ୍ନ ଅଞ୍ଚଳରେ ଇଂରେଜମାନଙ୍କ ବିରୋଧରେ ପ୍ରଚାର କରିବା, ବିଦେଶୀ ଜିନିଷ ପରିତ୍ୟାଗ କରିବା, କୁଟି ଖାଅ କାଟି ପିନ୍ଧ, ନିଜକୁ ନିଜେ କିପରି ସ୍ୱାବଲମ୍ବୀ ହେବା ଆଦି ବିଭିନ୍ନ ଦିଗକୁ ନେଇ ଲୋକଙ୍କ ମଧ୍ୟରେ ପ୍ରସାର କରିଥିଲେ। ଏହାର ପରବର୍ତ୍ତୀ ସମୟରେ ଭାରତବର୍ଷରେ ପ୍ରାୟ ୬୨ହଜାର ସଂଗ୍ରାମୀ ଜେଲ ଯାଇଥିଲେ। ଏତେ ସଂଖ୍ୟକ ସଂଗ୍ରାମୀଙ୍କୁ ଜେଲ ହୋଇଥିବାରୁ ଲୋକେ ଆହୁରି ଉତ୍ତ୍ୟକ୍ତ ହୋଇ ଇଂରେଜ ସରକାର ବିରୋଧରେ ଜୋରଦାର ଲଢ଼େଇ କଲେ। ବ୍ରିଟିଶ ସରକାର ବାଧହୋଇ ୬୨ହଜାର ଲୋକଙ୍କ ମଧ୍ୟରୁ କେବଳ ୧୪ହଜାର ଲୋକଙ୍କୁ ଜେଲରେ ଭର୍ତ୍ତି କରିଥିଲେ। ଏହି ଆନ୍ଦୋଳନରେ ୯୪୦ ଲୋକଙ୍କୁ ଫାଶୀ ଦିଆଯାଇଥିଲା। ତନ୍ମଧ୍ୟରୁ ଓଡ଼ିଶାର ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ଏପ୍ରିଲ ୨୯ରେ ବ୍ରିଟିଶ ସରକାର ଫାଶୀ ଦେଇଥିଲେ। ଏହାକୁ ନେଇ ଭାରତ ବର୍ଷରେ ଏକ ବୈପ୍ଳବିକ ବାତାବରଣ ସୃଷ୍ଟି ହୋଇଥିଲା। ଭାରତବର୍ଷରେ ଥିବା ୫୫୦ ଡାକଘର, ୨୪୦ ରେଲୱେ ଷ୍ଟେଶନ ଓ ୭୫ ପୋଲିସ ଷ୍ଟେଶନ ସହ ବହୁ ସରକାରୀ ଅଫିସ ପୋଡ଼ି ଦିଆଯାଇଥିଲା। ଏହି ଆନ୍ଦୋଳନ ବହୁ ବର୍ଷ ଧରି ଲାଗିରହିବା ହେତୁ ବ୍ରିଟିଶ ସରକାର ବାଧହୋଇ ଭାରତ ଛାଡ଼ିଥିଲେ। ଶେଷରେ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହୋଇଥିଲା।

ଏ ସମ୍ପର୍କରେ ବ୍ରଜକିଶୋର କହିଛନ୍ତି, ଦେଶ ସ୍ୱାଧୀନ ହେବାର ଖବର ଜାଣିବା ପରେ ଜୀବନର ସବୁଠାରୁ ବଡ଼ ଖୁସି ମିଳିବା ଭଳି ଅନୁଭବ ହୋଇଥିଲା। ଦୀର୍ଘଦିନର କଷ୍ଟ, ଯନ୍ତ୍ରଣା ଭୁଲି ଯାଇଥିଲୁ। ସେହି ଖୁସିରେ ଘରେ ଘରେ ଶୁଭ କଳସ ବସାଯିବା ସହ ଦୀପ ଜଳାଯାଇଥିଲା। ଏହା ଏକ ଆନନ୍ଦର ମୁହୂର୍ତ୍ତ ଥିଲା। ଦୀର୍ଘଦିନର ଅନ୍ଧକାର ପରେ ଆଲୋକ ମିଳିବା ପରି ଅନୁଭବ ହୋଇଥିଲା। କିନ୍ତୁ ପର ମୁହୂର୍ତ୍ତରେ ଜାଣିବାକୁ ମିଳିଲା ଯେ ଏହି ଖୁସିର ମୁହୂର୍ତ୍ତରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାତ୍ମା ଗାନ୍ଧୀ ସାମିଲ ହୋଇ ନ ଥିଲେ। ପଶ୍ଚିମବଙ୍ଗର ନୂଆଖାଲିରେ ଏକ ଛୋଟିଆ ଘରେ ରହିଥିଲେ। ସ୍ୱାଧୀନତାର ଶୁଭ ଅବସରରେ ସେ ନିଜକୁ ସାମିଲ କରି ନ ଥିବା ଜାଣିବା ପରେ ମନରେ ଦୁଃଖ ଆସିଥିଲା। ସେ ଚାହିଁ ନ ଥିଲେ କ୍ଷମତାର ବିନିମୟ, ସେ କହିଥିଲେ 'ଯେଉଁମାନେ କ୍ଷମତା ପାଇଁ ପାଗଳ, ଶାସନ ଲୋଭୀ ସେହିମାନେ ସେ ଉତ୍ସବକୁ ପାଳନ୍ତୁ, ମୋର ଯିବା ଦରକାର ନାହିଁ'। ସବୁ ଖୁସି ଭିତରେ ସେହି କଥା ସେମାନଙ୍କୁ ଦୁଃଖ ଦେଇଥିଲା ବୋଲି ବ୍ରଜକିଶୋର କହିଛନ୍ତି।

ଏଥିସହ ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ମୃତ୍ୟୁବରଣ କରିଥିବା ଓ ଜେଲ ଯାଇଥିବା ସଂଗ୍ରାମୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ସଭାସମିତି କରୁଥିଲେ। ରାଜ୍ୟର ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଇବା, ସେମାନେ କିପରି ନିଜର ଜୀବିକା ନିର୍ବାହ କରିବେ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି କରୁଥିଲେ। ବ୍ରଜକିଶୋର କୁହନ୍ତି, ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହା ଦେଖିବାକୁ ମିଳୁନାହିଁ। ଏହା ତାଙ୍କୁ ଅନେକ କଷ୍ଟ ଦେଉଛି। ଆହୁରି ମଧ୍ୟ ଗାନ୍ଧିଜୀଙ୍କ ବାର୍ତ୍ତା ଥିଲା କଠିନ ପରିଶ୍ରମ କରିବା, ଜଣେ ମହିଳା ବାହାରକୁ ଗଲେ ନିର୍ଦ୍ୱନ୍ଦ୍ୱରେ ଘରକୁ ଫେରିବା, ମଦ ନିଷେଧ ହେଲେ ଦେଶ ପ୍ରକୃତ ସ୍ୱାଧୀନ ହେଲା ବୋଲି ଆମେ ଭାବିବା। କିନ୍ତୁ ଗୋଟେ ଦୁଃଖ ଯେ ଗାନ୍ଧିଜୀଙ୍କ ଚିନ୍ତାଧାରା, ନୀତି ଆଦର୍ଶ ଓ ନେତୃତ୍ୱ ଏବେ ଆଉ ଦେଖିବାକୁ ମିଳୁନାହିଁ। ଯାହାକି ବଡ଼ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି।

-ରିପୋର୍ଟ: **ସନାତନ ରାଉତ, ଭଦ୍ରକ**


ସ୍ୱାଧୀନତା ଦିବସ ପୂର୍ବରୁ ଭୁବନେଶ୍ୱରଠାରେ ୨ ସ୍କୁଲ ଛାତ୍ରୀ ତ୍ରିରଙ୍ଗାରେ ସଜେଇ ହୋଇଛନ୍ତି। (ଫଟୋ: ବିକାଶ ନାୟକ)

# ତ୍ରିରଙ୍ଗା

ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଭାରତ ଇତିହାସରେ ଏହା ଏକ ଗୌରବମୟ ଦିବସ। ଏହି ଦିବସକୁ ସାରା ଦେଶ ବିଜୟ ସଂକଳ୍ପ ଦିବସ ରୂପେ ପାଳନ କରୁଛି। ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଆମର ଜାତୀୟ ପତାକା ଆମ ଏକତା, ସଂହତି ଓ ଭ୍ରାତୃଭାବର ପ୍ରତୀକ ଅଟେ। ଭାରତର ତ୍ରିରଙ୍ଗା କେବଳ ତିନିଟି ରଙ୍ଗର ସମାହାର ନୁହେଁ ବରଂ ଆମ ଅତୀତର ଗୌରବ, ବର୍ତ୍ତମାନର ପ୍ରତିବଦ୍ଧତା ଓ ଭବିଷ୍ୟତର ସ୍ୱପ୍ନର ପ୍ରତିବିମ୍ବ। ଆମ ତ୍ରିରଙ୍ଗା ଭାରତର ଏକତା, ଭାରତର ଅଖଣ୍ଡତା ଓ ଭାରତର ବିବିଧତାର ମଧ୍ୟ ପ୍ରତୀକ। ଆମ ସଂଗ୍ରାମୀମାନେ ତ୍ରିରଙ୍ଗାରେ ଦେଶର ଭବିଷ୍ୟତ ଦେଖିଥିଲେ, ଦେଶର ସ୍ୱପ୍ନ ଦେଖିଥିଲେ ଓ ଏହାକୁ କେବେ ନଇଁବାକୁ ଦେଇ ନ ଥିଲେ।

ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ଯେତେବେଳେ ନୂଆ ଭାରତର ଯାତ୍ରା ଆରମ୍ଭ କରୁଛେ ସେତେବେଳେ ତ୍ରିରଙ୍ଗା ପୁଣି ଥରେ ଭାରତର ଏକତା ଓ ଚେତନାକୁ ପ୍ରତିଧ୍ୱନିତ କରୁଛି। ଗୌରବର ପ୍ରତୀକ ତ୍ରିରଙ୍ଗା ଆଜି ନିଶ୍ଚିତ ସଙ୍କେତ କରୁଛି ଯେ ଏ ହେଉଛି ସେଇ ଭାରତବର୍ଷ, ଯାହାର ତ୍ୟାଗ, ଆତ୍ମବଳିଦାନ, ସଂଗ୍ରାମ ଓ ବୀରତ୍ୱ ହେଉଛି ତା'ର ଇତିହାସ। ଏ ଦେଶର ମହାନ୍ ବୀରପୁରୁଷ ଯେଉଁମାନଙ୍କର ତ୍ୟାଗ, ବଳିଦାନ ଦେଶକୁ ଆଣି ଦେଇଥିଲା ସ୍ୱାଧୀନତା। ଦେଶ ସ୍ୱାଧୀନ ହେଲା, ଫିରିଙ୍ଗି ଶାସନ ହଟିଲା। ମୁକ୍ତି ଯୁଦ୍ଧରେ ଅନେକ ଶହୀଦ ହେଲେ। ସଂଗ୍ରାମୀଙ୍କ ଲହୁ ଲୁହରେ ଲେଖାହେଲା ସ୍ୱାଧୀନତାର ଇତିହାସ। ମାଟି ପାଇଁ ନିଜର ସାମର୍ଥ୍ୟ, ଜୀବନ, ବଳିଦାନ ଦେଇ ଆଜି ସେହି ମହାନ୍ ସଂଗ୍ରାମୀମାନେ ଚିରସ୍ମରଣୀୟ। ଏ ଦେଶର ମହାନ୍ ବୀରପୁରୁଷ ଓ ମହୀୟସୀ ମହିଳାମାନଙ୍କୁ ଏହି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଏ ମାଟି, ଏ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ବିଶ୍ୱ ଇତିହାସକୁ ସମୃଦ୍ଧ କରିଛି। ସ୍ୱାଧୀନତା ସେନାନୀଙ୍କ ପ୍ରେରଣା ଓ ଦେଶ ବିକାଶରେ ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେପକାଇ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ନେବା ଏହି ମହୋତ୍ସବର ଲକ୍ଷ୍ୟ।

– **ଚିତ୍ତରଞ୍ଜନ ପୃଷ୍ଟି,**
ମୋ: ୯୭୭୮୧୭୬୭୫୦୧



ଧରିତ୍ରୀ 51 Years
ଧରିତ୍ରୀ
DHARITRI


# ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ପ୍ରକାଶ କର

**ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଗୁରୁବାର ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ, ବିବରଣୀ ଓ ଡିଲିଟ୍ କରାଯିବାର ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ଶୀର୍ଷ ଅଦାଲତ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାଲିକା ଏବଂ ଏତେ ସଂଖ୍ୟକ ମତଦାତାଙ୍କୁ ହଟାଯିବା ପଛର କାରଣ ସମ୍ପର୍କରେ ଇସିଆଇଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ। ଏହି ତାଲିକାକୁ ଏପରି ବ୍ୟାପକ ଭାବେ ପ୍ରକାଶ କରାଯିବା ଆବଶ୍ୟକ, ଯେମିତିକି ସମସ୍ତେ ଏହାକୁ ଦେଖିପାରିବେ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି।**

## ବିହାର ଏସ୍ଆଇଆର୍: ଇସିଆଇଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୪।୮

ଜୁନ୍ ୨୪ରେ ଇସିଆଇ ବିହାର ଭୋଟର ତାଲିକାର ଏସ୍ଆଇଆର୍ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏସ୍ଆଇଆର୍ ନାଗରିକମାନଙ୍କ ମତଦାନ ଅଧିକାର ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ କହି ଏହା ବିରୋଧରେ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆବେଦନ କରାଯାଇଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି କହିଛନ୍ତି, ମୃତକ, ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାୟନ କରିଥିବା କିମ୍ବା ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କ ନାମ ସମ୍ବଳିତ ତାଲିକା ସହ ସେମାନଙ୍କୁ କେଉଁ କାରଣରୁ ବାଦ୍ ଦିଆଯାଇଛି ସେ ସମ୍ପର୍କରେ କାରଣ ଉଲ୍ଲେଖ କରି ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ଏବଂ ଜିଲାସ୍ତରୀୟ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ଥାନୀୟ ଭାଷାର ଖବରକାଗଜ ଓ ଇଂଲିଶ୍ ଦୈନିକ ସହ ଟିଭି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଜରିଆରେ ବିସ୍ତୃତ ଭାବେ ପ୍ରକାଶ କରିବେ। ଏହି ତାଲିକା କେଉଁଠି ଉପଲବ୍ଧ ହେବ ତାହା ମଧ୍ୟ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ରହିଛି।

ଖଣ୍ଡପୀଠ ଆହୁରି କହିଛନ୍ତି, ତାଲିକାରୁ ଯେଉଁମାନଙ୍କ ନାମ କଟିଯାଇଛି, ସେମାନେ ନିଜ ଆଧାର କାର୍ଡ ସହ ନିର୍ବାଚନ ଅଧିକାରୀଙ୍କୁ ଭେଟି ସଂଶୋଧନ କରାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଅଗଷ୍ଟ ୨୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଇସିଆଇ ସୁପ୍ରିମକୋର୍ଟ ନିର୍ଦ୍ଦେଶର ଅନୁପାଳନ ସମ୍ପର୍କିତ ଏକ ରିପୋର୍ଟ ଦାଖଲ କରିବେ।

ପ୍ରକାଶ ଯେ, ପୂର୍ବରୁ ପଞ୍ଜୀକୃତ ମତଦାତାଙ୍କୁ ଚିଠା ଭୋଟର ତାଲିକାରେ ସାମିଲ କରା ନ ଯିବାର କାରଣ ଅଗଷ୍ଟ ୧ରେ ନିର୍ବାଚନ କମିଶନ ଦର୍ଶାଇଥିଲେ। ୨୨.୩୪ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୩୬.୨୮ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ଏବଂ ୭.୦୧ ଲକ୍ଷ ମତଦାତାଙ୍କ ନାମ ଏକାଧିକ ସ୍ଥାନରେ ରହିଥିବା ଏଥିରେ ଇସି ଉଲ୍ଲେଖ କରିଥିଲେ। କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କିତ ଇସିଙ୍କ ପର୍ଯ୍ୟାପ୍ତ କ୍ଷମତା ରହିଛି। ଏହାସତ୍ତ୍ୱେ ଇସିଆଇଙ୍କୁ ରାଜନୈତିକ ଆକ୍ରୋଶ ରଖି ଟାର୍ଗେଟ କରାଯାଉଛି। ଇସିଆଇ ବର୍ତ୍ତମାନ ରାଜନୈତିକ ଦଳଗୁଡ଼ିକର ବିବାଦ ଭିତରେ ଛନ୍ଦିହୋଇଯାଇଛନ୍ତି। ସେମାନେ ନିର୍ବାଚନରେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଇଭିଏମ୍ ଖରାପ ବୋଲି ଦ୍ୱିବେଦୀ କହିଥିଲେ। ୨୦୦୩ ଭୋଟର ତାଲିକାରେ ରହିଥିବା ବିହାରର ୬.୫ କୋଟି ଲୋକଙ୍କୁ ଏସ୍ଆଇଆର୍ ପାଇଁ କୌଣସି ଦସ୍ତାବିଜ ଦାଖଲର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ତେବେ ୨୦୦୩ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜଗୁଡ଼ିକୁ ଗ୍ରହଣ କରାଯାଇଥିଲା ସେନେଇ ଗୁରୁବାର ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ବୁଧବାର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ଭୋଟର ତାଲିକା ସ୍ଥିର ନୁହେଁ। ସମୟାନୁସାରେ ଏଥିରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ।



‘ହର୍ ଘର୍ ତିରଙ୍ଗା’ କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# କେନ୍ଦ୍ର ସହଯୋଗରେ ହେବ ମେଟ୍ରୋ ରେଳ ପ୍ରକଳ୍ପ: ମନ୍ତ୍ରୀ

- **ଅନ୍ୟ ରାଜ୍ୟରେ ମେଟ୍ରୋ କ୍ଷତିରେ ଚାଲିଛି: ଉପମୁଖ୍ୟମନ୍ତ୍ରୀ ସିଂଦେଓ**
- **ମେଟ୍ରୋ ନେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି**

ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର)

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କରାଯିବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଟେକ୍ନିକାଲ କମିଟି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ନୂଆ ଟ୍ରାକ୍ ନେଇ କମିଟି ରିପୋର୍ଟ ଦେବେ। ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ଦ୍ୱିତୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ବୈଠକରେ କମ୍ପ୍ରେହେନ୍‌ସିଭ ମୋବିଲିଟି ପ୍ଲାନ୍ ତିଆରି ହୋଇଛି। କେଉଁ ଅଞ୍ଚଳରେ ଲାଇନ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ ତା’ର ରିପୋର୍ଟ ଟେକ୍ନିକାଲ କମିଟି ଦେବେ। ସାଧାରଣ ଲୋକଙ୍କ ମତାମତ ମଧ୍ୟ ନିଆଯିବ। ପୁରୁଣା ପ୍ରକଳ୍ପ ବନ୍ଦ ହୋଇଛି। ସେସବୁ ରାସ୍ତାରେ ଟ୍ରାଫିକ୍‌ଜାମ୍ ରହୁଛି। ଟେଷ୍ଟିଂ ବେଳେ ଲୋକଙ୍କୁ ହଇରାଣ ହେବାକୁ ପଡିଥିବା ମନ୍ତ୍ରୀ କହିଛନ୍ତି। ମେଟ୍ରୋ କାମ ଚାଲିଥିଲେ ସେସବୁ ରାସ୍ତା ବନ୍ଦ ହୋଇ ଯାଇଥାଆନ୍ତା। ସେଥିପାଇଁ ନୂଆ ଟ୍ରାକ୍ କେଉଁଠି ହେବ ସେନେଇ କମିଟି ରିପୋର୍ଟ ଦେବ ବୋଲି ମନ୍ତ୍ରୀ କହିଛନ୍ତି।

ମେଟ୍ରୋ ପ୍ରକଳ୍ପ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଅନ୍ୟ ରାଜ୍ୟଗୁଡିକରେ ମେଟ୍ରୋ କ୍ଷତିରେ ଚାଲିଛି। ସେଠାକାର ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି। ସେଥିପାଇଁ ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏକ କମିଟି ବିଭିନ୍ନ ରାଜ୍ୟକୁ ଯାଇ ☞ପୃଷ୍ଠା-୨

# ସାପକାମୁଡ଼ାରେ ମା’ପୁଅଙ୍କ ମୃତ୍ୟୁ

ଆନନ୍ଦପୁର,୧୪।୮(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ରାଧିକାଦେଇପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣୀ ଓ ତାଙ୍କ ୧୦ ବର୍ଷର ପୁଅ ଗଣେଶ। ସୂଚନା ଅନୁଯାୟୀ, ବୁଧବାର ରାତିରେ ଖାଇସାରି ସପରିବାରେ ଘରେ ତଳେ ଶପ ବିଛେଇ ଶୋଇଥିଲା ବେଳେ ଏକ ବିଷଧର ସାପ ଜେମାମଣୀ ଓ ଗଣେଶଙ୍କୁ କାମୁଡ଼ି ଦେଇଥିଲା। ରାତି ୧ଟା ସମୟରେ ସୁନୀଲ ଉଭୟଙ୍କୁ ବାଇକ୍‌ରେ ☞ପୃଷ୍ଠା-୨




## 79ତମ ସ୍ୱାଧୀନତା ଦିବସ ଅବସରରେ ଆତ୍ମନିର୍ଭର ଭାରତ ନିର୍ମାଣର ସଂକଳ୍ପ ନିଅନ୍ତୁ



**ଆର୍ଥିକ ସ୍ୱାଧୀନତା** ଅକ୍ସଫାମ୍ ଗ୍ଲୋବାଲ ୟୁ.କେ. ଏବଂ ଅନ୍ୟାନ୍ୟ ଉତ୍ସର ସର୍ଭେ ଅନୁଯାୟୀ, 1765ରୁ 1900 ମଧ୍ୟରେ ବିଦେଶୀ କମ୍ପାନୀ ଓ ଆକ୍ରମଣକାରୀମାନେ ଭାରତରୁ 100 ଟ୍ରିଲିୟନ୍ ଡଲାରରୁ ଅଧିକ ଲୁଟ୍ କରିଥିଲେ । ଆଜି ମଧ୍ୟ ପ୍ରତି ବର୍ଷ ବିଦେଶୀ କମ୍ପାନୀଗୁଡ଼ିକ ବ୍ୟବସାୟ ନାଁରେ ଦେଶରୁ ହଜାର-ଲକ୍ଷ କୋଟି ବିଦେଶକୁ ନେଇଯାଉଛନ୍ତି । ସ୍ୱାମିଜୀ ସ୍ୱଦେଶୀ ମାଧ୍ୟମରେ ଏହି ଲୁଟ୍‌କୁ ରୋକିବା ଏବଂ ଭାରତକୁ ଆର୍ଥିକ ମହାଶକ୍ତି ଅଭିମୁଖେ ଅଗ୍ରସର କରିବା ପାଇଁ ସଂକଳ୍ପବଦ୍ଧ ଅଟନ୍ତି । ଅର୍ଥରୁ ପରମାର୍ଥ (Prosperity for Charity): ପତଞ୍ଜଳି ନିଜର 100% ଲାଭକୁ ଭାରତମାତାଙ୍କ ସେବାରେ ଉତ୍ସର୍ଗ କରିଥିଲା, କରୁଅଛି ଏବଂ ଭବିଷ୍ୟତରେ ମଧ୍ୟ କରିବ । ଆଜି ସ୍ୱାଧୀନତା ଦିବସ ଅବସରରେ 100% ସ୍ୱଦେଶୀ ଆପଣାଇବାର ବ୍ରତ ନେଇ ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଢ଼ନ୍ତୁ ।

**ଶିକ୍ଷାର ସ୍ୱାଧୀନତା** 1835ରେ ମ୍ୟାକଲେଙ୍କ ଦ୍ୱାରା ସ୍ଥାପିତ ଗୋଲାମିର ଶିକ୍ଷା ବ୍ୟବସ୍ଥାକୁ ଭାଙ୍ଗନ୍ତୁ । ଭାରତୀୟ ଶିକ୍ଷା ବୋର୍ଡରୁ ନିଜର ବିଦ୍ୟାଳୟକୁ ଯୋଡ଼ନ୍ତୁ (Affiliate କରନ୍ତୁ)। ନିଜର ପିଲାମାନଙ୍କୁ BSB ସହ ଅନୁବନ୍ଧିତ ବିଦ୍ୟାଳୟରେ ହିଁ ପଢ଼ାଇବା ବ୍ରତ ନେଇ ଦିବ୍ୟ ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଚରିତ୍ରଯୁକ୍ତ ଯୁବପିଢ଼ି ନିର୍ମାଣ ପାଇଁ ସମସ୍ତେ ଆଗେଇ ଆସନ୍ତୁ, ଶିକ୍ଷାର ଗୋଲାମିରୁ ଭାରତମାତାଙ୍କୁ ସ୍ୱାଧୀନତା ଦିଅନ୍ତୁ ।

**ଚିକିତ୍ସାର ସ୍ୱାଧୀନତା** ଡ୍ରଗ୍ ମାଫିଆ ଓ ମେଡିକାଲ ମାଫିଆଙ୍କ ଷଡ଼ଯନ୍ତ୍ର ବିଫଳ ହୋଇଛି, ଶେଷରେ ସତ୍ୟର ବିଜୟ ହୋଇଛି । ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ସିନ୍ଥେଟିକ୍ ଔଷଧଗୁଡ଼ିକୁ ବଏକଟ୍ କରନ୍ତୁ । ଯୋଗ, ଆୟୁର୍ବେଦ ଦ୍ୱାରା ରୋଗଗୁଡ଼ିକୁ ମୂଳରୁ ଦୂର କରିବା ପାଇଁ ସାରା ଦେଶରେ ବ୍ୟାପ୍ତ 10 ହଜାରରୁ ଅଧିକ ପତଞ୍ଜଳି କେନ୍ଦ୍ରରେ ଚିକିତ୍ସାର ଲାଭ ନିଅନ୍ତୁ । ପତଞ୍ଜଳିର ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ ଆପଣାନ୍ତୁ । ନିଃଶୁଳ୍କ ଚିକିତ୍ସା ପରାମର୍ଶ ପାଇଁ ଯୋଗାଯୋଗ କରନ୍ତୁ: **1800 296 1111**
ଶ୍ରେଷ୍ଠତମ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ, ନିରାମୟମ୍‌କୁ ଆସନ୍ତୁ । ବୁକିଂ ପାଇଁ ଯୋଗାଯୋଗ କରନ୍ତୁ: **8954666111, 8954666222** (ସକାଳ 6 ରୁ ରାତି 10 ଘଣ୍ଟିକା ପର୍ଯ୍ୟନ୍ତ)

**ବୈଚାରିକ ଓ ସାଂସ୍କୃତିକ ସ୍ୱାଧୀନତା** ସନାତନ ଧର୍ମର ଶାଶ୍ୱତ ମୂଲ୍ୟବୋଧ, ଆଦର୍ଶ ଓ ସିଦ୍ଧାନ୍ତକୁ ଜନଗଣଙ୍କ ଜୀବନଶୈଳୀରେ ପରିଣତ କରି ସନାତନ ଧର୍ମକୁ ଯୁଗ ଧର୍ମ ଭାବେ ସ୍ଥାପିତ କରିବା ପାଇଁ ପତଞ୍ଜଳି ସଂସ୍ଥା ଓ ସଂଗଠନ ସହ ଯୋଗ ଦିଅନ୍ତୁ ।
ଯୋଗଗୁରୁ ସ୍ୱାମୀ ରାମଦେବଜୀଙ୍କୁ ପ୍ରତିଦିନ ସକାଳ 5:00 ଘଣ୍ଟିକାରୁ 7:30 ଓ ରାତ୍ରି 8:00 ଘଣ୍ଟିକାରେ आस्था LIVE ଚ୍ୟାନେଲ୍ ଓ ପ୍ରତ୍ୟହ ସକାଳ 7:56 ଘଣ୍ଟିକାରେ INDIA TV ଚ୍ୟାନେଲ୍ ଓ ରାତ୍ରି 9:00 ଘଣ୍ଟିକାରେ संस्कार THE CHANNEL OF INDIA ରେ ଦେଖନ୍ତୁ ।




**ଡେଣ୍ଟାଲ କେୟାର୍** ଦେଶର ନଂ.1 ଟୁଥପେଷ୍ଟ ଓ ଫ୍ରେଶନେଶ୍‌ର ନୂଆ ଅବତାର ଦନ୍ତକାନ୍ତି ଫ୍ରେଶ୍ ଆକ୍ଟିଭ୍ ଜେଲ୍ ।

**ହେୟାର କେୟାର୍** ଜଡ଼ିବୁଟିର ଶକ୍ତିରୁ ପ୍ରାକୃତିକ ପୋଷଣ ଦେଇ ହେୟାର୍ ଫଲ୍ ଓ ରୁପି ଆଦି ସମସ୍ୟାରୁ ମୁକ୍ତି ଦିଏ ।

**ପର୍ସନାଲ କେୟାର୍** ଏଲୋଭେରା, ହଳଦୀ, ଗୋଲାପ ଆଦି ଗୁଣରେ ତ୍ୱଚାରେ ପାଆନ୍ତୁ ପ୍ରାକୃତିକ ଚମକ ।




**ଫୁଡ୍ ପ୍ରଡକ୍ଟସ୍** ଦେଶର ନଂ.1 କାଓ ମିଲ୍କ ବିସ୍କିଟ, ହେଲ୍‌ଦି କୁକିଜ୍ ଓ ନୁଡଲ୍ସ, ମଇଦା ଓ ଟ୍ରାନ୍ସ ଫ୍ୟାଟ୍ ମୁକ୍ତ । ଦେଶର ନଂ.1 ଗାଈ ଘିଅ, ସୋରିଷ ତେଲ ଓ ରାଇସ୍ ବ୍ରାନ୍ ଅଏଲ୍ ଆଦି ହେଲ୍‌ଦି ପ୍ରଡକ୍ଟସ୍।

**ହେଲ୍‌ଥ କେୟାର୍** ପତଞ୍ଜଳିର କୌଣସି ଔଷଧ ଉପରେ କିଛି ବି ପ୍ରତିବନ୍ଧକ ନାହିଁ । ଆମର ସମସ୍ତ ଔଷଧ ପତଞ୍ଜଳି କେନ୍ଦ୍ର ଓ ପ୍ରମୁଖ ଷ୍ଟୋର୍ସରେ ଉପଲବ୍ଧ ।

**ହୋମ୍ କେୟାର୍** କ୍ଷତିକାରକ କେମିକାଲରୁ ନିର୍ମିତ ଉତ୍ପାଦଗୁଡ଼ିକର ବହିଷ୍କାର କରନ୍ତୁ । ପତଞ୍ଜଳିର ସ୍ୱଦେଶୀ ଓ ସାତ୍ତ୍ୱିକ ଉତ୍ପାଦଗୁଡ଼ିକୁ ଆପଣାଇ ଦେଶସେବାରେ ଯୋଗଦାନ ଦିଅନ୍ତୁ ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ୍, କୋର୍ଟ କ୍ୟାମ୍ପସ୍, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୭ଟା ୩୦।
- ରସୁଲଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିସ ମେଡ଼ିୟମ୍ ସ୍କୁଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତୀୟ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ୟୁନିଟ୍ ୮, ସମୟ: ସକାଳ ୮ଟା।
- ବିଏମ୍‌ପିଏସ୍ ତକ୍ସିଲା ସ୍କୁଲ୍‌ର ବାର୍ଷିକ ପଦର୍ଶନୀ ଉତ୍ସବ, ସ୍ଥାନ: ସ୍କୁଲ୍ ପରିସର, ସମୟ: ୯ଟା ୩୦।

## କଟକ
- କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାରବାଟୀ ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ସକାଳ ୯ଟା।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୫।
- ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଜୀବନାନୁଭୂତି ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଭୀପ୍ସା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଦି ଲିଙ୍ଗ ଚକ୍ଷୁ ଚିକିତ୍ସାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଚତୁର୍ଥ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ, ସ୍ଥାନ: ଥାନା ଛକ, ଜଟଣୀ, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା ୩୦।
- ଜଟଣୀ ପ୍ରେସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ପରିସର, ଜଟଣୀ, ସମୟ ସକାଳ: ୮ଟା ୩୦।
- ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ୭୯ତମ ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେତଙ୍ଗ କଲୋନୀ ସାଇମନ୍ଦିର ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ବିଜେବି ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା ୧୫।
- ଶ୍ରୀ ଗୁରୁକୃପା କୁଟୀର ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବ ଓ ଶ୍ରୀକୃଷ୍ଣ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକୃପା କୁଟୀର, ଶ୍ରୀହରି ବିହାର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟାରୁ।
- ଶ୍ରୀ ସିଦ୍ଧ ମହାବୀର ବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଏବଂ ୧୪ତମ ହନୁମାନ ଚାଳିଶା ପାଠ ଓ ଭଜନ ସମାରୋହ, ସ୍ଥାନ: ଆନ୍ଧ୍ରା ବ୍ୟାଙ୍କ ନିକଟ ଶ୍ରୀ ସିଦ୍ଧ ମହାବୀର ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ପିପୁଲ ଫର ସୋଶାଇଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିଙ୍କ ଭୂମିକା ଆଲୋଚନାଚକ୍ର, ଟାଉନ ହଲ (ସ୍ରଷ୍ଟା), ଜଟଣୀ, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୧୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେଞ୍ଜ ସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ତହସିଲରେ ପଟ୍ଟା ବଣ୍ଟନ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ପଞ୍ଚାୟତରେ ସ୍ୱାଧୀନତା ଦିବସ, ସ୍ଥାନ: ମନ୍ଦାରସାହି ଓ ହୁଗୁଳି ପଞ୍ଚାୟତ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରାମଧୂନ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ଭୋର ୪ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ପ୍ରେସ୍ କ୍ଲବ୍, ଅବସରପ୍ରାପ୍ତ ସୈନିକ ସଂଘ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଶିଶୁବିହାର, ବାସୁଦେବପୁର, ସମୟ: ସକାଳ ୮ଟା।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୫୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ମା' ତୁମେ ସଲାମ କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ୭୯ତମ ସ୍ୱାଧୀନତା ଦିବସ ପାଳନ, ଜାତୀୟ ସଙ୍ଗୀତ ଗାନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ: ଯୋଡ଼ା ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ୭୯ ତମ ସ୍ୱାଧିନତା ଦିବସ ପାଳନ, ସ୍ଥାନ: ଆଇନଜୀବୀ ସଂଘ, ବଡ଼ବିଲ, ସମୟ: ସକାଳ ୭ ଟା ୧୫। ସ୍ଥାନ: ଐକ୍ୟ କ୍ଷେତ୍ର, ବଡ଼ବିଲ, ସମୟ : ସକାଳ ୭ ଟା ୩୦। ସ୍ଥାନ: ନୀଳାଦ୍ରି, ବଡ଼ବିଲ, ସମୟ : ସକାଳ ୭ ଟା ୪୫। ସ୍ଥାନ: ବଡ଼ବିଲ ପ୍ରେସ କ୍ଲବ୍, ସମୟ : ସକାଳ ୮ଟା। ସ୍ଥାନ: ଜେଏମ୍ଏଫ୍‌ସି କୋର୍ଟ ପରିସର, ସମୟ: ସକାଳ ୮ଟା ୩୦। ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ। ସମୟ: ପୂର୍ବାହ୍ନ ୯ ଟା।
- ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖୁଣ୍ଟା ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପରେଡ ପଡ଼ିଆ ଭଞ୍ଜପୁର, ବାରିପଦା, ସମୟ: ସକାଳ ୯ଟା।
- ବଡ଼ସାହି ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବଡ଼ସାହି ମଇ ସ୍କୁଲ ପଡ଼ିଆ, ବଡ଼ସାହି, ସମୟ: ସକାଳ ୯ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା ୧୫।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ କବି ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହ, ବାରିପଦା, ସମୟ: ଅପରାହ୍ନ ୨ଟା।
- ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ଜିଲାପାଳ ଏକାଦଶ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଇସ୍କନ ବାରିପଦା ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଅଧିବାସ, ସ୍ଥାନ: ହେମଚନ୍ଦ୍ରପୁର ରାଣୀବନ୍ଧ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ–ସକାଳ ୭ଟା ୩୦।
- ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗଜପତି ନଗର ୧ମ ଲେନ, ସମୟ: ସକାଳ ୮ଟା ୩୦।
- ଆୟୁର୍ବେଦିକ କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗୋସାଣୀ ନୂଆ ଗାଁ ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗଜପତି ନଗର ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସପି ଅଫିସ ବାସ୍କେଟ ବଲ୍ କୋର୍ଟ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ
- ଶ୍ରୀଅରବିନ୍ଦଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁଗୁଡ଼ା, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ନ ସାଢେ ୨ଟା।
- ଜାତୀୟ ଦିବସ ପାଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୫ଟା।

## ଅନୁଗୋଳ
- ପ୍ରଶାସନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ୩୦।
- ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ସକାଳ ୯ଟା ୧୫।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମବେତ ପରେଡ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଇସ୍କନର ପ୍ରତିଷ୍ଠାନା ଆଚାର୍ଯ୍ୟ ଶ୍ରୀମଦ୍ ଏସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ସାଢ଼େ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଧର୍ମଶାଳା ପଞ୍ଚାୟତ ସମିତି ଓ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ଜାରକା ରୋଟାରି ଓ ଇନରହୁଇଲ୍ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜାରକା ଫ୍ଲାଏ ଓଭରବ୍ରିଜ୍ ତଳ, ସମୟ: ସକାଳ ୮ଟା।
- ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ: ସକାଳ ୭ଟା, ପ୍ରବଚନ ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା।
- ଜନ୍ମାଷ୍ଟମୀ ପର୍ବ, ସ୍ଥାନ: ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସନ୍ଧ୍ୟା ୭ଟା।
- ଜନ୍ମାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଭରତ ମହାନ୍ତି ସ୍ମୃତି ପରିଷଦ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋ, ସମୟ ପୂର୍ବାହ୍ନ୧୦ଟା।
- ଶିକ୍ଷାବିତ ଭିକାରୀ ସେଠୀ ସ୍ମାରକୀ ସ୍ମୃତି ପରିଷଦ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ସମୂହ ପାରେଡ, ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ଼ ପିଟିଏସ୍, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମୟ: ସକାଳ ସାଢ଼େ ୭ଟା।
- ଜନ୍ମାଷ୍ଟମୀ ଅବସରରେ ନବାହ୍ନ ପ୍ରସାଦ ବଣ୍ଟନର ୨ୟ ବାର୍ଷିକ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ ପୁରୁଣା ସହର ଗୋପିନାଥ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସକାଳ ୯ଟା୧୫।
- ଉତ୍ସର୍ଗ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ଶୃଙ୍ଖଳା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମଣ୍ଡଳ କାରାଗାର, ନାରୀ ବନ୍ଦୀ ନିକେତନ, ଜିଲା ମୁଖ୍ୟ ଚିକିତ୍ସାଳୟ, ଓ ଦୁର୍ଗାପାଲିସ୍ଥିତ ଦୟାମଣୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଜେକେଜେଏସ୍ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଷ୍ଟାଡିୟମ, ଲୋଇସିଂହା, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପ୍ରତିଯୋଗିତାରେ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ପଞ୍ଚାୟତ ହାଇସ୍କୁଲ, ବୁର୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀଆଲୋକ ପାଠାଗାର ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଲ୍ଲୀଆଲୋକ ପାଠାଗାର, ନଅଗାଁ(ଖ) ଆଗଲପୁର ବ୍ଲକ, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରୀ, ସ୍ଥାନ: ବଲାଙ୍ଗୀର ସହର ମୁଖ୍ୟ ରାସ୍ତା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ପୃଥ୍ୱୀରାଜ ହାଇସ୍କୁଲରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମନୋହରପୁର ପୋଲିସ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।
- ଜିଲାପାଳ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ଆର୍‌ଏସ୍‌ପି ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜର୍ନାଲିଷ୍ଟ ଆସୋସିଏଶନର ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୨୧, ସମୟ: ସକାଳ ୮ଟା।
- ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ପୂର୍ବାହ୍ନ ୯ଟା ୧୫।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ନିକଟ ଯତରା ପଡିଆ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ, ଜିଲା ପ୍ରେସ୍ କ୍ଲବ ଏବଂ ଜିଲା ପ୍ରେସ୍ କ୍ଲବ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଭବାନୀ ଭବନ ଷ୍ଟାଡିୟମ, ସୁନ୍ଦରଗଡ, ସମୟ: ଅପରାହ୍ନ ୧୨ଟା ୩୦।

## ବରଗଡ଼
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେଶବ ନଗର, ବରଗଡ଼, ସମୟ: ସକାଳ ୭ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ସକାଳ ୭ଟା ୩୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୧୫।

## କଳାହାଣ୍ଡି
- ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାବା ଖଣ୍ଡୁଲ ଖେଳପଡିଆ, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୩୦।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୪୦।
- ଲାଞ୍ଜିଗଡ ବ୍ଲକ ପ୍ରଶାସନର ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ହାଇସ୍କୁଲ ଖେଳପଡିଆ ବିଶ୍ୱନାଥପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣା ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ସ୍ୱାଧୀନତା ଦିବସ ଅବସରରେ ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ପ୍ରଦର୍ଶନୀ ମହିଳା ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଏସ୍ ଜିନିଏସ୍, ସ୍ଥାନ: ଦେବଗଡ଼ ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ୭୯ତମ ଜିଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ଜିଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ପଞ୍ଚମ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜାତିର ପିତା ମହାତ୍ମା ଗାନ୍ଧୀ ଓ ନୂଆପଡା ଜିଲା ଗଠନର ବିନ୍ଧାଣୀ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୫।
- ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମବୋଧକ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୭ଟା।
- ୧୬ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୧୫।
- ୨୫ତମ କେମ୍ପାମଣି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା।

ପ୍ରଥମ ପୃଷ୍ଠାରୁ...

## ବାଦଲଫଟା ବର୍ଷାରେ...

କରିଥିବାବେଳେ ୧୬୭ ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। କିସ୍ତୱାର ଡେପୁଟି କମିଶନର ପଙ୍କଜ କୁମାର ଶର୍ମା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ରେସ୍କ୍ୟୁ ଟିମ୍ ସହ ଘଟଣାସ୍ଥଳକୁ ଯାଇ ବ୍ୟକ୍ତିଗତ ଭାବେ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଲୋକଙ୍କ ଜୀବନ ରକ୍ଷା ସହ ଆହତଙ୍କୁ ସହାୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଥିବା 'X'ରେ ସେନାର ହ୍ୱାଇଟ୍ ନାଇଟ୍ କର୍ ପକ୍ଷରୁ ସୂଚନା ଦିଆଯାଇଛି। ବାଦଲଫଟା ବର୍ଷାଜନିତ ବିପଦ ଆସିବାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଲଙ୍ଗର ସେବା ଚାଲିଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଏହି ଟ୍ରାଜେଡି ପରେ ମଚାଇଲ ମାତା ମନ୍ଦିରକୁ ବାର୍ଷିକ ଯାତ୍ରା ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଏହି ବିପତ୍ତିରେ ଲୋକଙ୍କ ଜୀବନହାନିକୁ ନେଇ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୫ରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁ ଅନେକ ଧନଜୀବନ ହାନି ହେବା ସହ ଶତାଧିକ ଲୋକ ନିଖୋଜ ହୋଇଯାଇଥିଲେ। ଫସିରହିଥିବା ଲୋକଙ୍କୁ ଉଦ୍ଧାର ଜାରି ରହିଥିବାବେଳେ ଏହାର ୯ ଦିନ ପରେ ଜମ୍ମୁ–କଶ୍ମୀରର ଚଶୋଟି ଗ୍ରାମକୁ ଏକ ଅନୁରୂପ ବିପର୍ଯ୍ୟୟ ମାଡ଼ିଆସିଛି।

## ସ୍ଥାନୀୟ କର୍ତ୍ତୃପକ୍ଷଙ୍କ...

ପୁନର୍ବିଚାର ପାଇଁ ଇଣ୍ଟରଭେନ୍‌ଶନ ଦାଖଲ କରୁଛନ୍ତି, ସେମାନଙ୍କୁ ଏହାର ଦାୟିତ୍ୱ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ଦିଲ୍ଲୀ ସରକାର କହିଥିଲେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ଛୋଟ ପିଲାଙ୍କ ମୃତ୍ୟୁ ଘଟୁଛି। ସେଥିପାଇଁ ବୁଲା କୁକୁର ପ୍ରସଙ୍ଗର ସମାଧାନ ଆବଶ୍ୟକ, ଏହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହେବା ଉଚିତ ନୁହେଁ। ଦେଶରେ ବର୍ଷକ ମଧ୍ୟରେ ୩୭ ଲକ୍ଷ କୁକୁର କାମୁଡ଼ା ଘଟଣା ଘଟିଛି। କେହି ପ୍ରାଣୀଙ୍କୁ ଘୃଣା କରୁନାହାନ୍ତି ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଅଦାଲତଙ୍କୁ କହିଥିଲେ। ଏକ ଏନ୍‌ଜିଓ ତରଫରୁ ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହା ଉପରେ ଅଧିକ ବିତର୍କର ଆବଶ୍ୟକତା ରହିଛି। ସେଥିପାଇଁ ଅଗଷ୍ଟ ୧୧ ରାୟକୁ ସ୍ଥଗିତ ରଖିବା ପାଇଁ ସେ ନିବେଦନ କରିଥିଲେ।

## କେନ୍ଦ୍ର ସହଯୋଗରେ ହେବ...

ମେଟ୍ରୋ ପ୍ରକଳ୍ପକୁ ଅନୁଧ୍ୟାନକରି ରିପୋର୍ଟ ଦେବେ। ତାକୁ ଅନୁଧ୍ୟାନକରି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ କଡ଼ା ଜବାବ ରଖାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଭାଜପା ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଦେଶର ବିକଶିତ ରାଜ୍ୟଗୁଡ଼ିକରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ବିଜେଡି ସରକାର ସମୟରେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହେବା ସହ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନର ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ତହବିଲରୁ ୬୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେବାକୁ ଉଦ୍ୟମ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ମାଧ୍ୟମରେ ଆହୁରି ଭ୍ରମ ସୃଷ୍ଟି କରିଛନ୍ତି। ଦେଶରେ ଚାଲୁଥିବା ସମସ୍ତ ମେଟ୍ରୋ ରେଳ ପ୍ରକଳ୍ପ କ୍ଷତିରେ ଚାଲୁଛି ବୋଲି ସେ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଲେନିନ୍ କହିଛନ୍ତି।

## ସାପକାମୁଡ଼ାରେ ମା'ପୁଅଙ୍କ...

ନେଇ ନିକଟସ୍ଥ କେଶଦୂରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଡାକ୍ତର ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ମିଳି ନ ଥିଲା। ଶେଷରେ ସୁନୀଲ ଏକ କାର୍ ଭଡ଼ାକରି ଉଭୟଙ୍କୁ ଭୋର ୩ଟାରେ ଆନନ୍ଦପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଭୋର ୫ଟାରେ ଜେମାମଣୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଘସିପୁରା ପୋଲିସ ୨ ଅପମୃତ୍ୟୁ ମାମଲା(ନଂ.୪୫/୨୫ ଓ ୪୬/୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତରକରି ତଦନ୍ତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସହ ନୂତନ ବସ୍ତ୍ର, ଆଭୂଷଣ ଲାଭ କରିପାରନ୍ତି। ପିଲାଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବାରୁ ମାନସିକ ଅଶାନ୍ତି ଉପୁଜିପାରେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଟେନ୍ସନ ଲାଗି ରହିବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ। ଅବଶ୍ୟ ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରର ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ** କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କଲେ ଭଲ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ସାମାନ୍ୟ ବିତର୍କର ସ୍ଥିତି ଉପୁଜିପାରେ। ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କଳା, ସାହିତ୍ୟ ଓ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି।

**କର୍କଟ** ଆପଣଙ୍କ ଶାନ୍ତ, ସରଳ, ଉଦାରତା ଗୁଣରେ ଶତ୍ରୁ ମଧ୍ୟ ପ୍ରଶଂସାରେ ଶତମୁଖ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ଆଶା କରୁଥିବା ଶୁଭ ଖବର ପ୍ରିୟଜନଙ୍କ ନିକଟରୁ ଶୁଣି ଖୁସି ହେବେ।

**ସିଂହ** ଆଜି ଯେତେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଯେତେପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପଡିବ। ଅବଶ୍ୟ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିପାରେ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକର ସୂଚନା ମଧ୍ୟ ରହିଛି।

**କନ୍ୟା** ଆଜି ଆପଣଙ୍କ ଯୁକ୍ତିଯୁକ୍ତ କଥାବାର୍ତ୍ତା, ତଥ୍ୟ ସମ୍ବଳିତ ଭାଷଣ ପ୍ରଶଂସା ଓ ଉପଢୌକନ ପ୍ରାପ୍ତିରେ ସହାୟକ ହେବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଦେଇଯିବ। ନିଜ ଲୋକଙ୍କ ଭୁଲ୍‌ରୁ ଅଫିସରେ ମତାନ୍ତର ସୃଷ୍ଟି ହେବ। ପରିବହନ, ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ।

**ତୁଳା** ମନରେ ଶୁଦ୍ଧ ଭାବନା ଉଦ୍ରେକ ହେଲେ ମଧ୍ୟ ପାରିବାରିକ ଅସହଯୋଗ ଆଶା ପୂରଣ ଦିଗରେ ପ୍ରତିବନ୍ଧକ ସାଜିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନିଜର ବିଚାର ଅନୁଯାୟୀ କାମ କରିବା ଭଲ ହେବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ** ପରିବର୍ତ୍ତିତ ପରିସ୍ଥିତିଜନିତ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ ହେବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିପାରନ୍ତି। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କରି କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା କରାଯାଇପାରେ।

**ମକର** ଗତକାଲିଠାରୁ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବିଳମ୍ବେ ଆରମ୍ଭ କରିନେବା ଭଲ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହୃଦୟତାରୁ ଆକସ୍ମିକ ଉପସ୍ଥିତରୁ ମୁକୁଳି ଯାଇ ପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରକାଶନ, ସାହିତ୍ୟ ଚର୍ଚ୍ଚାରେ ସଫଳତା ପାଇବେ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। ତଥାପି ସାମୟିକ ଘାତପ୍ରତିଘାତ ମଧ୍ୟଦେଇ କାର୍ଯ୍ୟ ସମ୍ପନ୍ନ ହେବାର ଆଶଙ୍କା ଦେଖାଦେଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବାର ଆଶଙ୍କା ଜାଗ୍ରତ ହେବ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ସମସ୍ୟା ସମାଧାନ ଦିଗକୁ ଗତି କରୁଥିବା ଲକ୍ଷ୍ୟକରି ସାମୟିକ ମନ ଖୁସି ହୋଇଯାଇପାରେ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିଯିବେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ଆଜିର ଯାତ୍ରା, ବ୍ୟବସାୟ, ଲେଖାପଢାରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପ୍ରେରଣାରେ ସମାଜକଲ୍ୟାଣ କାମରେ ଯୋଗ ଦେଇପାରନ୍ତି।

ଆଜି ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଅରବିନ୍ଦ ଜୟନ୍ତୀ, ଭାଦ୍ରବ କୃଷ୍ଣ ସପ୍ତମୀ ଶୁକ୍ରବାର, ରାତ୍ର ଘ.୧୧।୫୦ ମି. ଗତେ, ଅଷ୍ଟମୀ, ରାଶିନକ୍ଷତ୍ର–ସକାଳ ଘ. ୦୭।୩୫ ଗତେ, ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ, ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ଅମୃତବେଳା, ସକାଳ ଘ.୦୫।୩୦ ଗତେ, ଘ.୦୬।୨୧ ମଧ୍ୟେ, ଘ.୦୭।୧୨ ଗତେ, ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧/୫୧ ମଧ୍ୟେ ରାହୁକାଳ।

**ଆଜି ୫ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ**

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଅର୍ଥାତ ଶୁକ୍ରବାର ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

# ସ୍ୱାଭିମାନ ସହ ଖେଳିଲେ ଦଣ୍ଡ ଦେବୁ:ମୁଖ୍ୟମନ୍ତ୍ରୀ

- ଏକତା ସୁଦୃଢ଼ ପାଇଁ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ
- ରାଜଭବନରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ



ଭୁବନେଶ୍ୱର,୧୪।୮
(ରବିନାରାୟଣ ଜେନା)

ଦେଶ ବିଭାଜନ ଦୃଶ୍ୟପଟରେ ଘୃଣାକୁ ପ୍ରତ୍ୟାଖ୍ୟାନ କରି କରୁଣା, ସହନଶୀଳତାର ସହ ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ଗୁରୁବାର ରାଜଭବନ ନ୍ୟୁ-ଅଭିଷେକ ସଭାକକ୍ଷରେ 'ବିଭାଜନ ବିଭୀଷିକା ସ୍ମୃତି' ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଆମ ଦେଶର ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ଭାରତ ବିଭାଜନ ଅନ୍ୟତମ। ଏହି ବିଭାଜନକୁ ଆମେ ଗମ୍ଭୀରତାର ସହ ସ୍ମରଣ କରୁଛୁ, ଯାହା ଆମର କଷ୍ଟଲବ୍ଧ ସ୍ୱାଧୀନତା ସହିତ ଆସିଥିଲା। ଅକଳ୍ପନୀୟ ଯନ୍ତ୍ରଣା ସହିତ ଲକ୍ଷ ଲକ୍ଷ ଲୋକ ନିଜର ଘର, ଜମି ଏବଂ ଶତାବ୍ଦୀ ଶତାବ୍ଦୀର ସହଭାଗୀ ଜୀବନକୁ ପଛରେ ପକାଇ ନୂତନ ସୀମା ପାର ହୋଇ ଭାରତ ଚାଲି ଆସିଥିଲେ। ଆଜି ସ୍ମୃତି ଦିବସରେ ଆମେ କେବଳ ହରାଇଥିବା ଲୋକଙ୍କ ସ୍ମୃତି ନୁହେଁ ବରଂ ବଞ୍ଚିଥିବା ଲୋକଙ୍କ ଦୃଢ଼ତାକୁ ମଧ୍ୟ ସମ୍ମାନ କରିବା। ସେମାନଙ୍କ ଜୀବନକୁ ପୁନଃ ନିର୍ମାଣ କରିବାରେ ସେମାନଙ୍କର ସାହସ ହେଉଛି ସେହି ମୂଳଦୁଆ, ଯାହା ଉପରେ ଆଧୁନିକ ଭାରତ ଛିଡ଼ା ହୋଇଛି। ଭବିଷ୍ୟତ ପିଢ଼ି ଏହି ଦୁଃଖଦ ଘଟଣାର ପରିଣାମ, ସହ୍ୟ କରାଯାଇଥିବା ବଳିଦାନ ଏବଂ ଆମ ଜାତି ପାଇଁ ଏହାଦ୍ୱାରା ରହିଥିବା ଶିକ୍ଷାକୁ ବୁଝିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କେନ୍ଦ୍ରର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏବେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଆମେ ଶାନ୍ତିପ୍ରିୟ, ହେଲେ ଆମ ସ୍ୱାଭିମାନ ସହିତ କେହି ଖେଳିଲେ ଛାଡ଼ିବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ଏହି ଦିବସ କେବଳ ବିଭାଜନ ଓ ବିସ୍ଥାପନ ସମୟର ସ୍ମୃତିଚାରଣ କରିବାର ଅବସର ନୁହେଁ ବରଂ ଭବିଷ୍ୟତ ସମୟକୁ ସୁରକ୍ଷିତ କରିବାର ପ୍ରତିଜ୍ଞା। ବିଭାଜନ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି 'ସୀମା ସିନା ଦେଶକୁ ବାଣ୍ଟିପାରେ, କିନ୍ତୁ ମନକୁ କେହି ବାଣ୍ଟିପାରିବେ ନାହିଁ।' ଧର୍ମ, ଭାଷା, ଜାତିଠାରୁ ବଡ଼ ହେଉଛି ମାନବତା। ଆମେ ଭାରତୀୟ ସର୍ବଦା ସହିଷ୍ଣୁତା, ଭାଇଚାରା, ପ୍ରେମ ଓ ସମ୍ମାନକୁ ପ୍ରଥମରେ ରଖିଛୁ, ଆଉ ସେଥିପାଇଁ କୌଣସି ଶକ୍ତି ଆମକୁ ବାଣ୍ଟିପାରିବ ନାହିଁ। ଆସନ୍ତୁ, ଆମେ ସେହି ସ୍ୱପ୍ନକୁ ଆଗକୁ ନେବା ଓ ଏକ ବିକଶିତ ସାର୍ବଭୌମ ଭାରତ ଗଠନରେ ଯୋଗଦାନ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଜନ ବିଭୀଷିକାର ସ୍ମୃତି ଚାରଣ ବିନା ସ୍ୱାଧୀନତା ଦିବସ ପାଳନ ଅପୂର୍ଣ୍ଣାଙ୍ଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଏହି ବିଭାଜନ ବିଭୀଷିକା ସ୍ମୃତି ଦିବସ ଲାଗି ଜୁନିୟର ମେଣ୍ଟେନାନ୍ସ ଇଞ୍ଜିନିୟର (ଆଇଟି) ପ୍ରୀତମ କୁମାର ବେହେରା ନିମନ୍ତ୍ରଣ କରିଥିବାବେଳେ କାର୍ଯ୍ୟକ୍ରମରେ ନରୁଲା ଓ ହଂସ ପରିବାରର ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୋଟ୍ ଚୋର ଗାଦି ଛାଡ଼:ଭକ୍ତ

**କଂଗ୍ରେସର ମଶାଲ ଶୋଭାଯାତ୍ରା**

ଭୁବନେଶ୍ୱର,୧୪।୮(ରବିନାରାୟଣ ଜେନା)

ଭାଜପାର ଭୋଟ ଚୋରି ସାରା ଦେଶରେ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶାଳ ମଶାଲ ଶୋଭାଯାତ୍ରା ଅବସରରେ ଭକ୍ତ କହିଥିଲେ ଯେ, ନିର୍ବାଚନ କମିଶନଙ୍କ ଜରିଆରେ ଭୋଟ ଚୋରି କରି ଭାଜପା କ୍ଷମତାକୁ ଆସିଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ ତଥ୍ୟ ଓ ପ୍ରମାଣ ଦେଇ ସାରିଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଆଜି ରାଜମହଲଛକ ଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ମଶାଲା ଶୋଭାଯାତ୍ରା କରାଯାଇଛି। ରାଜ୍ୟବାସୀ ଯେଉଁ ସମର୍ଥନ ଜଣାଇଛନ୍ତି ସେଥିରେ ରାଜଧାନୀ କମ୍ପମାନ ହୋଇଛି।







# ରାଜ୍ୟ ସରକାର-ସିଇଜିଆଇଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଏବଂ ସେଣ୍ଟର ଫର ଇଫେକ୍ଟିଭ ଗଭର୍ଣ୍ଣାନ୍ସ ଅଫ ଇଣ୍ଡିଆ ଷ୍ଟେଟ୍ସ(ସିଇଜିଆଇଏସ୍)ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ର ତଥ୍ୟ ଆଧାରିତ ଶାସନ ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏନେଇ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧନରେ ପ୍ରଶାସନିକ ତଥା ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଏକ ୫ ବର୍ଷିଆ ଅଣ-ଆର୍ଥିକ ବୁଝାମଣା ପତ୍ର ଏବଂ ଏହା ବିଶେଷକରି ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହାଦ୍ୱାରା ନୀତି ନିର୍ଦ୍ଧାରକ ଏବଂ ପ୍ରଶାସକମାନେ ଯଥା ସମୟରେ ନିଷ୍ପତ୍ତି ନେବା ପାଇଁ ତଥ୍ୟ ପାଇପାରିବେ। ଯାହା ଯୋଜନାକୁ ସୁଦୃଢ଼ କରିବ, ଶାସନକୁ କାର୍ଯ୍ୟକ୍ଷମ କରିବ ଓ ସେବା ପ୍ରଦାନକୁ ସୁଦୃଢ଼ କରିବ। ସିଇଜିଆଇଏସ୍ ଫାଉଣ୍ଡେସନ ଦେଶରେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାଳୟ ମନ୍ତ୍ରଣାଳୟ, ନୀତି ଆୟୋଗ, ଦକ୍ଷତା ବିକାଶ କମିଶନ, କର୍ମଯୋଗୀ ଭାରତ, ଇଣ୍ଡିଆ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଅଫିସ ସହିତ ଦେଶର ୭ଟି ରାଜ୍ୟ ଓ ଭାରତ ସରକାରଙ୍କ ୫ଟି ସଂସ୍ଥା ସହିତ କାର୍ଯ୍ୟ କରୁଛି। ସେଥିରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ତଥ୍ୟ(ଡାଟା), ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି।




## ସ୍ୱାଧୀନତା ଦିବସ ଉପଲକ୍ଷେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୪।୮
(ଅନୁରାଧା ମହାରଣା)

ସ୍ୱାଧୀନତା ଦିବସରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ୦୮୦୩୭/୦୮୦୩୮ ଶାଲିମାର-ମାଳତୀପାଟପୁର-ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ସାନ୍ତରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍‌ରେ ରହଣି କରିବ। ଶାଲିମାର (କୋଲକାତା ଅଞ୍ଚଳ) ଏବଂ ମାଳତୀପାଟପୁର (ପୁରୀ ନିକଟ) ମଧ୍ୟରେ ଥିବା ରୁଟ୍‌ରେ ସୁବିଧାଜନକ ରହଣି ପ୍ରଦାନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ନିକଟତମ ରେଳ ଷ୍ଟେଶନରେ କିମ୍ବା ସରକାରୀ ରେଳ ୱେବ୍‌ସାଇଟରେ ସିଟ୍ ଉପଲବ୍ଧତା ଓ ସମୟ ଯାଞ୍ଚ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ୭୯ତମ ସ୍ୱାଧୀନତା ଦିବସ ଓ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ



# ଟ୍ରମ୍ପଙ୍କ ଟାରିଫ୍ ଯନ୍ତା



କୌଶିକ ବସୁ

ଭାରତରୁ ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ (ଆଇଫୋନ୍,ଫାର୍ମାସ୍ୟୁଟିକାଲ ଉତ୍ପାଦ ବ୍ୟତୀତ) ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲାଗୁକରିବା ପରେ ୨ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ ବିଗିଡ଼ିଯାଇଛି। ଟ୍ରମ୍ପ ପ୍ରଶାସନର ଅତ୍ୟଧିକ ଟାରିଫ୍ ବ୍ୟବସ୍ଥା ମଧ୍ୟରେ ଥିବା ବ୍ରାଜିଲ(୫୦%), ସିରିଆ(୪୧%) ଲାଓସ(୪୦%) ଏବଂ ମ୍ୟାନମାର(୪୦%) ସହ ଭାରତ ପଞ୍ଚମ ରାଷ୍ଟ୍ରଭାବେ ଯୋଡ଼ିହୋଇଛି। ବିଶେଷକରି ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୋଲା ସମର୍ଥନକୁ ଦେଖିଲେ ଏହି ଘୋଷଣା ଯୋଗୁ ଭାରତୀୟ ନୀତିନିର୍ଦ୍ଧାରକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ହ୍ୱାଇଟ୍ ହାଉସ୍ କହୁଛି ଯେ, ରୁଷିଆର ତେଲ ଭାରତ କିଣୁଥିବାରୁ ଦଣ୍ଡ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ନିକଟରେ ଓ୍ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଯେ, ଏହି କାରଣର କୌଣସି ସତ୍ୟାସତ୍ୟ ନାହିଁ, କାରଣ ରୁଷିଆରୁ ସବୁଠୁ ବେଶି ତେଲ ଚାଇନା କିଣୁଥିଲେ ମଧ୍ୟ ଏହା ପାଇଁ ତାକୁ ଦଣ୍ଡିତ କରାଯାଇ ନାହିଁ।

ଏହି ଗତିଶୀଳତା ଆଣ୍ଟୋନ ଚେଖୋଭଙ୍କ କ୍ଷୁଦ୍ର ଗଳ୍ପ 'ଦି ନିନି'କୁ ସ୍ମରଣ କରାଇଦିଏ। ବିନା କାରଣରେ ସ୍ୱେଚ୍ଛାଚାରୀ ଭାବେ ଜଣେ ମାଲିକ ତାଙ୍କ ପିଲାଙ୍କୁ ଘରେ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କର ପ୍ରାୟ ୧ ମାସର ଦରମା ସହିତ ସମାନ ଅର୍ଥ କାଟି ରଖନ୍ତି। ଦରମାରୁ କଟୁଥିବା ଟଙ୍କା ବିଷୟରେ ଶିକ୍ଷୟିତ୍ରୀ ପ୍ରତିବାଦ କରନ୍ତି ନାହିଁ। ଏହି ସହନଶୀଳତାକୁ ନିଯୁକ୍ତିଦାତା ଦୁର୍ବଳତା ମନେକରି ଦଣ୍ଡିତ କରୁଥିଲେ। ପରେ ସମର୍ପଣ ଭିଳି ଶୋଷଣକୁ ଆମନ୍ତ୍ରଣ କରେ ତାହା ଦର୍ଶାଇବା ପାଇଁ ଚେଖୋଭଙ୍କ ଗଳ୍ପକୁ ଦେଖି ଅର୍ଥନୀତିଜ୍ଞ ଏରିଏଲ ରୁବିନ୍‌ଷ୍ଟାଇନ୍ ଏକ ମଡେଲ ବିକାଶ କରିଥିଲେ। ଟ୍ରମ୍ପଙ୍କ ପ୍ରତି ଭାରତର ଏବକାର ଆନୁଗତ୍ୟ ଧୃତିର କରୁଛିଯେ, ଭାରତ ଏକ ବୃହତ୍ ସ୍ୱାଧୀନ ଦେଶ ଭାବେ ଏହାର ଦୀର୍ଘମିଆଦୀ ଭୂମିକାକୁ ଦୁର୍ବଳେଇଯାଉଛି। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସହ-ପ୍ରତିଷ୍ଠାତା ଭାବେ ଏହା ଏକଦା ରଣନୈତିକ ସ୍ୱାୟତ୍ତତାରେ ଆଗୁଆ ଥିଲା ଏବଂ ଆମେରିକା କିମ୍ବା ରୁଷିଆ ଭଳି ବୃହତ୍ ଶକ୍ତିର ବଶତା ବିନା ଅନେକ ଦେଶ ସହ ସମ୍ପର୍କ ରକ୍ଷା କରୁଥିଲା।



ଏଣୁ ଭାରତ ସେହି ପରମ୍ପରାକୁ ଆପଣାଇ ମେକ୍ସିକୋ, କାନାଡା ତଥା ଚାଇନା ଭଳି ଦେଶଗୁଡ଼ିକ ସହ ଆର୍ଥିକ ଓ କୂଟନୈତିକ ବୁଝାମଣା କରିବା ପାଇଁ ଏହା ଉପଯୁକ୍ତ ସମୟ। ଅର୍ଥାତ୍ ଟ୍ରମ୍ପଙ୍କ ଟାରିଫ୍‌ର ପ୍ରଭାବ ସମ୍ପର୍କରେ ସଚେତନ ଥିବା ବିଶେଷକରି ୟୁରୋପ ଓ ଲାଟିନ୍ ଆମେରିକାର ଦେଶଗୁଡ଼ିକ ସହ ବାଣିଜ୍ୟ ଓ ସହଯୋଗ ଦୃଢ଼କରିବା ଦରକାର।

ଭାରତର ପ୍ରତିଷ୍ଠିତ ଆର୍ଥିକ ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ପ୍ରତିଶୋଧାତ୍ମକ ଟାରିଫ୍ ଲାଗୁକରିବା ମୋଦିଙ୍କ ପାଇଁ ଏକ ଭୁଲ୍ ହେବ। ପ୍ରତିଶୋଧାତ୍ମକ ଟାରିଫ୍ ଆମେରିକାର କ୍ଷତି କରିବ, ହେଲେ ଏଥିରେ ଭାରତର ପ୍ରକୃତ କ୍ଷତି ହୋଇଯିବ। ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରୀ। ହେଲେ ଭାରତ ହେଉଛି ଆମେରିକା ପାଇଁ କେବଳ ଦଶମ ବୃହତ୍ ଭାଗୀଦାରୀ, ଯାହା ମେକ୍ସିକୋ, କାନାଡା, ଚାଇନା ଓ ଜର୍ମାନୀ ପଛକୁ ରହିଛି। ଆମେରିକାର ଅର୍ଥ ବ୍ୟବସ୍ଥା ଖୁବ୍ ବଡ଼। ଏଣୁ ବଡ଼ ଆର୍ଥିକ ଝଟକାକୁ ସହିପାରିବା ପାଇଁ ଏହାର କ୍ଷମତା ଅଛି। ତେବେ ଦୀର୍ଘଦିନର ବାଣିଜ୍ୟିକ ଭାଗୀଦାରୀଙ୍କ ପ୍ରତି ଅତ୍ୟଧିକ ଟାରିଫ୍ ଲଗାଇ ଆମେରିକା ଏକ ଗୁରୁତର ଭୁଲ୍ କରୁଛି। ଏହା ନିଜକୁ ଦୁର୍ବଳେଇ ନେବା ସହ ତା' ଅର୍ଥ ବ୍ୟବସ୍ଥା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଉଛି। ଏହା ନିଶ୍ଚିତ ଯେ, ଆର୍ଥିକ ନୀତିରେ ଟାରିଫ୍ ଏକ ପ୍ରମୁଖ ଭୂମିକା ନେଇପାରେ। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ଇନ୍‌ଫାଣ୍ଟ ଇଣ୍ଡଷ୍ଟ୍ରି (ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ନୂଆ ଶିଳ୍ପ) ନୀତି ବା ଯୁକ୍ତି। ଏହା ଦର୍ଶାଏ, ଯେତେବେଳେ ଏକ ସେକ୍ଟର ବିକାଶର ପ୍ରାରମ୍ଭିକ ସ୍ତରରେ ଥାଏ, ସେତେବେଳେ ସାମୟିକ ଟାରିଫ୍ ସୁରକ୍ଷିତ ବିଜ୍ଞନେସ୍‌କୁ ନିବେଶକରିବା ପାଇଁ ଭରସା ଦିଏ। ସେକ୍ଟରର ବିକାଶ ତଥା ଆର୍ଥିକ ଉନ୍ନତି ହାସଲକରିବା ସହ ପ୍ରତିଯୋଗୀ ହେବା ସକାଶେ ଅନୁମତି ଦିଏ। କିନ୍ତୁ ଶିଳ୍ପ ଯେତେବେଳେ ପରିପକ୍ୱ ଅବସ୍ଥାକୁ ଆସିଯାଏ, ସେତେବେଳେ ଟାରିଫ୍ କମ୍ କରାଯିବା ଉଚିତ, ଯେଉଁଥିପାଇଁ ମୁକ୍ତ ପ୍ରତିଯୋଗିତାର ବ୍ୟବସ୍ଥା ଏହାକୁ ଆହୁରି ଭଲ ପ୍ରଦର୍ଶନ କରିବା ଲାଗି ସାହାଯ୍ୟ କରିପାରିବ। ଏହାର ଏକ ଉଦାହରଣ ହେଉଛି ଭାରତ। ୧୯୭୦ଦଶକ,ଏକ ରାଜନୈତିକ ବିବାଦ ଯୋଗୁ ସରକାର ଆଇବିଏମ୍‌କୁ ଛାଡ଼ିବେଲ ଦେଶକୁ ନିଜସ୍ୱ ମିନି ଓ ମାଇକ୍ରୋ କମ୍ପ୍ୟୁଟର ବିକାଶ କରିବା ନିମନ୍ତେ ବାଧ୍ୟ କରିଥିଲା। ବାଣିଜ୍ୟିକ ବାଧାଗୁଡ଼ିକରୁ ସୁରକ୍ଷିତ ରହି ଘରୋଇ କମ୍ପ୍ୟୁଟର ସେକ୍ଟର ଖୁବ୍ ଶୀଘ୍ର ବୃଦ୍ଧି ପାଇଲା। କିନ୍ତୁ ୧୯୯୧-୯୩ର ଆର୍ଥିକ ସଂସ୍କାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ-ମାର୍କେଟ ପ୍ରବେଶ କରିବା ଦ୍ୱାରା ଭାରତର ପ୍ରାରମ୍ଭିକ ସ୍ତରରେ ଥିବା ସେକ୍ଟର ଅଭିବୃଦ୍ଧି କରିବାକୁ ସକ୍ଷମ ହେଲେ। ଏହା ସହ ଇନ୍‌ଫୋସିସ୍, ୱିପ୍ରୋ ଏବଂ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସ ଭଳି ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱସ୍ତରୀୟ କମ୍ପାନୀ ଭାବେ ଉଭା ହେଲେ ଏବଂ ଅପ୍ରତ୍ୟାଶିତ ଆର୍ଥିକ ଅଭିବୃଦ୍ଧି ଘଟାଇଥିଲେ।

କୌତୂହଳର ବିଷୟ ହେଉଛି, ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ଶିଳ୍ପର ଆର୍ଥିକ ବିକାଶର ଧାରଣା ଆଧୁନିକ ଆମେରିକାରୁ ଆସିଥିବା ପୂର୍ବରୁ ରହିଛି। ଏହାର ଇତିହାସ ଆମେରିକାର ପ୍ରଥମ ଟ୍ରେଜେରି(ଅର୍ଥ) ସଚିବ ଆଲେକ୍‌ଜାଣ୍ଡର ହାମିଲ୍‌ଟନ୍‌ଙ୍କ ସହ ଯୋଡ଼ିହୋଇ ରହିଛି। ଆମେରିକାର ଟାରିଫ୍ ତାହାର ନୂଆ ଶିଳ୍ପଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ସେ ଦୃଢ଼ ଦାବି କରିଥିଲେ। ୧୮୭୦ ପରେ ବାଣିଜ୍ୟ ନୀତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଉଚ୍ଚ ଟାରିଫ୍ ୧୯୩୪ ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ତାହା ଦ୍ରୁତଗତିରେ ହ୍ରାସ ପାଇଲା ଏବଂ ଆମେରିକା ବିରାଟ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିର କାରଣ ହୋଇଥିଲା। ଭାରତ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡ଼ିକ ସହ ପ୍ରତିଯୋଗିତା କରିବାକୁ ହେଲେ ଆମେରିକାର କର୍ମଚାରୀଙ୍କ ବେତନ ହ୍ରାସ କରିବା ଦରକାର ପଡ଼ିବ, ଯାହା ବାସ୍ତବବାଦୀ କିମ୍ବା ବାଞ୍ଛନୀୟ ରଣନୀତି ହେବନାହିଁ। ଏହା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ। ରାଜନୈତିକ ସଫଳତା ପାଇଁ ଟାରିଫ୍‌କୁ ବ୍ୟବହାର କରାଯିବା ଉଚିତ ନୁହେଁ। ଟ୍ରମ୍ପଙ୍କ ଟାରିଫ୍ ନୀତି ଦୃଷ୍ଟିରୁ ଆମେ କେବଳ ଆଶା କରିବା ଯେ, ସେ ନିଜ ତ୍ରୁଟିକୁ ସ୍ୱୀକାର କରିବେ ଏବଂ ଆମେରିକା ଅର୍ଥ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚାଇବା ପୂର୍ବରୁ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିବେ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ନୂଆ ଓଡ଼ିଶାର ନୂଆ ପିଢ଼ିକୁ ଆହ୍ୱାନ



ମୋହନ ଚରଣ ମାଝୀ

ଆଜି ପବିତ୍ର ସ୍ୱାଧୀନତା ଦିବସ। ପିଢ଼ି ପରେ ପିଢ଼ିର ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳଦୁଆ ଉପରେ ଠିଆ ହୋଇଛି ଆମ ସ୍ୱାଧୀନତା ଓ ଗଣତନ୍ତ୍ରର ସୌଧ। ଆମର ବଳିଦାନୀ ସ୍ୱାଧୀନତା ସଂଗ୍ରାମୀ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ମୃତିରେ କୋଟି କୋଟି ପ୍ରଣାମ। ଆମର ସ୍ୱାଧୀନତା ସଂଗ୍ରାମ କେତୋଟି ହାତଗଣତି ପରିବାରର ଅବଦାନ ନ ଥିଲା ବରଂ ଏହା ଥିଲା ଗତ ଶତାବ୍ଦୀର ସବୁଠାରୁ ବଡ଼ ଜନ ଆନ୍ଦୋଳନ।

ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାରା ଦେଶ ଓ ମୋ ପ୍ରିୟ ରାଜ୍ୟବାସୀଙ୍କ ସହ ଏହି ମହାନ୍ ଉତ୍ସବରେ ସାମିଲ। ଆଜି ରାଜଧାନୀର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍‌ରେ ଯୋଗଦେବାର ଉତ୍ସାହ ଅଛି। ଏହି ଅବସରରେ ମୁଁ ନିଶ୍ଚିତ ଭାବରେ ମୋ ସରକାର, ଜନ ଆକାଂକ୍ଷା ଓ ବିକାଶର ଆଲୋଚନା କରିବି। କିନ୍ତୁ ତା' ପୂର୍ବରୁ ମୋ ରାଜ୍ୟର ନୂଆ ଓଡ଼ିଶାର ନୂଆ ପିଢ଼ି ସହ କିଛି କଥା – କିଛି ବ୍ୟଥା ବାଣ୍ଟିବାକୁ ଚାହୁଁଛି।

ଆମ ମାତୃଭୂମି ଓଡ଼ିଶା କେବଳ ଏକ ଭୂଖଣ୍ଡ ନୁହେଁ। କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ଏହା ୪.୫ କୋଟି ଓଡ଼ିଆଙ୍କ ଭାବାବେଗର ଅଭିବ୍ୟକ୍ତି। ହଜାର ହଜାର ବର୍ଷର ଆମ ଇତିହାସରୁ ପ୍ରେରଣା ନେଇ ବିକାଶର ରାସ୍ତାରେ ଯିବା ସତ, କିନ୍ତୁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ବିକାଶ ଭି ବିରାଶତ୍ ଭି' ଏହି ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ମୁଁ ନୂଆ ଓଡ଼ିଶାର ନୂଆ ପିଢ଼ିକୁ ସ୍ୱାଧୀନତା ଦିବସର ଏହି ଶୁଭ ଅବସରରେ ଆହ୍ୱାନ ଜଣାଉଛି।

ସାରା ବିଶ୍ୱରେ ଅନେକ ସଭ୍ୟତା ଜନ୍ମ ନେଇଛି। ଏହାର ବିଲୟ ବି ହୋଇଛି। ଭାରତୀୟ ସଭ୍ୟତା ଅନାଦି–ଅନନ୍ତ କାଳରୁ ଅଛି ଏବଂ ଭାରତର ସନାତନୀ ବିଚାର ଆହୁରି ଯୁଗ ଯୁଗ ଧରି ବଞ୍ଚି ରହିବ, କାରଣ ଆମେ ଭାରତୀୟ ଆମ ଐତିହ୍ୟ ପରମ୍ପରାକୁ ସାଙ୍ଗରେ ନେଇ ହିଁ ଆଗକୁ ଯାଇଛୁ।

ମହମ୍ମଦ ଇକ୍‌ବାଲଙ୍କ 'ସାରେ ଜହାଁ ସେ ଅଚ୍ଛା' କବିତାର ପଦଟିଏ କହିବି–
''ୟୁନାନ–ଓ–ମିଶ୍ର–ଓ–ରୋମା, ସବ୍ ମିଟ୍ ଗୟେ ଜହାଁ ସେ
ଅବତକ ମଗର ହେ ବାକି, ନାମ ଔର ନିଶାନ ହମାରା
କୁଛ ବାତ୍ ହୈ କି ହସ୍ତୀ ମିଟତି ନେହିଁ ହମାରି''

ସେଇ 'କୁଛ୍ ବାତ୍ ହୈ କୀ ହସ୍ତୀ' ହେଉଛି ଆମ ଭାରତୀୟ ସମାଜର ସଂସ୍କୃତି–ପରମ୍ପରା ଓ ଅସ୍ମିତା।

୧୯୪୭ରେ ଆମର ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଏ ଓଡ଼ିଆ ଜାତି ସମାନ୍ତରାଳ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଭାରତରୁ ବିଲାତ ପର୍ଯ୍ୟନ୍ତ ସଂଘର୍ଷ ଲଢ଼ିଥିଲା। ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହେଲା।

ଆମେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ଲଢ଼େଇ ଲଢ଼ିଲୁ। ଦେଶର ମୁକ୍ତି ଆନ୍ଦୋଳନ ବି ଲଢ଼ିଲୁ। ଗୋଟିଏ ପଟେ ଆଞ୍ଚଳିକ ପରିଚୟ ପାଇଁ ଲଢ଼େଇ, ସେପଟେ ରାଷ୍ଟ୍ରୀୟ ସ୍ରୋତ। ଓଡ଼ିଶା ସାରା ଦେଶକୁ ରାଷ୍ଟ୍ରୀୟ ଏକତାର ନୂଆ ସନ୍ଦେଶ ଦେଇଥିଲା। ଦୁଇଟି ଆନ୍ଦୋଳନ, ଆଞ୍ଚଳିକ ସ୍ୱତନ୍ତ୍ର ପରିଚୟକୁ ସ୍ୱୀକୃତି ଓ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମ, ଏକ ଓ ଅଭିନ୍ନ, ଏହା ଓଡ଼ିଶା ହିଁ ସମ୍ଭବ କରି ଦେଖାଇଥିଲା।

ଆମ ଓଡ଼ିଆ ମାଟିର ଶକ୍ତି କିଛି ଅଲଗା। କିଏ କହିଲା ଓଡ଼ିଶା କଳିଙ୍ଗ ଯୁଦ୍ଧ ହାରିଥିଲା? କଳିଙ୍ଗ ଯୁଦ୍ଧରେ ଲକ୍ଷେ ଓଡ଼ିଆଙ୍କ ବଳିଦାନ ଦୟାନଦୀକୁ ରକ୍ତରଞ୍ଜିତ କରି ନ ଥିଲା ବରଂ ଓଡ଼ିଆଙ୍କ ବଳିଦାନ ସାରା ବିଶ୍ୱରେ ବୌଦ୍ଧ ମତର ପ୍ରଚାର ମାଧ୍ୟମରେ ଶାନ୍ତିର ବିଜୟ ବୈଜୟନ୍ତୀ ଉଡ଼ାଇଥିଲା।

ରାଜ୍ୟ ଯୁଦ୍ଧ ଲଢୁଥିଲା। କିନ୍ତୁ ରାଜା ନ ଥିଲେ? ବୋଧହୁଏ ଇତିହାସକାରମାନଙ୍କର ଏହା ମତ। କିନ୍ତୁ ଆଜି ଦିନରେ ଭାରତୀୟ ଇହିହାସକାରମାନେ ସେ ସମୟର ଯୁଦ୍ଧ ବ୍ୟବସ୍ଥା, ନାଗରିକ ସମାଜର ସାମୂହିକ ନିର୍ଣ୍ଣୟ ଏବଂ ଯୁଦ୍ଧ ରଣନୀତି ଉପରେ ପୁଣି ଅନୁଧ୍ୟାନ ଓ ଗବେଷଣା କରି ଅନେକ ପରଦା ହଟାଇବାର ସମ୍ଭାବନା ଅଛି। ଓଡ଼ିଶାରେ ଦୁଇ ହଜାର ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଗଣତନ୍ତ୍ରର ପଦଚିହ୍ନ ଖୋଜିବାକୁ ଆଜି ସମୟ ଆସିଛି କି ନାହିଁ ଥରେ ଚିନ୍ତା କରନ୍ତୁ ? ରାଜା ନ ଥିଲେ, ରାଜ୍ୟ ଓ ଯୁଦ୍ଧ ସୁପରିଚାଳନା ହେଉଥିଲା ଏହା ତ ବଡ଼ ଗବେଷଣାର ପ୍ରସଙ୍ଗ। ମାନେ, ଯଦି ଏହା ସତ ତେବେ ଓଡ଼ିଶା ବିଶ୍ୱକୁ ନୂଆ ମ୍ୟାନେଜମେଣ୍ଟ ଥିଓରି ଶିଖାଇବାର କ୍ଷମତା ରଖିଛି ବୋଲି କୁହାଯାଇପାରିବ ନା ନାହିଁ?

ମୋର ଓଡ଼ିଶାର ନୂଆ ପିଢ଼ିଙ୍କୁ ଅନୁରୋଧ, ଥରେ କୋଣାର୍କ ଯାଇ ଓଡ଼ିଶାର ବୈଜ୍ଞାନିକ ପରମ୍ପରାକୁ, ଉଦ୍ୟମୀ ସମାଜ ତଥା ପ୍ରାଚୀନ ଯୁଗରେ ଆଧୁନିକତାର ଛାପକୁ ଆଖିରେ ଦେଖନ୍ତୁ।

ଆଉ ଥରେ କୋଣାର୍କ ବୁଲନ୍ତୁ, ଅନୁଭବ ଲେଖନ୍ତୁ। ଭଗବାନ ସୂର୍ଯ୍ୟନାରାୟଣଙ୍କ ଉଦୟରୁ ଅସ୍ତ, ଗ୍ରହ ମଣ୍ଡଳର ଗତି, ପୃଥିବୀ–ସୂର୍ଯ୍ୟ–ଚନ୍ଦ୍ରର ସ୍ଥିତି–ଅବସ୍ଥିତିର ଗଭୀର ଅଧ୍ୟୟନ ବିନା ସୂର୍ଯ୍ୟମନ୍ଦିର ସମ୍ଭବ କି? ଚତୁଃପାର୍ଶ୍ୱର ସୂର୍ଯ୍ୟମୂର୍ତ୍ତିମାନଙ୍କର ଅବସ୍ଥିତି, ଚକରେ ସମୟ ଗଣନାର ନିର୍ଭୁଲ୍ ପ୍ରକ୍ରିୟା ଓଡ଼ିଆ ଜାତିର ବୈଜ୍ଞାନିକ ଆଧାରର ପ୍ରମାଣ ନା ନାହିଁ?

ସୂର୍ଯ୍ୟମନ୍ଦିର ଆମ ପୂର୍ବ ପୁରୁଷମାନେ ଆଷ୍ଟ୍ରୋ ଫିଜିକ୍ସରେ ପାରଙ୍ଗମ ଥିଲେ ବୋଲି ପ୍ରମାଣିତ କରୁନାହିଁ କି? କୋଣାର୍କରେ ଜିରାଫର ମୂର୍ତ୍ତି ଓଡ଼ିଶାର ଆଫ୍ରିକା ମହାଦେଶ ସହ ସମ୍ପର୍କର ସୂଚନା ଦେଉନାହିଁ କି?

କୋଣାର୍କ କାନ୍ଥରେ ଭ୍ୟାନିଟି ବ୍ୟାଗଧାରୀ ମହିଳାଙ୍କ ମୂର୍ତ୍ତିକୁ ଥରେ ଦେଖନ୍ତୁ। ତ୍ରୟୋଦଶ ଶତାବ୍ଦୀ ମହିଳାଙ୍କ ହାତରେ ଭ୍ୟାନିଟି ବ୍ୟାଗ? ନୂଆ ଓଡ଼ିଶାର ନୂଆ ପିଢ଼ି କୋଣାର୍କର ଏହି ମୂର୍ତ୍ତିକୁ ନିଜେ ଆଖିରେ ଦେଖିବା ଉଚିତ କି ନାହିଁ ?

ଆମର ପୁଅ ପଠାଣି ସାମନ୍ତ କେତେ ଖଣ୍ଡ ବାଉଁଶ ନଳୀରେ ସୂର୍ଯ୍ୟ–ଚନ୍ଦ୍ର, ଗ୍ରହ–ନକ୍ଷତ୍ରଙ୍କ ସ୍ଥିତି ଏବଂ ଅବସ୍ଥିତିର ନିର୍ଭୁଲ୍ ଗଣନା କରିଥିଲେ ନା ନାହିଁ ?

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରକାଶିତ ହେଉଥିବା ପଞ୍ଜିକାର ଗଣନାରେ କେବେ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣର ଗଣନା ଭୁଲ୍ ହୋଇଛି? ବିଜ୍ଞାନର ସୃଷ୍ଟିର କାହିଁ କେଉଁ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଜାତି ବିଜ୍ଞାନରେ ପାରଙ୍ଗମ ଥିଲା, ଏହା ପ୍ରମାଣ ଦେବାର ଆବଶ୍ୟକତା ଅଛି କି?

ଆମ ସନ୍ଥକବି ଭୀମ ଭୋଇଙ୍କର କାଳଜୟୀ କବିତା ''ପ୍ରାଣୀଙ୍କ ଆରତ, ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'' ବୋଧହୁଏ ପୃଥିବୀର ସବୁଠୁ ବଡ଼ ଦାର୍ଶନିକମାନଙ୍କଠାରୁ ଆମ ଭୀମ ଭୋଇଙ୍କ ବିଚାର ବହୁ ଉଚ୍ଚକୋଟୀର, ଏଥିରେ ସନ୍ଦେହ କରିବାର କିଛି ଅଛି ? ଓଡ଼ିଶା ହେଉଛି ଏହି ଜାତି। ଯେଉଁଠି ସଂସ୍କୃତ ପରେ ପ୍ରଥମେ ଓଡ଼ିଆ ଭାଷାରେ ସାରଳା ଦାସ ମହାଭାରତ ରଚନା କରିଥିଲେ। ମହାକବି କାଳିଦାସ ଓଡ଼ିଶାର ରାଜାଙ୍କୁ 'ମହୋଦଧି ପତି' ଅର୍ଥାତ୍ ସମୁଦ୍ରର ରାଜା ଭାବେ ସମ୍ବୋଧିତ କରିଛନ୍ତି।

ଆମର ସାଧବପୁଅ ପୂରା ଦକ୍ଷିଣ–ପୂର୍ବ ଏସୀୟ ଦେଶ ସମୂହରେ ବେପାର ବଣିଜ କରି ଓଡ଼ିଶାକୁ ସମ୍ପନ୍ନ କରି ନ ଥିଲେ ବରଂ ସମଗ୍ର ବିଶ୍ୱରେ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ଏକ ଆଗୁଆ ଭୂଖଣ୍ଡ କରିଥିଲେ। ଏ ଜାତିର ଗୌରବର ଗାଥା ଗଙ୍ଗାରୁ ଗୋଦାବରୀ ବିଜୟର ସଫଳତା ପଛରେ ଲୁଚିଛି।

ଆଜି ପବିତ୍ର ସ୍ୱାଧୀନତା ଦିବସରେ ନୂଆ ଓଡ଼ିଶାର ନୂଆ ପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ – ପରମ୍ପରା ଏବଂ ମହାନ୍ ଇତିହାସର ଅଧ୍ୟୟନ କରିବା ସହ ସେଥିରେ ଗର୍ବିତ ହେବାକୁ ଆହ୍ୱାନ ଜଣାଉଛି।

୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୪୭ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୨୫ରୁ ୨୦୩୬ ଆଉ ୧୦–୧୧ ବର୍ଷର ସମୟ। ୨୦୨୫ରୁ ୨୦୪୭ ଆଉ ୨୦–୨୨ ବର୍ଷର ସମୟ। ହାତରେ ମୋଟ ୨ ଦଶନ୍ଧିର ସମୟ ଏବଂ ସେଥିରେ ପ୍ରଥମ ଦଶନ୍ଧି ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରର ଜୟ ଜୟକାର କରିବା ତା'ସହ ବିକାଶ ପାଇଁ ହିଁ ଗଣତନ୍ତ୍ର ଏହାର ମହତ୍ତ୍ୱକୁ ବୁଝି ବିକଶିତ ଭାରତର ମୂଳଦୁଆ ଆମ ଜନ୍ମମାଟି ଓଡ଼ିଶାରୁ ପକାଇବା। ସେଥିପାଇଁ ସୁଚିନ୍ତିତ ଯୋଜନା ସହ ସମୟବଦ୍ଧ ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ବଦ୍ଧପରିକର।

ସାମ୍ନାରେ ଆମର ଭିଜନ–୨୦୩୬ ଅଛି। ୨୦୨୯ ମସିହା ସୁଦ୍ଧା ଆମର ଲକ୍ଷ୍ୟ ସଂକଳ୍ପପତ୍ର ମାଧ୍ୟମରେ ଉପଲବ୍ଧ। ଗଣତନ୍ତ୍ରରେ ବିତର୍କ ଓ ଆଲୋଚନା ମାଧ୍ୟମରେ ସବୁ ମତ, ମତ ପାର୍ଥକ୍ୟକୁ ଗୋଟିଏ ମଞ୍ଚରେ ଏକାଠି କରି ଆସନ୍ତୁ ଆମର ଭବିଷ୍ୟତ ପାଇଁ ଏକମତ ହେବା।

ମୋର ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନେ ଆମର ନିଷ୍ଠାପର ଉଦ୍ୟମ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମକୁ ସଫଳତାର ଶୀର୍ଷକୁ ନେଇପାରିବ ବୋଲି ଓଡ଼ିଆ ଜାତିର ଏହା ଦୃଢ଼ ବିଶ୍ୱାସ।

ଦିନେ ମହାପ୍ରଭୁ ବଡ଼ଭାଇଙ୍କ ସହ କଳା–ଧଳା ଘୋଡ଼ାରେ ଚଢ଼ି ଆମ ରାଜା ଓ ରାଜ୍ୟବାସୀଙ୍କ ମାନ ରଖିବା ପାଇଁ କାଞ୍ଚି ବିଜୟରେ ବାହାରି ଥିଲେ। ଓଡ଼ିଆଙ୍କ ଏହି ଅଖଣ୍ଡ ଜନ ବିଶ୍ୱାସରେ ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାମିଲ। ଆସନ୍ତୁ ପୁଣି ଆମ ରାଜ୍ୟ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆଜି ଦିନରେ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ

ଭାରତ ମାତାକୀ ଜୟ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ମହାଯୋଗୀ ଶ୍ରୀଅରବିନ୍ଦ



ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ (୧୫ ଅଗଷ୍ଟ ୧୮୭୨) ର ମହିମା ପ୍ରତିପାଦିତ କରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅଭିହିତ କରିଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି, ଆଧାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ୧୫ ଅଗଷ୍ଟ ୧୯୪୭ରେ ଭାରତ ବି ସ୍ୱାଧୀନ ହୋଇଥିଲା। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ, ତାହା ହୋଇପାରେ ଏକ ବିସ୍ମୟ, ଏକ ଆଲୌକିକତା। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାନ୍ତାରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧୁଷିତ ଭୂମି ନୁହେଁ। ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମା। ତା'ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବ–ପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ–ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଙ୍ଗମ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍‌ଭାସିତ କରେ'। ସମଗ୍ର ବିଶ୍ୱ ଏକମାତ୍ର ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅବିଭକ୍ତ ଆତ୍ମହାର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ – ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧୁଷିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରି ଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ ଗ୍ରନ୍ଥ'ରେ ୬୮୪–୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା' ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନଙ୍କ ଜୀବନ ଫେରାଇ ଦେବାପାଇଁ ମା' ଦାବି କଲାରୁ ଯମରାଜ ଅତ୍ୟନ୍ତ ବିଦ୍ରୂପ କରି କହିଲେ 'ଏଇ ଦୁଇଗୋଡ଼ିଆ ଲଙ୍ଗଳା, ଫୁଙ୍ଗୁଳା କୀଟ ଯାହାକୁ କହ ମଣିଷ ତା' ଦେହ ଓ ମୁହଁରେ ଦେବତାର ସ୍ୱରୂପ କିଏ ଦେଖିବ? ('ସାବିତ୍ରୀ' ୬୩୪ ପୃଷ୍ଠା )



ଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ମହାକାବ୍ୟ, 'ସାବିତ୍ରୀ' ଯୋଗମାର୍ଗ ବିଭୂତିର ସଂହିତା। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (LIFE DIVINE) ଯୋଗ ସମନ୍ୱୟ (SYNTHESIS OF YOGA) ବେଦର ରହସ୍ୟ (SECRETS OF VEDA), ଗୀତା ନିବନ୍ଧମାଳା (ESSAYS OF GITA) ଭାରତୀୟ ସଂସ୍କୃତିର ମୂଳଧାର (FOUNDATION OF INDIAN CULTURE) ଯୋଗ ପତ୍ରାବଳି (LETTERS ON YOGA) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିସ୍ମରଣୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏକ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠକଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅଟକିଯିବନାହିଁ, ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହିତ ଏକ ସଂଯୋଜନ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ। ତାଙ୍କର ସିଦ୍ଧାନ୍ତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇଯାଉ । ଆଜି ସେ ମହାଯୋଗୀଙ୍କ ପବିତ୍ର ଜନ୍ମତିଥିରେ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।

**ମୋ: ୯୪୩୮୧୮୬୨୨୬**

## ଏଇ ଭାରତରେ

କାଶ୍ମୀର ଜଳବାୟୁରେ ସାଫ୍ରୋନ ଚାଷ ହୁଏ। ଭାରତର ଅନ୍ୟ ଅଞ୍ଚଳରେ ଏହି ଚାଷ ଅସମ୍ଭବ ଥିବାବେଳେ ତାହାକୁ ସମ୍ଭବ କରିପାରିଛନ୍ତି କେରଳର ଶେଷାଦ୍ରି ଶିବକୁମାର। ସେ ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ପେସାରେ ସେ ଜଣେ ସିଭିଲ ଇଞ୍ଜିନିୟର। ଶେଷାଦ୍ରି କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଠିକ ଭାବେ ଚାଷ କରିବା ପାଇଁ ସେ ମଧ୍ୟ କୃଷି ବୈଜ୍ଞାନିକଙ୍କ ସହଯୋଗ ନେଇଥିଲେ ଏବଂ ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ବଡ଼କଥା ହେଉଛି ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ତାଙ୍କ ସଫଳତାର ବଡ଼ ଦିଗ ହେଉଛି ସେ ଗୋଟିଏ ବର୍ଷରେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। କେରଳରେ ସାଫ୍ରୋନ ଚାଷକୁ ବ୍ୟାପକ କରିବା ପାଇଁ ଶେଷାଦ୍ରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଅଗଷ୍ଟ ୧୯୭୬**

- ରାଜ୍ୟ ପ୍ରଦେଶ କଂଗ୍ରେସର ଏକ ନିଜସ୍ୱ ସମ୍ବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଅଡିଟ୍ ଉପାଧି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ–ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 8 | | | | 5 | | |
| | | | | | 6 | | 7 | |
| | | | | | 2 | | | |
| 3 | 7 | | | | | 9 | | |
| 6 | | | 7 | | | | | |
| | 8 | | | 5 | | | | 1 |
| | 4 | 1 | 6 | 3 | | | | 2 |
| | | | | | | | | 3 |
| 9 | | | | 8 | | 4 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 1 | 8 | 4 | 6 | 7 | 3 |
| 1 | 4 | 3 | 7 | 5 | 6 | 8 | 2 | 9 |
| 6 | 7 | 8 | 2 | 3 | 9 | 5 | 1 | 4 |
| 7 | 8 | 4 | 9 | 2 | 5 | 1 | 3 | 6 |
| 3 | 6 | 2 | 8 | 4 | 1 | 7 | 9 | 5 |
| 5 | 1 | 9 | 3 | 6 | 7 | 2 | 4 | 8 |
| 8 | 9 | 6 | 4 | 1 | 2 | 3 | 5 | 7 |
| 2 | 3 | 7 | 5 | 9 | 8 | 4 | 6 | 1 |
| 4 | 5 | 1 | 6 | 7 | 3 | 9 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଛରେ ଟିଣ ବିଜ୍ଞାପନ

ମହାଶୟ,
ରାସ୍ତାପାର୍ଶ୍ୱରେ ଥିବା ଗଛ ଦେହରେ ବିଭିନ୍ନ ସଂସ୍ଥାର ମୁଦ୍ରିତ ଟିଣରେ ନିର୍ମିତ ବିଜ୍ଞାପନ ମାନ ଲୁହାକଣ୍ଟାରେ ମରାହୋଇଥିବା ପରିଲକ୍ଷିତ ହେଉଛି। ବିଶେଷକରି ଘରୋଇ ଶିକ୍ଷାନୁଷ୍ଠାନ, ଗୁଟ୍‌ଖା ଓ ସିଗାରେଟ କମ୍ପାନୀର ବିଜ୍ଞାପନ ବେଶି ଦେଖିବାକୁ ମିଳୁଛି। ଏମାନେ ଗଛ କେବେ ଲଗାନ୍ତି ନାହିଁ। କିନ୍ତୁ ଗଛରେ କଣ୍ଟା ବାଡ଼େଇ ଟିଣ ବିଜ୍ଞାପନ ମାରିବା ଯୋଗୁ ଗଛର କ୍ଷତି ଘଟୁଛି। ଅନେକ କ୍ଷେତ୍ରରେ ଗଛ ମରିଯାଉଛି। ଏଣୁ ଏହି ବିଜ୍ଞାପନଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

**– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

## ଡାକ୍ତରଖାନାରେ ମୃତଦେହ ରଖି ଧାରଣା

ଭଣ୍ଡାରିପୋଖରୀ,୧୪।୮ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଡାହାଲା ପୁରିପଡ଼ା ଗ୍ରାମର ବିନୋଦିନୀ ରାଉତ (୨୯)। ଏନେଇ ବିନୋଦିନୀଙ୍କ ସ୍ୱାମୀ ଅଶୋକ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର କାର୍ଯ୍ୟାନୁଷ୍ଠାନ ଦାବିରେ ତାଙ୍କ ପରିବାର ପକ୍ଷରୁ ଡାକ୍ତରଖାନାରେ ମୃତଦେହ ରଖି ଧାରଣା ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଗ୍ରାମର ଅଶୋକ ରାଉତଙ୍କ ସ୍ତ୍ରୀ ବିନୋଦିନୀଙ୍କ ପେଟ କାଟିବାରୁ ଚିକିତ୍ସା ପାଇଁ ବୁଧବାର ସନ୍ଧ୍ୟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ତାଙ୍କୁ ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହା ପରେ ବିନୋଦିନୀଙ୍କର ବାନ୍ତି ହୋଇଥିଲା। ଅବସ୍ଥା ଦେଖି ଡାକ୍ତର ତାଙ୍କୁ ଯାଜପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଗୁରୁବାର ଅପରାହ୍ନରେ ମୃତଦେହକୁ ଧରି ସମ୍ପର୍କୀୟମାନେ ଭଣ୍ଡାରିପୋଖରୀ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ଭୁଲ୍ ଇଞ୍ଜେକ୍ସନ ଦେଇଥିବା ଡାକ୍ତରଙ୍କୁ ଗିରଫ କରାଯିବା ଓ ମୃତା ବିନୋଦିନୀଙ୍କ ପୁଅକୁ ଥଇଥାନ ପାଇଁ ପ୍ରଶାସନିକ ସହଯୋଗ ଦାବି କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ତ୍ରିଲୋଚନ ସେଠୀ, ଥାନାଧିକାରୀ କମଳାକାନ୍ତ ଦାସ ଏବଂ ବିଡିଓ ଦେବଦତ୍ତ ଦାସ ସେଠାରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୨୦ ହଜାର ଓ ରେଡ୍‌କ୍ରସ୍‌ରୁ ୩୦ହଜାର ଟଙ୍କା ପ୍ରଦାନ କରାଯିବା ସହ ବିନୋଦିନୀଙ୍କ ପୁଅର ପାଠପଢ଼ା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସେମାନେ ଧାରଣାରୁ ଉଠିଥିଲେ।



ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୃତଦେହ ରଖି ଧାରଣା ଦେଇଛନ୍ତି ପରିବାର ଲୋକେ ଓ ସମ୍ପର୍କୀୟ।

## 'ଶତ୍ରୁଘ୍ନଙ୍କ ଦିଗ୍‌ଦର୍ଶନ ପ୍ରେରଣାଦାୟୀ ଥିଲା'

ବାସୁଦେବପୁର,୧୪।୮ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁରର ପୂର୍ବତନ ପୋଲିସ ଅଧିକାରୀ, ସାମାଜିକ କର୍ମୀ ସ୍ୱର୍ଗତ ଶତ୍ରୁଘ୍ନ ଧଳୀଙ୍କ ଦ୍ୱାଦଶାହ ଅବସରରେ ଗୁରୁବାର ବାସୁଦେବପୁରସ୍ଥିତ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶତ୍ରୁଘ୍ନଙ୍କ ଦିଗ୍‌ଦର୍ଶନ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରେରଣାଦାୟୀ ଥିଲା ବୋଲି ସଭାରେ ବିଧାୟକ ଅଶୋକ କୁମାର ଦାସ କହିଥିଲେ। ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ମହେନ୍ଦ୍ର ଧଳୀ, ମହେଶ ଚନ୍ଦ୍ର ଦାସ, ଦୟାନିଧି ଦାସ, ବୁଧିରାମ ସେନାପତି, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, କବି ପ୍ରହ୍ଲାଦ ବାରିକ, ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଦେବସ୍ୱରୂପ ଧଳୀ କୃତଜ୍ଞତା ଜଣାଇଥିଲେ।

## ୨ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



ଗୋପାଳପୁର-ଚୂଡ଼ାମଣି ରାସ୍ତାର ଶିଳାନ୍ୟାସ ଅବସରରେ ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟମାନେ।

ବାସୁଦେବପୁର,୧୪।୮ (ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ଚୂଡ଼ାମଣି ଓ ଖରିଦା ବିନାୟକପୁର ପଞ୍ଚାୟତର ୨ଟି ପ୍ରମୁଖ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଗୁରୁବାର ବିଧାୟକ ଅଶୋକ କୁମାର ଦାସ ଶିଳାନ୍ୟାସ କରିଛନ୍ତି। ଗୋପାଳପୁର ଛକଠାରୁ ଚୂଡ଼ାମଣି ବଜାରକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୫.୬ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଏଥିନିମନ୍ତେ ଚୂଡ଼ାମଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତାରେ ଏହାର ଫଳକ ପୂଜା କରାଯାଇଥିଲା। ସେହିପରି ଖରିଦା ବିନାୟକପୁର ରାସ୍ତାର ତରିଛକ ବିନାୟକପୁରଠାରୁ ନୂଆ ନଈ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ୧୨.୭୩ କୋଟି ଟଙ୍କା ମଞ୍ଜୁର ହୋଇଛି। ୨ ରାସ୍ତାର ଶିଳାନ୍ୟାସ ଉତ୍ସବରେ ଆର୍‌ଡି ବିଭାଗର ଯନ୍ତ୍ରୀ ସତ୍ୟରଞ୍ଜନ ନାୟକଙ୍କ ସମେତ ଅଚ୍ୟୁତାନନ୍ଦ ପାଢ଼ୀ, ସରପଞ୍ଚ ସୁବାସ ସନ୍ଧିବିଗ୍ରହ, ଯୁବ କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ଖରିଦା ବିନାୟକପୁର ସରପଞ୍ଚ ମଧୁସ୍ମିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ, ତ୍ରିରଙ୍ଗା ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଭଦ୍ରକ,୧୪।୮ (ସନାତନ ରାଉତ)

ଭଦ୍ରକ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଓ ତ୍ରିରଙ୍ଗା ମହୋତ୍ସବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ହେବାକୁ ଥିବା ପରେଡ୍ ସହ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସକାଳ ୯ଟା ୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟଅତିଥି ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ଚାରାରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଯୋଗଦେବେ। ସଂସ୍କୃତି ଭବନରେ ହେବାକୁ ଥିବା ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦ୍‌ଘାଟନ କରି ସେଠାରେ ସ୍ୱାଧୀନତା ସଂଗ୍ରାମୀ ଓ ଯାତ୍ରା ସମ୍ରାଟ ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତି ପୁରସ୍କାର ପ୍ରଦାନ କରିବେ। ଅପରାହ୍ନରେ ଶହୀଦ ସ୍ମୃତି ଭବନରେ ତ୍ରିରଙ୍ଗା ମହୋତ୍ସବ ଅନୁଷ୍ଠିତ ହେବ। ସାଧାରଣ ସଭା, ପୁରସ୍କାର ବିତରଣ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାପାଳ ଦିଲୀପ ରାଉତରାଏଙ୍କ ତତ୍ତ୍ୱାବଧାନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳଙ୍କ ପରିଚାଳନାରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

# ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେଲେ ମନ୍ତ୍ରୀ



ଶୋଭାଯାତ୍ରାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ,୧୪।୮ (ସନାତନ ରାଉତ)

୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଜିଲାସ୍ତରୀୟ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏଥିରେ ଯୋଗଦେଇ ତ୍ରିରଙ୍ଗା ପତାକା ପ୍ରଦର୍ଶନ କରି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ସହର ମହତାବ ଛକରେ ଥିବା ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ଡାହାଣୀଗଡ଼ିଆ ଛକରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏନ୍‌ସିସି କମାଣ୍ଡର ସୁଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏନ୍‌ସିସି ଅଧିକାରୀ ଶିକ୍ଷାର୍ଥୀମାନଙ୍କ ସହ କ୍ଷେପଣାସ୍ତ୍ର ମେଡ଼ ପଦଯାତ୍ରାରେ ସାମିଲ ହୋଇଥିଲା। ଦେଶାତ୍ମବୋଧକ ସଙ୍ଗୀତ ଓ ସ୍ଲୋଗାନ ସହ ଭଦ୍ରକ ସହର ତ୍ରିରଙ୍ଗାମୟ ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା

ଧାମନଗର,୧୪।୮ (ଦେବେନ୍ଦ୍ର ଆନ୍ଦିଆ)

ହର୍‌ଘର୍‌ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବେଜଙ୍କ ତତ୍ତ୍ୱବଧାନରେ ଗୁରୁବାର ଛାତ୍ରୀଛାତ୍ର ଶୋଭାଯାତ୍ରା କରିଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କଲେଜ ପରିସରରୁ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ଦୋବଲ କାଳୀବଜାର ପର୍ଯ୍ୟନ୍ତ ଯାଇଥିଲେ। ଶୋଭାଯାତ୍ରାରେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡ୍‌କ୍ରସର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ସ୍ଲୋଗାନ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ, ଅଧାପିକା ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ଶୋଭାଯାତ୍ରାରେ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ପୋଲିସ ସହଯୋଗ କରିଥିଲା।



ଧାମନଗର ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

## ମେସ୍ ବାଥ୍‌ରୁମ୍‌ରୁ ଛାତ୍ରୀଙ୍କ ମୃତଦେହ ଜବତ ଘଟଣା, ଯୁବକ ଗିରଫ

ଭଦ୍ରକ,୧୪।୮ (ସନାତନ ରାଉତ)

ମେସ୍ ବାଥ୍‌ରୁମ୍‌ରେ ଭଦ୍ରକ କଲେଜର ଜଣେ ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଟାଉନ ପୋଲିସ ବୁଧବାର ଅଟକ ରଖିଥିବା ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତିହିଡ଼ି ବ୍ଲକ ପାଲିଆବିନ୍ଧା ଗ୍ରାମର ଆଶିଷ ରଞ୍ଜନ ରାଉତ(୧୯)। ସନ୍ଦେହରେ ଆଶିଷଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ସେ ତାଙ୍କ ମୋବାଇଲରୁ ମୃତା ଛାତ୍ରୀଙ୍କ ମୋବାଇଲକୁ ଗତ ୧୧ ତାରିଖରୁ ଘଟଣା ଘଟିବା ପର୍ଯ୍ୟନ୍ତ ପ୍ରାୟ ୧୫୦ ଥର ଫୋନ୍‌ରେ କଥା ହୋଇଥିବା କଲ୍ ରେକର୍ଡରୁ ଜଣାପଡ଼ିଥିଲା। ଏହା ଏକ ପ୍ରେମଜନିତ ଘଟଣା ହୋଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୪୭୭/୨୫) ରୁଜୁ ହୋଇଛି। ପୂର୍ବରୁ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତା ଛାତ୍ରୀଙ୍କ ପ୍ୟାଣ୍ଟ ପକେଟରୁ ମିଳିଥିବା ତାଙ୍କ ମୋବାଇଲର ପାସ୍‌ୱାର୍ଡ ଏପର୍ଯ୍ୟନ୍ତ ଖୋଲାଯାଇ ନ ଥିବା ଥାନାଧିକାରୀ କହିଛନ୍ତି। ସୂଚନାଥାଉ କି, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା(୧୮) ଗତ ମଙ୍ଗଳବାର ରହୁଥିବା କଲେଜ ନିକଟସ୍ଥ ଜଗନ୍ନାଥପୁରର ଏକ ମେସ୍ ବାଥ୍‌ରୁମ୍‌ରେ ସାୱାରରେ ନିଜ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିଲେ।

# 'ସଂଗ୍ରାମୀଙ୍କ ତ୍ୟାଗର ତୁଳନା ନାହିଁ'

ଧାମନଗର,୧୪।୮ (ସନ୍ତୋଷ କୁମାର ମହାପାତ୍ର)

ଦେଶମାତୃକାର ମୁକ୍ତି ଯୁଦ୍ଧରେ ଆତ୍ମବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ତ୍ୟାଗର ତୁଳନା ନାହିଁ। ସଂଗ୍ରାମୀମାନଙ୍କ ନିକଟରେ ସମସ୍ତ ଭାରତୀୟ କୃତଜ୍ଞ ବୋଲି ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ପୀଠ ଧାମନଗର ବ୍ଲକର ଶହୀଦନଗରଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶହୀଦନଗରଠାରେ ଅନୁଷ୍ଠିତ ପୂଜ୍ୟପୂଜା ସମ୍ମାନ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ଶହୀଦ ସ୍ମୃତି ସ୍ତମ୍ଭ ସମେତ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆଜିର ଯୁବପିଢ଼ି ଭାରତବର୍ଷର ଘଟଣାବହୁଳ ସ୍ୱାଧୀନତା ସଂଗ୍ରାମ ବିଷୟରେ ଅନୁଶୀଳନ କରି ଜାତିର ବୀରତ୍ୱ ବୁଝିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ସେ ଲୁଣିଆ ଗୁଳିକାଣ୍ଡରେ ଶହୀଦ ହୋଇଥିବା ୯ ଦେଶପ୍ରେମୀଙ୍କ ଦାୟାଦଙ୍କୁ ସମ୍ମାନିତ କରିଥିଲେ। ଶହୀଦ ସ୍ମୃତି ରକ୍ଷା କମିଟିର ଉପସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁ ସଭା ସଂଯୋଜନା କରିଥିଲେ। ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନେତା ବଦ୍ରୀ ନାରାୟଣ ଧଳ, ଚତୁର୍ଭୁଜ ନାୟକ, ରଘୁନାଥ ଲେଙ୍କା, ରଘୁନାଥ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଉମାମଣି ସାହୁ, ପୂର୍ବତନ ସରପଞ୍ଚ ଅଞ୍ଜନା ଲେଙ୍କା, ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ସରପଞ୍ଚ ସଞ୍ଜୀବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶହୀଦ ସ୍ମୃତି ରକ୍ଷା କମିଟିର ସାଧାରଣ ସମ୍ପାଦକ ଗୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀଙ୍କୁ ଆନନ୍ଦ ବଜାରଠାରୁ ଶହୀଦନଗର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ କରାଯାଇଥିଲା।



ଉତ୍ସବରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ସମ୍ମାନିତ ସଂଗ୍ରାମୀଙ୍କ ଦାୟାଦ ଓ ଅନ୍ୟମାନେ।

## ଶହୀଦନଗରରେ ପୂଜ୍ୟପୂଜା ସମ୍ମାନ ଉତ୍ସବ

## ଏନ୍‌ଏସି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଚାନ୍ଦବାଲି,୧୪।୮ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଚାନ୍ଦବାଲି ବଣିକ ସଂଘର କାର୍ଯ୍ୟକର୍ତ୍ତା, ସମସ୍ତ ପାରିଷଦ ଓ ଏନ୍‌ଏସି କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ୩ଶହ ଫୁଟ୍‌ର ତ୍ରିରଙ୍ଗା ପତାକା ଧରି ସ୍ଥାନୀୟ ଶିବଦୁର୍ଗା ହାଇସ୍କୁଲ ନିକଟରୁ ବାହାରି ଚାନ୍ଦବାଲି ବଜାର ପରିକ୍ରମା କରିଥିଲେ। ବଣିକ ସଂଘ ସଭାପତି ସୁଶାନ୍ତ ବିଶ୍ୱାଳ, ରତିକାନ୍ତ ସାହୁ, ପାରିଷଦ ଚନ୍ଦନ ରାଉତ, ଶୀତ ମହାଳିକ, ନୀଳମଣି ପଣ୍ଡା, ବିଶ୍ୱମୋହନ ଜେନା, ବିଜୟ କୁମାର ବେହେରା, ସୌମ୍ୟ ମହାନ୍ତି, ଅମିତ ବିଶ୍ୱାଳ, ପୁଷ୍ପକ ସାହୁ, ଏଇ ପ୍ରଭାତ ସାହୁ, ଜଗନ୍ନାଥ ରାଉତ, ନାରୀନେତ୍ରୀ ସସ୍ମିତା ଦାସ, ଅଞ୍ଜନା ମହଲା, ରଶ୍ମିତା ସାହୁ, ସସ୍ମିମା ପରଭିନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।



ଚାନ୍ଦବାଲି ଏନ୍‌ଏସିରେ ଶୋଭାଯାତ୍ରା ପରିକ୍ରମା କରୁଛି।

## କାରିଗରଙ୍କୁ ହଇରାଣ କରୁଛନ୍ତି ସହକାରୀ ନିର୍ଦ୍ଦେଶକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଶିଳ୍ପୀ ମହାସଂଘର କର୍ମକର୍ତ୍ତା।

### ଖବରଦାତା ସମ୍ମିଳନୀରେ ଶିଳ୍ପୀ ମହାସଂଘର ଅଭିଯୋଗ

ଭଦ୍ରକ ୧୪।୮ (ରବିନାରାୟଣ ଖିଲାର)

ଓଡିଶା ଶିଳ୍ପୀ ମହାସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ଗୁରୁବାର ବାଇପାସ୍‌ସ୍ଥିତ ହରେକୃଷ୍ଣ ସଦ୍‌ଭାବନା କକ୍ଷରେ ଖବରଦାତା ସମ୍ମଳନୀ କରାଯାଇ ଜିଲାର ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ କରାଯାଇଛି। କାରିଗରମାନଙ୍କୁ ହଇରାଣ କରିବା, ଅଶାଳୀନ ଭାଷା ପ୍ରୟୋଗ, ଜବରଦସ୍ତ ଟଙ୍କା ଆଦାୟ, ବାଲେଶ୍ୱର ଜିଲାରୁ ଆସିଥିବା ମହିଳା ଏମ୍‌ସିପି (ମାଷ୍ଟର କ୍ରାଫ୍ଟ ପର୍ସନ)ମାନଙ୍କୁ ତାଙ୍କ ସହ ସାଲିସ କରିବାକୁ ବାଧ କରିବା ଏବଂ ଏଥିରେ ରାଜି ନ ହେବାରୁ କଞ୍ଚାମାଲ ଦେବାରେ ବିଳମ୍ବ କରିବା, ଜଣେ ମାଟି କଣ୍ଢେଇ କାରିଗରଙ୍କଠାରୁ ତାଲିମ ବାବଦରେ ଜବରଦସ୍ତ ଟଙ୍କା ଆଦାୟ, ପଥର ଖୋଦେଇ ତାଲିମରେ କଞ୍ଚାମାଲ ପ୍ରଦାନ ନ କରିବା ଏବଂ ତାଲିମ ସରିବା ପରେ ମଧ୍ୟ ଷ୍ଟାଇପେଣ୍ଡ ପ୍ରଦାନରେ ବିଳମ୍ବ, ଜଣେ ପ୍ରଶିକ୍ଷାର୍ଥୀଙ୍କ ମୃତ୍ୟୁ ହେବା ପରେ ମଧ୍ୟ ସେ ଷ୍ଟାଇପେଣ୍ଡ ନ ପାଇପାରିବା ଆଦି ନେଇ ଅଭିଯୋଗ ହୋଇଛି।

ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ମାଟି କଣ୍ଢେଇ କାରିଗର ଆନନ୍ଦ ଚନ୍ଦ୍ର ନାୟକଙ୍କଠାରୁ ୧୭,୫୦୦ ଟଙ୍କା ଟ୍ରେନିଂ ବାବଦରେ ଜବରଦସ୍ତ ସହକାରୀ ନିର୍ଦ୍ଦେଶକ ନେଇଥିବା ସେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ବୁଝିବେ ବୋଲି କହିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ସେହିପରି ୧୪ କାରିଗରଙ୍କଠାରୁ ୨୮ ହଜାର ଟଙ୍କା ତାଙ୍କ ଷ୍ଟାଇପେଣ୍ଡରୁ ଜବରଦସ୍ତ ନେଇଛନ୍ତି ସହକାରୀ ନିର୍ଦ୍ଦେଶକ। ଜିଲାରେ କାରିଗରୀ କରୁଥିବା ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଅଫିସ୍ ସିଲ୍ କରିଦେବେ ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟନାଥ ମହାନ୍ତି, ଜିଲା ସଭାପତି ଆନନ୍ଦ ଚନ୍ଦ୍ର ନାୟକ, ସଙ୍ଗଠନ ସମ୍ପାଦିକା ସରୋଜିନୀ ଦାସ, ତପନ ମହାରଣା, ରଘୁନାଥ ସାହୁ, ସମ୍ପା ସିଲ୍, ମିନତି ବାର୍, ସଂଯୁକ୍ତା ଜେନା, ସୁଦାମ ଜେନା, ଗୌରାଙ୍ଗ ସୂତାର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଅପରପକ୍ଷେ ଏ ସମ୍ପର୍କରେ ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ବେହେରାଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଛ ବୋଲି କହିଛନ୍ତି।

# ଚାଷ ଉପଯୋଗୀ ହୋଇପାରୁନି ୧୦୦ ଏକର ଜମି

- ଜଳ ନିଷ୍କାସନରେ ବାଧକ ପୋଖରୀ ଆଡ଼ିବନ୍ଧ
- ଦୁର୍ଦ୍ଦଶା ଭୋଗୁଛନ୍ତି ୩ ଗ୍ରାମର ଚାଷୀ
- ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ

ତିହିଡ଼ି,୧୪।୮ (ସଞ୍ଜିତ ବଳ)

ଚାଷ ଉପଯୋଗୀ ହୋଇପାରୁନି ୧୦୦ ଏକର ଜମି। ଜମିରୁ ଜଳ ନିଷ୍କାସନ ହେବାରେ ପୋଖରୀର ଆଡ଼ିବନ୍ଧ ବାଧକ ସାଜିଛି। ଫଳରେ ୩ ଗ୍ରାମର ୨ଶହ ଚାଷୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ତିହିଡ଼ି ତହସିଲ ଅଧୀନ ନୂଆନନ୍ଦ ଓ ହାଟୁଆରୀ, ଭଦ୍ରକ ତହସିଲ ଅଧୀନ ଗୋରାମାଟି ଗ୍ରାମରେ ଉପୁଜିଥିବା ଏ ପ୍ରକାର ପରିସ୍ଥିତିକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନେ ଏ ସମ୍ପର୍କରେ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ କରି ମଧ୍ୟ କୋଣସି ସୁଫଳ ପାଇପାରିନାହାନ୍ତି। ଚାଷୀମାନେ ନିରୁପାୟ ହୋଇ ଗୁରୁବାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିବା ବେଳେ ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଡାକ ଯୋଗେ ପଠାଇଛନ୍ତି। ଜମିରୁ ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।

ନୂଆନନ୍ଦ, ହାଟୁଆରୀ ଓ ଗୋରାମାଟି ଗ୍ରାମର ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବିଗତ ୪/୫ ବର୍ଷ ହେଲା ସେମାନେ ଧାନଚାଷ କରିପାରୁ ନାହାନ୍ତି। ଜମିରୁ ଜଳ ନିଷ୍କାସନ ହୋଇ ନ ପାରିବାରୁ ଏହି ସମସ୍ୟା ଉପୁଜୁଛି। କେତେଜଣ ବ୍ୟକ୍ତି ଜଳ ନିଷ୍କାସନ ପଥରେ ପୋଖରୀ ଖୋଳି ଆଡ଼ିବନ୍ଧ କରିଛନ୍ତି। ଜମିରେ ଜଳ ଜମି ରହିବା ଯୋଗୁ ଚାଷ କରିବା ସମ୍ଭବ ହୋଇପାରୁନାହିଁ। ଫଳରେ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମି ଚାଷ ଉପଯୋଗୀ ହୋଇପାରୁ ନାହିଁ। ୩ଟି ଗ୍ରାମର ଚାଷୀ ଏଥିପାଇଁ କ୍ଷତିଗ୍ରସ୍ତ ହେବା ସହ ବର୍ଷକର ଦାନା ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ ହୋଇପାରୁ ନ ଥିବା କୈବଲ୍ୟ ପାଢ଼ୀ, ରବୀନ୍ଦ୍ର କୁମାର ବେହେରା, ଉପେନ୍ଦ୍ର ବେହେରା, ଗିରିଧାରୀ ପାଣିଗ୍ରାହୀ, ରତ୍ନାକର ପାଢ଼ୀ, ବେଣୁଧର ପାଣିଗ୍ରାହୀ, ମହେନ୍ଦ୍ର ସାହୁ, ରଜନୀ ବେହେରା, ସାବିତ୍ରୀ ବେହେରା, ଶକୁନ୍ତଳା ସାହୁ ପ୍ରମୁଖ ଚାଷୀ ଦର୍ଶାଇଛନ୍ତି।

## କେନ୍ଦ୍ର, ରାଜ୍ୟରେ କଂଗ୍ରେସ ସରକାର ଗଠନ କରିବ: ଅସିତ

ଧୁଷୁରୀ, ୧୪।୮ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ଧୁଷୁରୀ ପୂଜ୍ୟପୂଜା ସଂସଦ ଭବନରେ ଗୁରୁବାର ପୂର୍ବାହ୍ନରେ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ନେତା ରଞ୍ଜନ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ ସଂଯୋଜକ ଅସିତ କୁମାର ପଟ୍ଟନାୟକ ବୈଠକରେ ଯୋଗଦେଇ ଜିଲାର ପ୍ରତି ବ୍ଲକରେ ନୂତନ ସଭାପତି ବଛାଯାଇ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହାବ୍ୟତୀତ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲା କଂଗ୍ରେସ ସହ ପ୍ରଭାରୀ ଦେବସ୍ମିତା ଶର୍ମା, ପ୍ରଦେଶ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ ଜିଲା ସଭାପତି ନାରାୟଣ ପାଢ଼ୀ, ବରିଷ୍ଠ ନେତା ବିଦ୍ୟାଧର ଜେନା, ଦେବେନ୍ଦ୍ର ମହାନ୍ତି, ରାଧାକାନ୍ତ ସାମଲ, ଅଭିଷେକ ରାଉତ, ହୃଦାନନ୍ଦ ସେଠୀ, ନାରୀନେତ୍ରୀ ଜାନକୀ ମଲ୍ଲିକ, ପୂର୍ବତନ ବ୍ଲକ ସଭାପତି ରମେଶ ବେହେରାଙ୍କ ସମେତ ବ୍ଲକସ୍ତରୀୟ ନେତୃମଣ୍ଡଳୀ ଓ କର୍ମୀମାନେ ବୈଠକରେ ଯୋଗ ଦେଇଥିଲେ। ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାକୁ ପ୍ରଚେଷ୍ଟା ଜାରି ରଖିବେ ସେମାନେ ମତବ୍ୟକ୍ତ କରିଥିଲେ।



ବୈଠକରେ ଜିଲା କଂଗ୍ରେସ ସଂଯୋଜକ ଅସିତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଦୀଘାରେ ଭାସିଗଲେ ୨ ବଙ୍ଗୀୟ ପର୍ଯ୍ୟଟକ

#### ଜଣେ ଉଦ୍ଧାର, ଅନ୍ୟ ଜଣେ ନିଖୋଜ

ଭୋଗରାଇ, ୧୪।୮( ପ୍ରଦୀପ ଦାସ): ଲଘୁଚାପଜନିତ କାରଣରୁ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ନିଷେଧାଜ୍ଞା ଜାରି କରାଯାଇଛି। ଏଭଳି ସ୍ଥିତିରେ ବୁଧବାର ମଧ୍ୟାହ୍ନରେ ୨ଜଣ ବଙ୍ଗୀୟ ପର୍ଯ୍ୟଟକ ଦୀଘା ସମୁଦ୍ରକୂଳରେ ପୋଲିସର ଆଢୁଆଳରେ ସମୁଦ୍ର ଭିତରକୁ ଯାଇ ଗାଧୋଉ ଥିବାବେଳେ ସମୁଦ୍ରର ଉତ୍ତାଳ ଢେଉରେ ଭାସିଯାଇଥିଲେ। ସେଠାରେ ଥିବା ସିଭିଲ ପୋଲିସ ଜଣେ ପର୍ଯ୍ୟଟକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଦୀଘା ଜେନେରାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅନ୍ୟ ଜଣେ ପର୍ଯ୍ୟଟକ ଖବର ଲେଖା ପର୍ଯ୍ୟନ୍ତ ନିଖୋଜ ଥିବା ସୂଚନା ମିଳିଛି।

### ତ୍ରିରଙ୍ଗା ଶୋଭାଯାତ୍ରା

ରସାଳପୁର, ୧୪।୮(ଶରତ ସାମଲ)– ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ମଣିନାଗେଶ୍ୱର ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତ୍ରିରଙ୍ଗା ଯାତ୍ରା ସହିତ ହର ଘର ତ୍ରିରଙ୍ଗା ଅଭିଯାନର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୭ନମ୍ବର ଜୋନ୍ ଭାଜପା ପକ୍ଷରୁ ଈଶାଣୀ ପଞ୍ଚାୟତ ଲବଣତୀର୍ଥ ପଡିଆରୁ ଶୋଭାଯାତ୍ରା ଆରମ୍ଭ ହୋଇ ରସାଳପୁର ପଞ୍ଚାୟତ ଭୀମପୁର ଛକ ପର୍ଯ୍ୟନ୍ତ ଯାଇଥିଲେ। ତ୍ରିରଙ୍ଗା ପତାକା ଧରି ଏହି ଶୋଭାଯାତ୍ରାରେ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ଖାନନଗର, ସାରଗାଁ, ପଦ୍ମପୁର, ରସାଳପୁର ଓ ଭୀମପୁର ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ସୋର, ୧୪।୮(ଜନ୍ମେଜୟ ମିଶ୍ର): ସୋର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ମୁନି ସବିରା ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଲିପା ମାଝୀ (୪୫)। ଘରେ କେହି ନ ଥିବା ସୁଯୋଗ ନେଇ ଲିପା ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୬୪୯/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତିରେ ପୋଲିସ ଲିପାଙ୍କୁ ଗିରଫ କରିଥିଲା। ଗୁରବାର ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ଖଡ଼ଗପୁର–ବାଲେଶ୍ୱର ସେକ୍ସନ ପରିଦର୍ଶନ କଲେ ଡିଆର୍‌ଏମ୍

ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ)

■ଅମୃତ ଷ୍ଟେଶନ ପ୍ରକଳ୍ପ କାର୍ଯ୍ୟ ତଦାରଖ

■ଯାତ୍ରୀଙ୍କ ସେବା, ସୁବିଧା ଉପରେ ଗୁରୁତ୍ୱାରୋପ

ଦକ୍ଷିଣ–ପୂର୍ବ ରେଳପଥର ଖଡ଼ଗପୁରର ଡିଭିଜନାଲ ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ଲଳିତମୋହନ ପାଣ୍ଡେ ଗୁରୁବାର ଖଡ଼ଗପୁର–ବାଲେଶ୍ୱର ସେକ୍ସନ ପରିଦର୍ଶନ କରିଛନ୍ତି। ଜଳେଶ୍ୱର, ବେଲଦା ଏବଂ ବାଲେଶ୍ୱର ଷ୍ଟେଶନରେ ପହଞ୍ଚି ଅମୃତ ଷ୍ଟେଶନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଉନ୍ନତ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଅମୃତ ଷ୍ଟେଶନ ପ୍ରକଳ୍ପକୁ ଉତ୍ତମ ଗୁଣବତ୍ତା ଓ ମାନଦଣ୍ଡ ପାଳନ ପୂର୍ବକ ସମୟ ସୀମା ମଧ୍ୟରେ ଶେଷ କରିବାକୁ କହିଥିଲେ। ସମସ୍ତ କାର୍ଯ୍ୟକୁ ତଦାରଖ କରିବା ସହ ଯାଞ୍ଚ କରିଥିଲେ। ଏଥିସହିତ ଷ୍ଟେଶନଗୁଡିକରେ ବିଭିନ୍ନ ଯାତ୍ରୀଙ୍କ ପାଇଁ ଉନ୍ନତ ସେବା, ସୁବିଧା ଓ ସୁଗମତା


ରେଳଷ୍ଟେଶନ ପରିଦର୍ଶନ ସମୟରେ ଡିଆର୍‌ଏମ୍‌ଙ୍କ ସହ ଅଧିକାରୀ।

ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଆର୍‌ଏମ୍ ପାଣ୍ଡେ ବେଲଦା ଓ ନେକୁରସିନି ଷ୍ଟେଶନ ମଧ୍ୟରେ ଲେଭେଲକ୍ରସିଂ ଗେଟ୍ ନମ୍ବର ୨୬ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ସୁରକ୍ଷା ବ୍ୟବସ୍ଥା ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ ସମୀକ୍ଷା କରିଥିଲେ। ସେ ଖଡଗପୁର–ବାଲେଶ୍ୱର ସେକ୍ସନର ୱିଣ୍ଡୋ ଟ୍ରେଲିଂ କରିବା ସହ ସୁରକ୍ଷା ଏବଂ ସମ୍ପତ୍ତି ରକ୍ଷଣାବେକ୍ଷଣ ସମ୍ପର୍କିତ ବିଭିନ୍ନ ପାରାମିଟର ସମୀକ୍ଷା କରିଥିଲେ। ଏହି ଯାଞ୍ଚ ଖଡଗପୁର ଡିଭିଜନର ଉନ୍ନତ ଯାତ୍ରୀସେବା, ଆଧୁନିକ ଷ୍ଟେଶନ ସୁବିଧା ଓ ସୁରକ୍ଷିତ ରେଳ ପରିଚାଳନା ପ୍ରଦାନ ଦିଗରେ ପ୍ରତିବଦ୍ଧତା ଅଟେ। ଡିଆର୍‌ଏମ୍‌ଙ୍କ ପରିଦର୍ଶନ ସମୟରେ ରେଳ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ୨୩ହଜାର ତ୍ରିରଙ୍ଗା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କଲେ ମହିଳା ଗୋଷ୍ଠୀ


ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ବିଡିଓଙ୍କୁ ତ୍ରିରଙ୍ଗା ହସ୍ତାନ୍ତର କରାଯାଉଛି।

ଖଇରା, ୧୪।୮(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକର ୮ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯିବା ପରେ ପ୍ରଶାସନ ଏହାକୁ ୩୭ ପଞ୍ଚାୟତକୁ ବଣ୍ଟନ କରିଛି। ବ୍ଲକସ୍ତରୀୟ ମହିଳା ମହାସଂଘର ତତ୍ତ୍ୱାବଧାନରେ ବିଭିନ୍ନ ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ ୫ଦିନ ମଧ୍ୟରେ ୨୩ହଜାର ୨ଶହ ତ୍ରିରଙ୍ଗା ପ୍ରସ୍ତୁତ କରିଥିଲେ। ଗୁରୁବାର ମହିଳା ମହାସଂଘର ସଭାପତି ସୁମିତ୍ରା ମହାପାତ୍ର, ସମ୍ପାଦିକା ସୁକାନ୍ତି ନାୟକ, କୋଷାଧ୍ୟକ୍ଷ ଝରଣା ସେଠୀ ଏହି ପତାକା ବିଡିଓ ନାରାୟଣ ସାହୁଙ୍କୁ ହସ୍ତାନ୍ତର କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ସୁଚିସ୍ମିତା ପରିଡା, ବିପିଏମ୍ ପୀତବାସ ବିଶ୍ୱାଳ, ସିଡିପିଓ ଉର୍ମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୬୦୦ ଫୁଟ୍‌ର ବିଶାଳ ତ୍ରିରଙ୍ଗା ଯାତ୍ରା


ତ୍ରିରଙ୍ଗା ଶୋଭାଯାତ୍ରା।

ନୀଳଗିରି, ୧୪।୮(ପ୍ରଶାନ୍ତ ବିଶ୍ୱାଳ)

ସ୍ୱାଧୀନତା ଦିବସ ଉପଲକ୍ଷେ ସଂଘର୍ଷ, ପରାକ୍ରମ ଓ ବଳିଦାନକୁ ମନେ ପକାଇ ଗୁରୁବାର ପୂର୍ବାହ୍ନରେ ନୀଳଗିରିରେ ଏକ ୬୦୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ନୀଳଗିରି ବସ୍‌ଷ୍ଟାଣ୍ଡଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପାଖାପାଖି ୧୫୦୦ ଛାତ୍ରୀଛାତ୍ର ସହ ରାଷ୍ଟ୍ରପ୍ରେମୀ ଭଉଣୀ ଓ ଭାଇ ଭାଗ ନେଇଥିଲେ। ଭାରତ ମାତା କି ଜୟ 'ବନ୍ଦେ ମାତରମ' ନାରାରେ ନୀଳଗିରି ସହର ପ୍ରକମ୍ପିତ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ୧୧ ନଂ. ଜିଲା ପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ, ୧୨ନଂ. ରଞ୍ଜିତା ସିଂ, ୨ନଂ. ଉଷାରାଣୀ ରାଉଳ ଓ ୧୩ନଂ. ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦଙ୍କ ସମେତ କରୁଣାକର ପଣ୍ଡା, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, ଗୋପୀବଲ୍ଲଭ ରାଉତ, ତାପସ ମହାନ୍ତି, ରବି ନାୟକ, ପ୍ରଫୁଲ୍ଲ ଦଳେଇ, ମନରଞ୍ଜନ ବେହେରା ଓ ଯୁବନେତା ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## ବେଳାଭୂମି ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ବାହାନଗା, ୧୪।୮(ଅରୂପ କୁମାର ଦାସ): ବାହାନଗା ବ୍ଲକ ଅଭଣାସ୍ଥିତ ବେଳାଭୂମି ମହାବିଦ୍ୟାଳୟରେ ଶୁକ୍ରବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ଚାରାରୋପଣ, ନିଶା ନିବାରଣ ଶପଥଗ୍ରହଣ, ସଂସ୍କୃତ ସପ୍ତାହ, ହର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ ଇନୋଭେଶନ ଆଣ୍ଡ ଷ୍ଟାଟ୍‌ଅପ କାର୍ଯ୍ୟକ୍ରମ ଓ ହର ଘର ତ୍ରିରଙ୍ଗା ଆଦି କାର୍ଯ୍ୟକ୍ରମ କ୍ରମାଗତ ଭାବେ ଅନୁଷ୍ଠିତ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ମହାବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ.ଅନନ୍ତ ଚରଣ ସାହୁ ପରିଚାଳନା କରିବା ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ତଥା ଶତାଧିକ ଛାତ୍ରୀଛାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି। ଅଭଣା ଗ୍ରାମକୁ ତ୍ରିରଙ୍ଗା ଯାତ୍ରାରେ ପରିକ୍ରମା ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଳାଭୂମି ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ସ୍ୱଚ୍ଛତା ଓ ପରିବେଶ ଆମ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ବିଷୟରେ ଉଦ୍‌ବୋଧନ ଦେଇଥିଲେ।

## ଜନ ସୁରକ୍ଷା ଅଭିଯାନ

ଲଙ୍ଗଳେଶ୍ୱର, ୧୪।୮(କମଳାକାନ୍ତ ଦାସ)

ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ପଞ୍ଚୁପାଲି ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳଠାରେ ଜନ ସୁରକ୍ଷା ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଧନ ଯୋଜନାରେ ରିକେୱାଇସି, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ପଞ୍ଜିକରଣ କରାଯାଇଥିଲା। ବାଲେଶ୍ୱର ଅଞ୍ଚଳ ପ୍ରବନ୍ଧକ ସୁଦୀପ ଡାକୁଆ ଶିବିରକୁ ଶୁଭାରମ୍ଭ କରି ବ୍ୟାଙ୍କ ଦ୍ୱାରା କେନ୍ଦ୍ର ସରକାର ଦେଉଥିବା ଯୋଜନାରୁ ସାଧାରଣ ଲୋକେ କିପରି ଲାଭ ଉଠାଇବେ ସେନେଇ ଆଲୋଚନା କରିଥିଲେ। ବାଲେଶ୍ୱର ଲିଡ୍ ବ୍ୟାଙ୍କ ମ୍ୟାନେଜର ମୋତି କୁମାର ସା, ନାବାର୍ଡ ଜିଲା ବିକାଶ ପ୍ରବନ୍ଧକ ତାପସ ପ୍ରଧାନ, ଏଫ୍‌ଏଲ୍‌ସି ଗୟାଧର ମିଶ୍ର, ବ୍ରାଞ୍ଚ ମ୍ୟାନେଜର ଚନ୍ଦନ କୁମାର ମାଝି ଯୋଗଦେଇ ଜନ ସୁରକ୍ଷା ବିଷୟରେ ଲୋକଙ୍କ ସହ ଆଲୋଚନା କରି ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ରାଜକିଶୋର ଦାସ, ପ୍ରଦୀପ କୁମାର ଗିରିଙ୍କ ସମେତ ସମସ୍ତ ବ୍ୟାଙ୍କମିତ୍ର ପରିଚାଳନା କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ


ବୈଠକରେ ଉପସ୍ଥିତ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

ଜଳେଶ୍ୱର, ୧୪।୮(ନବୀନ ସାହୁ)

ଜଳେଶ୍ୱର ବ୍ଲକ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ଉପସ୍ଥିତ ଥିଲେ। ବୈଠକରେ ହସ୍ପିଟାଲ୍ ମୁଖ୍ୟ ଭୀଷ୍ମଚରଣ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ହସ୍ପିଟାଲରେ ଦୀର୍ଘଦିନ ପରେ ବିଧାୟକଙ୍କ ଦ୍ୱାରା ଓିଜି ଏବଂ ଆଶା ଘର ଉଦ୍‌ଘାଟନ ହୋଇଥିଲା। ଏନେଇ ବିଧାୟକଙ୍କୁ ସମସ୍ତେ ଧନ୍ୟବାଦ ଦେଇଥିଲେ।

ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଆସିଥିବା ଅଭିଯୋଗ ବାବଦରେ ହସ୍ପିଟାଲ ମୁଖ୍ୟଙ୍କୁ ବିଧାୟକ ତାଗିଦ୍ କରିଥିଲେ। ହସ୍ପିଟାଲରେ ଡାକ୍ତରମାନଙ୍କ ରହିବା ପାଇଁ ଥିବା କ୍ୱାର୍ଟର୍ସ ଛାତରୁ ପାଣି ଗଳିବା ସହିତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଡାକ୍ତରଙ୍କ ପାଇଁ ବାସଗୃହ ନିର୍ମାଣ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ହସ୍ପିଟାଲକୁ ନୂତନ ଏକ୍ସରେ ମେଶିନ ଏବଂ ଅଲଟ୍ରାସାଉଣ୍ଡ ମେଶିନ ଆଣିବା ପାଇଁ ବିଧାୟକଙ୍କୁ କମିଟି ସଦସ୍ୟ ପ୍ରସ୍ତାବ ଦେଇଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତି ବ୍ଲକ୍ ଅଧ୍ୟକ୍ଷ ମାନସ ଜେନା, ସ୍ତ୍ରୀ ଓ ପ୍ରସୂତି ଚିକିତ୍ସକ ଅଜୟ ସାହୁ, ମେମ୍ବର ଗଙ୍ଗାଧର ଦାସ, ଦିଲୀପ ସାମଲ, ବ୍ରିଜେଶ ରଣା, ମିହିର ଆଚାର୍ଯ୍ୟ, ବିପିଏମ ସ୍ମିତା ପ୍ରମାଣିକ, ମେମ୍ବର ମୁଖ୍ୟ ଭୀଷ୍ମଚରଣ ପରିଡ଼ା, ଫକୀର ମୋହନ ପ୍ରଧାନ, ପରିଦର୍ଶକ ଶୀତଲ ସମିତା ମାଝୀ, ବିଇଓଙ୍କ ପ୍ରତିନିଧି ରଘୁନାଥ ମରାଣ୍ଡି, ମେଡିକାଲ୍ ଜେଇ ଆଶୁତୋଷ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବାରମ୍ବାର କହିବା ସତ୍ତ୍ୱେ ପୂର୍ତ୍ତ ବିଭାଗର କର୍ମଚାରୀ ଏବଂ ପାନୀୟଜଳ ବିଭାଗ ଅନୁପସ୍ଥିତ ଥିଲେ। ଯାହାକୁ ନେଇ କମିଟି ମେମ୍ବର ଅସନ୍ତୋଷ ପ୍ରକାଶ କରିଥିଲେ।

## ଖୁଲୁଡ଼ା ସରପଞ୍ଚ ଅଯୋଗ୍ୟ ଘୋଷିତ

### ସରପଞ୍ଚଙ୍କ ବାସଭବନରେ ଲଟକା ଲଗାଇଲା ବ୍ଲକ ପ୍ରଶାସନ

ଜଳେଶ୍ୱର, ୧୪।୮(ନବୀନ ସାହୁ/ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖୁଲୁଡ଼ା ପଞ୍ଚାୟତର ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ତାଙ୍କ ପଦବୀ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳ ତାଙ୍କ ଚିଠି ନମ୍ବର ୧୪୨୭ ତା୧୨।୮।୨୫ ଅନୁଯାୟୀ ଜଳେଶ୍ୱର ବିଡିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଉଲ୍ଲେଖ କରିଛନ୍ତି। ଖୁଲୁଡା ପଞ୍ଚାୟତର ସରପଞ୍ଚ ପଦବୀ ଆକସ୍ମିକ ଭାବେ ଖାଲି ପଡ଼ିବା ସମ୍ପର୍କରେ ଜିଲାପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାଲେଶ୍ୱର ଜିଲା ଜଜ୍ ନିର୍ବାଚନ ଅପିଲ୍ ନମ୍ବର ୫/୨୦୨୪ ସମ୍ପର୍କରେ ଏକ ଆଦେଶନାମା ଗତ ଜୁଲାଇ ୨୯ ତାରିଖରେ ପ୍ରଦାନ କରିଛନ୍ତି। ଜିଲା ଜଜ୍‌ଙ୍କ ଦ୍ୱାରା ଜାରି ଏହି ଆଦେଶନାମାରେ ଉଲ୍ଲେଖ ରହିଛି ଯେ ଜଳେଶ୍ୱର ସିଭିଲ୍ ଜଜ୍(ଜୁନିୟର ଡିଭିଜନ) ଏକ ନିର୍ବାଚନ ପିଟିସନ୍ ଉପରେ ରୁଜୁ କରିଥିବା ୨୨/୨୦୨୨ ନମ୍ବର ନିର୍ବାଚନୀ ମାମଲାର ବିଚାର କରି ୨୦୨୪ ମସିହା ଜୁଲାଇ ୩୧ତାରିଖରେ ଯେଉଁ ରାୟ ଦେଇଥିଲେ ସେହି ରାୟକୁ ବାଲେଶ୍ୱର ଜିଲା ଜଜ୍ ବଳବତ୍ତର ରଖିଛନ୍ତି। ତଦନୁସାରେ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ଖୁଲୁଡା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ଖୁଲୁଡା ପଞ୍ଚାୟତରେ ଖାଲି ପଡିଥିବା ସରପଞ୍ଚ ପଦବୀ ପୂରଣ ପାଇଁ ଆଗାମୀ ଦିନରେ ନୂତନ ନିର୍ବାଚନ ଅନୁଷ୍ଠିତ ହେବ। ସରପଞ୍ଚ ପଦବୀ ଆକସ୍ମିକ ଭାବେ ଖାଲି ପଡୁଥିବାରୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଧାରା ୧୯୬୪ ଓ ସେକସନ ୨୧ ଅନୁଯାୟୀ ଏଥିନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ଚିଠିରେ ଉଲ୍ଲେଖ ରହିଛି। ଜିଲାପାଳଙ୍କ ଏହି ଚିଠି ମିଳିବା ପରେ ବୁଧବାର ଜଳେଶ୍ୱର ବିଡିଓଙ୍କ ନିର୍ଦ୍ଦେଶରେ ଖୁଲୁଡ଼ା ପିଇଓ ଦେବୀଦତ୍ତ ବେହେରା ସରପଞ୍ଚଙ୍କ ଘରକୁ ଯିବା ସହ ୩ଜଣ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କ ଘରର କାନ୍ଥରେ ଏକ ଲଟକା ଲଗାଇଛନ୍ତି। ସେହିପରି ତାଙ୍କୁ ହ୍ୱାଟ୍ସଆପ୍ ଯୋଗେ ମଧ୍ୟ ଏହି ଚିଠି ପ୍ରେରଣ କରାଯାଇଛି।

ଏ ନେଇ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ୧୯୮୪ ମସିହାରୁ ମୁଁ ରାଜନୀତି କରୁଛି ଏବଂ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରିଛି। ଏବେ ମୁଁ ଲୋକଙ୍କ ଭୋଟ ପାଇ ସରପଞ୍ଚ ପଦବୀରେ ବସିଥିବା ବେଳେ କିଛି ଲୋକେ ଈର୍ଷାପରାୟଣ ହୋଇ ମୋତେ ପଦବୀରୁ ହଟାଇବାକୁ ଚାହୁଁଛନ୍ତି। ତେବେ ହାଇକୋର୍ଟଙ୍କ ଉପରେ ମୋର ଯଥେଷ୍ଟ ଆସ୍ଥା ଓ ବିଶ୍ୱାସ ରହିଛି। ନ୍ୟାୟ ପାଇଁ ମୁଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

## ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା

ବାଲେଶ୍ୱର,୧୪।୮(ବାଞ୍ଛାନିଧି ଦେ)

### ଜିଲା କୋଅର୍ଡିନେଶନ୍ ଆଣ୍ଡ ମନିଟରିଂ କମିଟି ବୈଠକ

ବାଲେଶ୍ୱର ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍ ପରିସରରେ ଜିଲା କୋର୍ଡିନେଶନ୍ ଆଣ୍ଡ ମନିଟରିଂ କମିଟି (ଦିଶା) ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ବନ୍ୟା କ୍ଷୟକ୍ଷତି ରିପୋର୍ଟ ସମ୍ପର୍କରେ ତର୍ଜମା କରି ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସଦର ବିଧାୟକ ମାନସ ଦତ୍ତ, ବସ୍ତା ବିଧାୟକ ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡା, ସୋର ବିଧାୟକ ମାଧବ ଧଡ଼ା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣା ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଡ଼ିଓ ସଞ୍ଜୟ କୁମାର ରାଉତ ପ୍ରମୁଖ ଏଜେଣ୍ଡା ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀ ପଞ୍ଜିକରଣ ମାତ୍ର ୫୦% ହେବା, ମୃତ୍ତିକା କାର୍ଡ଼ ପ୍ରଦାନରେ


ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

ଅଧିକାଂଶ ବ୍ଲକର ରିପୋର୍ଟ ଶୂନ ରହିବା, ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ସହ ଚିକିତ୍ସାରେ ବାଧାପ୍ରାପ୍ତକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ କୃଷି, ସ୍ୱାସ୍ଥ୍ୟ, ଗମନାଗମନ ଓ ଶିକ୍ଷା ସହ ବିଭିନ୍ନ ବିଭାଗର କାର୍ଯ୍ୟ ଓ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ପିଏମ୍‌ଏଫ୍‌ବିୱାଇ, ଏଟିଏମ୍‌ଏ ଆଦି ସମ୍ପର୍କରେ ସମୀକ୍ଷା ହୋଇଥିଲା। ଶିକ୍ଷା ବିଭାଗକୁ ପିଏମ୍–ଶ୍ରୀ ଯୋଜନା ଓ ଗଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାପୀଠ ଯୋଜନା ବିଷୟରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଅବସରରେ ମଞ୍ଚାସୀନ ନେତୃବୃନ୍ଦ ଏବଂ ଜିଲାପାଳ ପ୍ରତ୍ୟେକ ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

## ରାଶନ ସାମଗ୍ରୀ ଯୋଗାଣରେ ଅନିୟମିତତା ଅଭିଯୋଗ

ଭୋଗରାଇ, ୧୪।୮(ପ୍ରଦୀପ ଦାସ)

ରାଜ୍ୟ ସରକାର ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ରାଶନ କାର୍ଡ ହିତାଧିକାରୀଙ୍କୁ ମାସକୁ ନିୟମିତ ଚାଉଳ ଓ କିରୋସିନ ଯୋଗାଇ ଦିଆଯିବାର ନିର୍ଦ୍ଦେଶ ରହିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ରାଶନ ସାମଗ୍ରୀ ବଣ୍ଟନରେ କ୍ରମାଗତ ଅନିୟମିତତା ଓ କଳାବଜାର ହେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଅଭିଯୋଗକାରୀମାନେ ବ୍ଲକ ଯୋଗାଣ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି।

| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer, Khariar (R&B) Division, Khariar
OIPR-34062/11/0034/2526

# GOVERNMENT OF JHARKHAND WATER RESOURCES DEPARTMENT. LOCAL/NATIONAL COMPETITIVE BIDDING.

**NIT NO :- Short Re e-Tender No. WRD/MID/ BOKARO/SBD-03/2025-26 (6th call) Date :14.08.2025**

| Name of the work | Renovation of Ambagarha Wear Scheme and Mirgikoh Irrigation Drain in Vill- Gundligarha, Panchayat Koh, under Block- Petarwar, Bokaro. |
|---|---|
| Estimated Cost (Rs.) | Rs. 27732018.00 (Two Crore SeventySeven lakh Thirty two Thousand Eighteen only) |
| Time of Completion | 11 Month (335 Days) |
| Earnest Money (Through Online Mode) | Rs. 277500.00 (Two lakh Seventyseven Thousand five hundred only) |
| Tender Fee (Through Online Mode) | Rs. 10000.00 (Ten Thousand only) (Non-Refundable) |
| Period of availability of Bidding document on website. | 21.08.2025 at. 02:00 PM to 30.08.2025 at. 02:00 PM |
| Time and Date of Pre-bid Conference. (Physical as well as On-line) | 20.08.2025 at 01:00 PM at O/o The Chief Engineer Minor Irrigation, Ranchi, (Abhiyantran Bhawan) |
| Period of online submission of Bids | From 21.08.2025 at. 02:00 PM to 30.08.2025 at. 02:00 PM |
| Date and Time of Opening Pre-Qualification Bid | 01.09.2025 at. 03:00 PM |
| Date and Time of Opening of Technical Bids | To be announced after Pre-Qualification Bid |
| Date and Time of Opening of Financial Bids | To be announced after Technical B id |
| Place of Opening of Bids | E-Procurement cell O/o Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001 |
| Officer Inviting Bids and his Mobile no. and E-mail id | Executive Engineer, Minor Irrigation Division, Bokaro.Mob No. 9773661712 E-Mail Id – eemibkr@gmail.com |
| Help line Number of e-Procurment | 9431510092 |

**Note :- (1)** Only e-Tenders will be accepted. Further details can be seen on website http://jharkhandtenders.gov.in
(2) Estimated cost liable to change.

**Executive Engineer, Minor Irrigation Division, Bokaro**

PR 359568 (Minor Irrigation)25-26*D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମୁକ୍ତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାଜପା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଗୁରୁବାର ଭୁବନେଶ୍ୱର ରୂପାଲୀ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ୧ କି.ମି.ର ତ୍ରିରଙ୍ଗା ପତାକା ଧରି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତ୍ରିରଙ୍ଗା, ବାଦ୍ୟ ଓ ନୃତ୍ୟ ସହ ଏହି ପଦଯାତ୍ରାରେ ୨୦୦୦ରୁ ଅଧିକ ଯୁବତୀଯୁବକ ସାମିଲ ହୋଇଥିଲେ। ଏହି ଅବସରରେ ଅଭିଲାଷ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ଭାବେ ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ିବ ଏବଂ ତ୍ରିରଙ୍ଗା ଆମ ଦେଶର ସ୍ୱାଭିମାନ, ଅସ୍ମିତା ଦେଶ ପ୍ରୀତିର ପରିଚୟ । ତେଣୁ ଏହି ଏକୀକୃତ ପରିଚୟ ଅଛି ଆମ ଦେଶ ପ୍ରେମକୁ ଜାହିର କରିବା ପାଇଁ ତାହା କେବଳ ସ୍କୁଲ କିମ୍ବା କଲେଜ ଓ ଅନୁଷ୍ଠାନଗୁଡିକରେ ନୁହେଁ ପ୍ରତ୍ୟେକ ଘରେ ପ୍ରତ୍ୟେକ ବ୍ୟକ୍ତି ଆମ ତ୍ରିରଙ୍ଗା ଉଡ଼ାଇବା ଆବଶ୍ୟକ। ମୋଦିଙ୍କ ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଦଳର ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସବୁ ସ୍ଥାନରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହି ତ୍ରିରଙ୍ଗା ଯାତ୍ରାରେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ତ୍ରିରଙ୍ଗା ଯାତ୍ରା ଭାରତମାତାର ଏକତା ଓ ଅଖଣ୍ଡତାର ପ୍ରତୀକ। ଭାରତମାତା କୋଳରେ ଏହି ତ୍ରିରଙ୍ଗା ପତାକା ଉଡାଇବା ପାଇଁ କେତେ ମହାପୁରୁଷ ଏବଂ ଆମ ପୂର୍ବଜମାନେ ବଳିଦାନ ଦେଇଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ଭାରତର ସୀମା ସୁରକ୍ଷିତ ଅଛି। ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ହେଉଥିବା ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ସମର୍ପିତ ବୋଲି ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ମୁକ୍ତା ସ୍ମିନ ନାୟକ**

ଘର: ବିରସ, ବାସୁଦେବପୁର

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାପା: ମାନସ, ମା: ଜସ୍ମିନ, ଜେଜେ: ନରେନ୍ଦ୍ର, ଜେଜେମା: ଶାନ୍ତିଲତା

ଧ-୧୬୫୬



# Classified Everyday

0674-2580101, 9692975378



## REAL ESTATE SALE

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492.** D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

**Duplex sale with gated Society near Allms Hospital, Bhubaneswar-9777433701.** D-1614

## AFFIDAVIT

By virtue of an affidavit sworn before the Executive Magistrate, Jharsuguda, No.-9334, date 11.08.2025, I, Tuleswar Sa, S/o-Adikanta Sa, R/o. Vill-Kandsar, P.O.- Ubuda, P.S.- Lakhanpur, Dist.-Jharsuguda- 768217 declare that I have changed my name from Tuleswar Sa to Tuleswar AB Sa. Henceforth, I shall be known as "Tuleswar AB Sa" for all future purposes.
Tuleswar AB Sa
D-1648

By virtue of an affidavit sworn before Executive Magistrate, Chandabali, dtd. 12.08.2025, I, Jyotsnalata Mohanty, W/o- Alekha Mohanty, Vill- Kismat, P.O.-Bijaynagar, P.S.-Chandabali, Dist.-Bhadrak, Odisha, Pin- 756133 declare that I have changed my name from Jyotsnarani Mohanty to Jyotsnalata Mohanty. Henceforth, I shall be known as Jyotsnalata Mohanty for all purposes. D-1655

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue an affidavit sworn before Executive Magistrate, Gondia, Dhenkanal dated 13.08.2025, I, Anjali Samal, Village-Biswanathpur, P.O.-Kapilash, P.S.-Gondia, Dist.- Dhenkanal, Odisha, PIN- 759016 declare that I have changed my name from ANJALI BALA NAYAK to ANJALI SAMAL. Henceforth, I shall be known as ANJALI SAMAL for all purposes.
Anjali Samal
D-1650

Sworn before Executive Magistrate, Khallikote, I, Kuni Parida (48), W/o- Murali Parida, Vill-Srikrushna sharanapur, P.O.- Panditgaon, P.S.-Khallikote, Ganjam declared by this affidavit No.- A/2954/05.08.25 now onwards I known as Urmila Parida for all future purposes. D-1654

By virtue of an affidavit sworn before the Executive Magistrate, Bhubaneswar, dated 20.06.2025, I, Sasmita Behera, W/o- Manas Kumar Behera, resident of At/P.O.- Jyotipur, P.S.-Bariha, Dist.- Keonjhar, Odisha-758046 declare that I have changed my surname from Sethy to Behera. Henceforth, I shall be known as SASMITA BEHERA for all purposes. D-1653

I, Anusaya Misra, W/o-Badri Narayan Rath, Resident of Plot No.-114/3107, Ekamra Vihar, Sundarpada, P.S.-Airfield, Bhubaneswar, Dist.- Khordha, Odisha-751002 declare by this affidavit No.-1618, dtd. 13.08.2025. That now onwards I shall be known as Anusaya Misra to ANUSUYA RATH for all future purposes. D-1651

By virtue of an affidavit sworn before the Executive Magistrate, Boudh, No.- 1149, date 14.08.25, I Supriya Pradhan, W/o- Sanjeeb Kumar Pradhan, R/o. Village/P.O.- Sarasara, P.S./Dist.- Boudh, Odisha, PIN- 762026 declare that I have changed my name from Suprityа Pradhan to Supriya Pradhan. Henceforth, I shall be known as Supriya Pradhan for all purpose.
Supriya Pradhan
D-1652

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

Letter No.-1549,
Dt.05.08.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୦୦୬/୨୦୨୪

ପ୍ରମିଳା ବାଳା ସାହୁ ...ବାଦୀ
ବନାମ
ପବିତ୍ର ରାଉତରାୟ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ଶ୍ରୀଧର ଜେନା, ପିତା ସ୍ୱର୍ଗତ ରାମ ଚନ୍ଦ୍ର ଜେନା, ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩। ଜଗବନ୍ଧୁ ସାହୁ, ପିତା ସ୍ୱର୍ଗତ ଦୁଃଖିଶ୍ୟାମ ସାହୁ, ୪। ପିତେଇ ସାହୁ, ସ୍ୱାମୀ ସ୍ୱର୍ଗତ ଦୁଃଖିଶ୍ୟାମ ସାହୁ ଉଭୟଙ୍କର ସା- ଜୟପୁର, ପୋଷ୍ଟ- ବେଲଗାଛିଆ, ଭାୟା-ବାରଙ୍ଗ, ଜିଲ୍ଲା- କଟକ ୬। କେଳୁ ଚରଣ ସାହୁ, ପିତା ସ୍ୱର୍ଗତ ନିଧି ସାହୁ, ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭। ହାଡ଼ିବନ୍ଧୁ ସାହୁ, ପିତା ସ୍ୱର୍ଗତ ସାନନ୍ଦ ସାହୁ, ୮। ବାଛା ସାହୁ, ୯। ବାମଦେବ ସାହୁ, ଉଭୟଙ୍କର ପିତା ସ୍ୱର୍ଗତ ମଦନ@ମୋହନ ସାହୁ, ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୦। ନବକିଶୋର ସାହୁ, ପିତା ସ୍ୱର୍ଗତ ରାମ ଚନ୍ଦ୍ର ସାହୁ, ୧୧। ରବୀନ୍ଦ୍ରନାଥ ବେହେରା, ପିତା ସ୍ୱର୍ଗତ ଗଜେନ୍ଦ୍ର ବେହେରା ଉଭୟଙ୍କର ବାସସ୍ଥାନ ସା-ବାଲିକୁଦା, ପୋଷ୍ଟ- ଗୋପାଳପୁର, ଥାନା-କଟକ ସଦର, ଜିଲ୍ଲା- କଟକ- ୭୫୩୦୧୧, ୧୨। ଦିବାକର ସାହୁ, ପିତା କୁଳମଣି ସାହୁ, ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା ଖୋର୍ଦ୍ଧା

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨,୩, ୪,୬,୮,୧୦ ଏବଂ ୧୧ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.- ୭,୯ ଏବଂ ୧୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪, ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର, କାର୍ଯ୍ୟାଳୟଠାରେ ଆସନ୍ତା ତା୧୫।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗୋଠପାଟଣା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୫୧, ସାବକ ପ୍ଲଟ୍ ନଂ.- ୨୭୭, ସବ୍-ପ୍ଲଟ୍ ନଂ.- ୯, ଏରିଆ- ଏ.୦.୦୫୫ଡି., ହାଲ୍ ଖାତା ନଂ.- ୭୧୬, ହାଲ୍ ପ୍ଲଟ୍ ନଂ.- ୫୦୯, ଏରିଆ- ଏ.୦.୦୫୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.- ୪ଙ୍କ ଆଦେଶକ୍ରମେ
ସ୍ୱା./- (କୋର୍ଟ ଅଧିକାରୀ)
୦୫।୦୮।୨୦୨୫
ଧ-୧୬୪୯

IN THE COURT OF THE DISTRICT JUDGE, ANGUL, R.F.A. No.- 04/2019

ଲିଲି ପ୍ରଧାନ ଓଗେର ...ଆପେଲାଣ୍ଟସ
-ବନାମ-
ସରୋଜ କୁମାର ଦାଶ ଓଗେର ....ରେସପୋନଡେଣ୍ଟସ

Notice under Order-V, Rule-20 of the Civil Procedure Code, 1908

(୧) ଦୁଖବନ୍ଧୁ ସାହୁ, ବୟସ ପ୍ରାୟ ୬୦ ବର୍ଷ, (୨) ଶରତ ଚନ୍ଦ୍ର ସାହୁ, ବୟସ ପ୍ରାୟ ୫୦ ବର୍ଷ
ଉଭୟଙ୍କ ପିତା ଲମ୍ବୋଦର ସାହୁ (ମୃତ), ସା:/ପୋ:- ରନ୍ତଲେଇ, ଥାନା/ଜିଲ୍ଲା- ଅନୁଗୁଳ। ବର୍ତ୍ତମାନର ଠିକଣା: ସେଣ୍ଟ ଜାଭିୟେର ସ୍କୁଲ ପାଖ, କଲେଜ ଛକ, ଅନୁଗୁଳ ଟାଉନ, ପୋ:- ହାକିମପଡ଼ା, ଥାନା ଓ ଜିଲ୍ଲା: ଅନୁଗୁଳ, (୩) ବିଜୟଲକ୍ଷ୍ମୀ ଗଡ଼ନାୟକ, ବୟସ ପ୍ରାୟ ୬୨ ବର୍ଷ, ସ୍ୱାମୀ : ଯୁଗଳ କିଶୋର ଗଡ଼ନାୟକ, ସା:- କୋଶଳା (ବହିଆଳି ସାହି), ପୋ: କୋଶଳା, ଥାନା: ଛେଣ୍ଡିପଦା, ଜିଲ୍ଲା: ଅନୁଗୁଳ । (କ୍ରମିକ ନଂ ୧ ଠାରୁ ୩ ପର୍ଯ୍ୟନ୍ତ ମୃତ ଲମ୍ବୋଦର ସାହୁଙ୍କର ଉତ୍ତରାଧିକାରୀ ଅଟନ୍ତି), (୪) ବିରବର ସାହୁ, ବୟସ ପ୍ରାୟ ୬୬ ବର୍ଷ, ପିତା: ଉତ୍ସବ ସାହୁ, ସା:/ପୋ:-ରନ୍ତଲେଇ, ଥାନା/ଜିଲ୍ଲା: ଅନୁଗୁଳ (ରେସପୋନଡେଣ୍ଟ ନଂ-୩)

ଏତଦ୍ଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି କି ଯେ, ବରିଷ୍ଠ ଦେୱାନୀ ଜଜ୍, ଅନୁଗୁଳଙ୍କ ଦ୍ୱାରା Civil Suit no.108/2007ରେ ପ୍ରଦତ୍ତ ରାୟ ଓ ଡିଗ୍ରୀକୁ ଖାରଜ କରିବା ନିମନ୍ତେ ଆପେଲାଣ୍ଟସ୍‌ମାନେ ଉପରୋକ୍ତ ଅପିଲ୍‌ଟି ଦାଖଲ କରିଛନ୍ତି। ଅପିଲ୍‌ଟି ସମୟସୀମା ମଧ୍ୟରେ ଦାଖଲ ହୋଇନଥିବାରୁ ଆପେଲାଣ୍ଟସ୍‌ମାନେ Indian Limitation Actର ଧାରା ୫ ଅନୁଯାୟୀ ଏକ ଦରଖାସ୍ତ ତତସହିତ ଦାଖଲ କରିଅଛନ୍ତି। ଆଉ ମଧ୍ୟ ମୃତ ଲମ୍ବୋଦର ସାହୁ (ରେସପୋନଡେଣ୍ଟ ନଂ-୨)ଙ୍କର ଉତ୍ତରାଧିକାରୀମାନଙ୍କୁ ତାଙ୍କ ସ୍ଥାନରେ ପ୍ରତିସ୍ଥାପିତ କରିବା ପାଇଁ ଆପେଲାଣ୍ଟସ୍‌ମାନେ ଦେୱାନୀ କାର୍ଯ୍ୟବିଧି ଆଇନର Or.22, R-4 ଓ Indian Limitation Actର ଧାରା ୫ ଅନୁଯାୟୀ ଦରଖାସ୍ତ କରିଛନ୍ତି।

ଏଣୁ ଅତ୍ର ପ୍ରକାଶନ ଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି କି ତୁମ୍ଭେ ତା୨୧।୮।୨୦୨୫ରିଖରେ ଉପରୋକ୍ତ ଅଦାଲତରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଆପତ୍ତି ଦର୍ଶାଇବେ, ନଚେତ୍ ତୁମ୍ଭ ଅନୁପସ୍ଥିତିରେ ଆଇନ ଅନୁସାରେ ଉପରୋକ୍ତ ଦରଖାସ୍ତଗୁଡ଼ିକ ଓ ଅପିଲ୍‌ଟିକୁ ମଧ୍ୟ ବିଚାର କରାଯିବ।

ଅଦ୍ୟ ତା 04.08.2025ରିଖେ ଅଦାଲତଙ୍କ ସ୍ୱାକ୍ଷର ଓ ମୋହର କ୍ରମେ ଦିଆଗଲା।

Sd./- District Judge, Angul
04.08.2025
D-1646

IN THE COURT OF THE JUDGE, FAMILY COURT, SAMBALPUR
C.P. case No.-129/2024

Santoshini Jhankar .....Petitioner
Vrs.
Sudhir Chandra Hati ...Opposite party

To,
Sudhir Chandra Hati, Son of Kailash Chandra Hati, At- Gambharidihi, Sarankul, Dist.- Nayagarh,

NOTICE U/O 5 RULE 20 CPC

The above petitioner has filed the case against you for dissolution of marriage u/s 27
(1) Of Special Marriage Act, 1954 and you are avoiding to receive the notice, in spite of repeatedly sent you on proper address, but you are avoiding intentionally to harass the petitioner.

You are hereby directed to appear in the Court in person or by the pleader duly instructed on the 01.09.25 at 10.30 AM in the forenoon to answer in the above case, failing which the said case will be heard and determined exparte.

Given under my hand and seal of the Court this the 31st July 2025.

Sd./- JUDGE FAMILY COURT
SAMBALPUR
D-1647


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।


# ଓଡ଼ିଶାର ୨୨ ଜଣ ପାଇବେ ପୋଲିସ ପଦକ

- ୯ ଜଣଙ୍କୁ ସାହସିକତା ପାଇଁ ପୋଲିସ ପଦକ
- ଦୁଇ ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ'
- ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୧ଜଣ ମନୋନୀତ

**ଭୁବନେଶ୍ୱର,୧୪।୮(ସତ୍ୟଜିତ୍ ରାଉତ)**

ବିଭିନ୍ନ କ୍ଷେତ୍ରରେ ସାହାସିକତା, ଉଲ୍ଲେଖନୀୟ ଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୋଲିସ ବିଭାଗର ୨୨ ଜଣଙ୍କୁ 'ପୋଲିସ ପଦକ' ପ୍ରଦାନ କରାଯିବ। ୭୯ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ପୋଲିସ, ଅଗ୍ନିଶମ, ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ପଦକ ପାଇଁ ମନୋନୀତ ୧୧୯୦ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଛି। କେବଳ ପୋଲିସ ସେବା ବର୍ଗରେ ଦେଶରୁ ୯୫୦ଜଣ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସାହାସିକତା ପାଇଁ ୨୨୬ ଜଣ, ଉଲ୍ଲେଖନୀୟ ସେବା ପାଇଁ ୮୯ ଜଣ ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୬୩୫ଜଣ ପଦକ ପାଇବେ। ତେବେ ଓଡ଼ିଶା ପୋଲିସ ସେବାର ୨୨ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ସାହସକତା ପାଇଁ 'ପୋଲିସ ପଦକ', ଉଲ୍ଲେଖନୀୟ ସେବା ପାଇଁ ୨ ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୧ ଜଣଙ୍କୁ 'ପୋଲିସ ପଦକ'ରେ ସମ୍ମାନିତ କରାଯିବ। ସାହାସିକତା ପାଇଁ ପୋଲିସ ପଦକ ପାଇବାକୁ ମନୋନୀତ ୯ଜଣ ହେଲେ ସବ୍ ଇନ୍ସପେକ୍ଟର ଅମରେଶ ଚନ୍ଦ୍ର ନରେନ୍ଦ୍ର, କନ୍‌ଷ୍ଟେବଲ୍ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଘ, କମାଣ୍ଡୋ ଡମ୍ବୁରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀପ ଶ୍ରେଷ୍ଠ ଓ ଅଭିମନ୍ୟୁ ମାଝୀ। 'ରାଷ୍ଟ୍ରପତି ପୋଲିସ ପଦକ' ପାଇବାକୁ ମନୋନୀତ ୨ଜଣ ହେଲେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ରବୀନ୍ଦ୍ର କୁମାର ପଣ୍ଡା ଓ କମାଣ୍ଡାଣ୍ଟ ନରେଶ କୁମାର ପଟେଲ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ପୋଲିସ ପଦକ ପାଇବାକୁ ମନୋନୀତ ୧୧ଜଣ ହେଲେ ଏଆଇଜି ମହେଶ୍ୱର ସେଠୀ, ଏଏସ୍‌ପି ପ୍ରଦୀପ କୁମାର ପ୍ରଧାନ, ଏଏସ୍‌ପି ଦେବେନ୍ଦ୍ର ନାରାୟଣ ଦାଶ, ଡିଏସ୍‌ପି ଆଶିଷ କୁମାର ରାଉତ, ଇନ୍ସପେକ୍ଟର ଶ୍ରୀନିବାସ ଡୋରା, ଡିଏସ୍‌ପି ହେମାମାଳିନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର ସନ୍ତୋଷ କୁମାର ମିର୍ଦ୍ଧା, ଏଏସ୍‌ଆଇ ଅରୁଣ କୁମାର ସାମନ୍ତ, ଏଏସ୍‌ଆଇ ଅରବିନ୍ଦ ଦାସ ଓ କନଷ୍ଟେବଳ ଚିନ୍ମୟୀ ରାଉତ। ସମସ୍ତଙ୍କୁ ରାଜ୍ୟ ପୋଲିସ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନନ୍ଦନ ଜଣାଯାଇଛି।

## ଅଗ୍ନିଶମ, ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା, ଜେଲ ସଂସ୍କାର ବର୍ଗରେ ୯ଜଣଙ୍କୁ ପଦକ

ଓଡ଼ିଶାର ଅଗ୍ନିଶମ, ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୯ଜଣଙ୍କୁ ପଦକ ପ୍ରଦାନ କରାଯିବ। ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଅଗ୍ନିଶମ ବର୍ଗରେ ୨ଜଣ ପଦକ ପାଇବେ। ସେମାନେ ହେଲେ ଲିଡିଂ ଫାୟାର ଫାଇଟର ସୁଧାକର ପାଣିଗ୍ରାହୀ ଓ ଦିଲୀପ କୁମାର ନନ୍ଦ। ସେହିପରି ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ହୋମଗାର୍ଡ ପ୍ଲାଟୁନ୍ କମାଣ୍ଡର ଦୋଳଗୋବିନ୍ଦ ମହାପାତ୍ରଙ୍କୁ 'ରାଷ୍ଟ୍ରପତି ପଦକ' ଏବଂ ହୋମଗାର୍ଡ ଅଶ୍ୱିନୀ କୁମାର ଦାସ, ହୋମଗାର୍ଡ ପ୍ଲାଟୁନ କମାଣ୍ଡର ଜିତେନ୍ଦ୍ର ଲେଙ୍କା ଓ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିର ବିଶ୍ୱ ରଞ୍ଜନ କୁଅଁରଙ୍କୁ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ପଦକ ପ୍ରଦାନ କରାଯିବ। ସେହିପରି କାରାଗାର ସଂସ୍କାର ସେବା ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ଜେଲର କମାକ୍ଷୀ ପ୍ରସାଦ ପତିଙ୍କୁ 'ରାଷ୍ଟ୍ରପତି ପଦକ'ଓ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ସହକାରୀ ଜେଲର ସୁଧୀର କୁମାର ଜେନା ଓ ମୁଖ୍ୟ ୱାର୍ଡର ସରୋଜ କୁମାର ପାଢୀଙ୍କୁ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ଏହି ୩ବର୍ଗରେ ଦେଶର ମୋଟ ୧୪୦ଜଣ ପଦକ ପାଇବାକୁ ମନୋନୀତ ହୋଇଥିବାବେଳେ ଅଗ୍ନିଶମ ବର୍ଗରେ ୬୨, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ୪୧ ଓ କାରାଗାର ସଂସ୍କାର ସେବା ବର୍ଗରେ ୩୩ଜଣ ରହିଛନ୍ତି।

# ୫ ବିଭାଗ, ବିଧାନସଭା ସଚିବ ଓ ଭିଜିଲାନ୍ସ ମୁଖ୍ୟଙ୍କଠାରୁ ତଥ୍ୟ ଲୋଡ଼ିଲେ ସିଇଓ

**ଭୁବନେଶ୍ୱର,୧୪।୮(ରବିନାରାୟଣ ଜେନା)**

**ଉପରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗ**

ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜ୍ୟରେ ଥିବା ସମସ୍ତ ଲୋକ ସଭା ଓ ରାଜ୍ୟ ସଭା ଏମ୍‌ପିଙ୍କ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗ ମୁଖ୍ୟଙ୍କଠାରୁ ତଥ୍ୟ ଲୋଡାଯାଇଛି। ଏସଂକ୍ରାନ୍ତରେ ଗୁରୁବାର ସିଇଓଙ୍କ ପକ୍ଷରୁ ଅତିରିକ୍ତ ସଚିବ ପ୍ରମୋଦ କୁମାର ସାହୁ ଗୃହ ଓ ଜଙ୍ଗଲ ପରିବେଶ ବିଭାଗ ଏବଂ ସଂସଦୀୟ ବ୍ୟାପାର ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ଅବକାରୀ ବିଭାଗ ପ୍ରମୁଖ ସଚିବ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ସଚିବ, ବିଧାନସଭା ସଚିବ ଏବଂ ଭିଜିଲାନ୍ସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ସେ ଦର୍ଶାଇଛନ୍ତି, ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶାର ଲୋକ ସଭା/ରାଜ୍ୟ ସଭାର ବର୍ତ୍ତମାନ ସଦସ୍ୟମାନଙ୍କ ମଧ୍ୟରୁ ଯଦି କେହି ଜନପ୍ରତିନିଧି ଆଇନ-୧୯୫୧ର ଧାରା-୮ ଅନୁସାରେ କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ତାହା ଅବଗତ କରାଅ। ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ସଦସ୍ୟମାନଙ୍କ ମଧ୍ୟରୁ ଯଦି କେହି ଅତି କମ୍‌ରେ ୨ ବର୍ଷ କାରାଦଣ୍ଡ ପାଇଥିବେ ସେମାନଙ୍କ ତାଲିକା ଚଳିତମାସ ୨୫ ତାରିଖ ସୁଦ୍ଧା ପ୍ରଦାନ କର। ଭାରତର ନିର୍ବାଚନ ଆୟୋଗଙ୍କ ପତ୍ରକୁ ଆଧାର କରି ଅତିରିକ୍ତ ସଚିବ ଉଲ୍ଲେଖ କରିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା (ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୯)ମଧ୍ୟରେ ଯଦି କୌଣସି ସଦସ୍ୟଙ୍କ ମତଦାନକୁ ନେଇ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆପତ୍ତି ଆସେ କିମ୍ବା କାହାର 'ଡିସ୍‌କ୍ୱାଲିଫିକେସନ' ହୁଏ ତେବେ ତୁରନ୍ତ ଅବଗତ କରାଯିବ।

# 'ହାତୀ ସୁରକ୍ଷାରେ ସାମୂହିକ ପ୍ରୟାସ ଜରୁରୀ'

## କରଞ୍ଜିଆରେ ହାତୀ ସଭା

ବାରିପଦା,୧୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କରଞ୍ଜିଆ (କବିତା ମହାନ୍ତ)

ହାତୀ-ମଣିଷ ତିକ୍ତତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲରେ ଖାଦ୍ୟାଭାବ ପ୍ରମୁଖ କାରଣ ସାଜିଥିବା ବେଳେ ଶିକାରୀଙ୍କ କବଳରୁ ରକ୍ଷା ପାଇବା ପାଇଁ ହାତୀପଲ ଗାଁ ଓ ସହର ମୁହାଁ ହେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ପଳାଇ ଆସୁଥିବା ହାତୀ ଚଲାପଥରେ ମଣିଷ ଆକ୍ରୋଶର ସମ୍ମୁଖୀନ ହେଉଛି। ମଣିଷ-ହାତୀ ଲଢ଼େଇରେ ଉଭୟଙ୍କ ପ୍ରାଣହାନି ହେଉଥିବା ନଜିର ରହିଛି। ଅସହିଷ୍ଣୁ ମଣିଷ ହାତୀକୁ ବିଷଦେବାଠାରୁ ଆରମ୍ଭକରି ବିଦ୍ୟୁତ୍ ତାର ବିଛାଇ ମାରିବାକୁ ଉଦ୍ୟମ କରୁଛି। ଦିନକୁ ଦିନ ହାତୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ବିଲୁପ୍ତପ୍ରାୟ-୧ ପ୍ରଜାତି ହାତୀର ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଧାନ୍ୟ ଦେବା ପାଇଁ ସାମୂହିକ ପ୍ରୟାସ ଜରୁରୀ ହୋଇପଡ଼ିଛ ; ଯାହାକୁ ନେଇ 'ଧରିତ୍ରୀ, ଓଡ଼ିଶା ପୋଷ୍ଟ' ଏବଂ ବିକାଶ ସାଥୀ ସଙ୍ଗଠନ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ବଡ଼ଦେଉଳି ଗ୍ରାମ ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଦ୍ୱିତୀୟ ଗୋଷ୍ଠୀ ସମ୍ମିଳନୀ ଆୟୋଜିତ ହୋଇଛି। ଏହି ହାତୀ ସଭାରେ ହାତୀଙ୍କ ସୁରକ୍ଷାକୁ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଛି। ଝାଡ଼ଖଣ୍ଡୀ ହାତୀ ବଡ଼ଦେଉଳି ଗ୍ରାମ୍ୟ ଜଙ୍ଗଲ ଦେଇ କେରକେରା, ଭଅଁରା,ସାନଦେଉଳି ଗ୍ରାମ ପାରହୋଇ କେନ୍ଦୁଝର ଜିଲାକୁ ଯିବାଆସିବା କରୁଛନ୍ତି। ହାତୀ କରିଡର ବ୍ୟବସ୍ଥା ନ ଥିବାରୁ ସେମାନେ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲି ଆସୁଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ସୃଷ୍ଟି ହେଉଛି। ଏଭଳି ପରିସ୍ଥିତିର ସ୍ଥାୟୀ ସମାଧାନ କରିବା ପାଇଁ ବିକାଶ ସାଥୀ ସଙ୍ଗଠନର ପ୍ରତିଷ୍ଠାତା ସମ୍ପାଦକ ଡ.ବିଶ୍ୱଜିତ ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଶାନ୍ତିପ୍ରିୟ ତୃଣଭୋଜୀ ପ୍ରାଣୀ ହାତୀଙ୍କୁ ଅଶାନ୍ତ ନ କରି ସୁରକ୍ଷା ପ୍ରଦାନ କରିବା ଉଚିତ। ଭୋକିଲା ପେଟ ପୂରଣ କରିବା ପାଇଁ ସେମାନେ ଗାଁ ଓ ସହର ମୁହାଁ ହେଉଛନ୍ତି। ସେମାନଙ୍କ ପ୍ରତି ସଦୟ ଭାବ ପୋଷଣ କରାଗଲେ ହାତୀ ବଞ୍ଚିବା ସହ ମନୁଷ୍ୟର ପରବର୍ତ୍ତୀ ପିଢ଼ି ସୁରକ୍ଷିତ ରହିପାରିବେ। ଏହା କରା ନ ଗଲେ ପରିବେଶ ପ୍ରତି ପ୍ରଭାବ ପଡ଼ିବା ସହ ଧୀରେ ଧୀରେ ଜଙ୍ଗଲ ଧ୍ୱଂସ ହୋଇଯିବ ବୋଲି ପଣ୍ଡା କହିଛନ୍ତି।



ହାତୀ ସଭାରେ ଉପସ୍ଥିତ ବିକାଶ ସାଥୀ ସଙ୍ଗଠନର ପ୍ରତିଷ୍ଠାତା ସମ୍ପାଦକ ଡ.ବିଶ୍ୱଜିତ ପଣ୍ଡା ଓ ଅନ୍ୟମାନେ।

ଏହି ଅବସରରେ ଓଡ଼ିଶା ଫରେଷ୍ଟ ସେକ୍ଟର ଡେଭଲପମେଣ୍ଟ ପ୍ରୋଜେକ୍ଟ(ଓଏଫ୍ଏସ୍‌ଡିପି) ସହଯୋଗୀ ରାଜେନ୍ଦ୍ର ବେହେରା ଓ ଅକ୍ଷୟ ମହାନ୍ତ ମଣିଷକୁ କ୍ଷତି ପହଞ୍ଚାଉଥିବା ହାତୀ ଭଳି ବିରାଟକାୟ ପ୍ରାଣୀ ନିମନ୍ତେ ଖାଦ୍ୟର ବ୍ୟବସ୍ଥା ନିତାନ୍ତ ଆବଶ୍ୟକ। ଏହାସହ ଗାଁଗଣ୍ଡାରେ ରହୁଥିବା ଲୋକଙ୍କ ଜୀବନଜୀବିକାରେ ସୁଯୋଗ ସୃଷ୍ଟି କରାଗଲେ ହାତୀ ସୁରକ୍ଷାରେ ପରିବର୍ତ୍ତନ ଆସିପାରିବ ବୋଲି କହିଛନ୍ତି। ସ୍ଥାନୀୟ ବନ ବିଭାଗର ପ୍ରଦୀପ ମହାନ୍ତ ଉପସ୍ଥିତ ରହି ଲୋକମାନଙ୍କ ଅସୁବିଧା ଓ ଜୀବିକା ସହାୟତା ବିଷୟରେ ଆଲୋଚନା କରିଥିଲେ। ବିକାଶ ସାଥୀ ପକ୍ଷରୁ ପାଇଲଟ ପ୍ରକଳ୍ପ ଭିତ୍ତିରେ ମାଗଣା ଟେଲରିଂ ପ୍ରଶିକ୍ଷଣ ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ତା' ସହ ଗ୍ରାମବାସୀ ମହୁବାକ୍ସ ବସାଇ ଅର୍ଥ ଉପାର୍ଜନ ଦିଗରେ ନୂତନ ପ୍ରସ୍ତାବ ଦିଆଯାଇଥିଲା। ବନ ସୁରକ୍ଷା ସମିତି ସଦସ୍ୟମାନେ ହାତୀ ସମ୍ପର୍କରେ ଅବଗତ କରିଥିଲେ।

ଭିଲେଜ ଫରେଷ୍ଟ କାଉନସିଲ୍(ଭିଏଫ୍‌ସି)ର ସଦସ୍ୟ ପୂର୍ଣ୍ଣମୀ ନାଏକ କହନ୍ତି, ଷ୍ଟ୍ରିଟ୍ ଲାଇଟ ଏବଂ ହାଇ-ବିମ୍ ଟର୍ଚ୍ଚ ପ୍ରଦାନ କରାଗଲେ ହାତୀର ଗତିବିଧି ଉପରେ ନଜର ଦିଆଯାଇପାରନ୍ତା ; ଯାହାକି ସ୍ଥାନୀୟ ଅଞ୍ଚଳର ଲୋକେ ସୂଚନା ପାଇ ସୁରକ୍ଷିତ ରହିପାରିବେ। ଭିଏଫ୍‌ସିର ସଭାପତି ଗୋଲକ ବିହାରୀ ରାଉତ କହନ୍ତି, ଯଦି ଜଙ୍ଗଲ ଧାରରେ କୃଷିକାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇ ବିଭାଗ ପକ୍ଷରୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ ତେବେ ହାତୀଙ୍କ ଖାଦ୍ୟାଭାବ ଦୂରହେବା ସହ ଉପୁଜୁଥିବା ସମସ୍ୟାର ସମାଧାନ ହୋଇପାରିବ। ଜୀବନଜୀବିକାର ବିକଳ୍ପ ବ୍ୟବସ୍ଥା କରାଗଲେ ହାତୀମାନଙ୍କ ସହ ଆନନ୍ଦରେ ସହାବସ୍ଥାନ କରିପାରିବୁ । ଅଞ୍ଚଳବାସୀଙ୍କ ବଞ୍ଚିବା ଏବଂ ହାତୀଙ୍କ ସୁରକ୍ଷା ପରସ୍ପର ସହ ମିଶି ଚାଲିପାରିବ ବୋଲି ଭିଏଫ୍‌ସି ସଦସ୍ୟ ସୁକାନ୍ତ ଲୋହାର କହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର ବେହେରା, ଅରବିନ୍ଦ ସିଂହ, ମାନସ ପଣ୍ଡା, ଶୁଭସ୍ମିତା ପଣ୍ଡା, ଚିରନ୍ମୟୀ ଦୀକ୍ଷିତ ଓ ବୈଷ୍ଣବୀ କର ସହଯୋଗ କରିଥିଲେ ।

## ଛାତ୍ରୀ କଲେଜ ଡ୍ରେସ୍‌ରେ ଦଳୀୟ ସଭାକୁ କାହିଁକି ଯାଇଥିଲେ: ବିଜେଡି

ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଚାଲୁଥିବା ସମୟରେ ୟୁନିଫର୍ମରେ ଥିବା କେତେଜଣ ଛାତ୍ରୀଙ୍କୁ ନେଇ ସ୍ଥାନୀୟ ଭାଜପାର ୱାର୍ଡ ଅଫିସ୍ ପରିସରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସମାଜ ଅସୁରକ୍ଷିତ ଥିବାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଭାଜପାର ୱାର୍ଡ କାର୍ଯ୍ୟାଳୟକୁ ଡକାଯାଇଥିଲା, କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେବା ଦରକାର ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ସେ କହିଛନ୍ତି, ବୈଠକର ଅସଲ ଉଦ୍ଦେଶ୍ୟ ଜଣା ନ ଥିଲେ ମଧ୍ୟ ସେଠାରେ କୌଣସି ନାରୀନେତ୍ରୀ ଉପସ୍ଥିତ ନ ଥିଲେ। ନିକଟରେ ଜେଲରୁ ଫେରିଥିବା ଜଗନ୍ନାଥ ପ୍ରଧାନ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ପାଠପଢ଼ା ସମୟରେ ଛାତ୍ରୀମାନଙ୍କୁ ନେଇ ଏହିଭଳି ବୈଠକ ଆୟୋଜନ କରିବା ସ୍ୱାଭାବିକ ଭାବେ ବିଭିନ୍ନ ପ୍ରଶ୍ନ ସୃଷ୍ଟିକରିଛି ବୋଲି ଇପ୍ସିତା କହିଛନ୍ତି।

## ପ୍ରତିମାସରେ ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ହେବ: ଉପମୁଖ୍ୟମନ୍ତ୍ରୀ ସିଂଦେଓ

ଭୁବନେଶ୍ୱର, ୧୪।୮ (ସୁନିତ୍ ମିଶ୍ର)

ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ଧିମେଇଯାଇଛି। ଏଣିକି ପ୍ରତ୍ୟେକ ମାସରେ ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି। ଗୁରୁବାର ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ ସୂର୍ଯ୍ୟଘର ଯୋଜନାରେ ୩ ଲକ୍ଷ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇଦେବାକୁ ଟାର୍ଗେଟ ଦିଆଯାଇଥିଲା। ହେଲେ ମାତ୍ର ୨୦ ହଜାର ଟାର୍ଗେଟ ପୂରଣ ହୋଇପାରିଛି। ଏଣିକି ପ୍ରତ୍ୟେକ ମାସରେ ଯୋଜନାର ଅଗ୍ରଗତି ନେଇ ବିତରକ କମ୍ପାନୀ ସହ ସମୀକ୍ଷା କରାଯିବ। ଉକ୍ତ ଯୋଜନାକୁ ନେଇ ବିଲ୍ କଲେକ୍ସନ କର୍ମଚାରୀମାନେ ହିତାଧିକାରୀଙ୍କୁ ଅଧିକ ସଚେତନ କରିବେ। ଏନେଇ ଲୋକମାନଙ୍କୁ ଲିଫ୍‌ଲେଟ୍ ଓ ପାମ୍ପଲେଟ୍ ମଧ୍ୟ ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପ୍ରକଳ୍ପର ରାଜ୍ୟରେ ସ୍ଥିତିକୁ ନେଇ ଉପମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହେଉଛି, ଏହା ଏକ ବିଫଳ ଯୋଜନା। କେବଳ ଓଡିଶା ନୁହେଁ, ସମଗ୍ର ଦେଶରେ ଉକ୍ତ ପ୍ରକଳ୍ପ ଗ୍ରହଣୀୟ ହୋଇପାରିନାହିଁ। ରାଜ୍ୟରେ ୩ ଲକ୍ଷ ସୂର୍ଯ୍ୟଘର ସଂଯୋଗ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ଓଡ଼ିଶାରେ ମାତ୍ର ୨୦ ହଜାର ସଂଯୋଗ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ତଥ୍ୟରୁ ପ୍ରକଳ୍ପର ଗ୍ରହଣୀୟତା ନାହିଁ ବୋଲି ସ୍ପଷ୍ଟ ହେଉଛି। ଏହି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ନେଇ ଗତ ନିର୍ବାଚନ ସମୟରେ ଭାଜପା ପକ୍ଷରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରାଯିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପାରିବୁ ଗରଜି,**
**ତେବେ ପାଇବୁ ମରଜି ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁ କଥା ଶୁଣିବାକୁ ପଡିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡିଥାଏ। କିନ୍ତୁ ଯିଏ ରୋଜଗାର କରି ନିଜ ଖର୍ଚ୍ଚ ନିଜେ ତୁଲାଇବାକୁ ସମର୍ଥ ହୋଇଥାଏ ସେ ମୁଣ୍ଡ ଉଠାଇ ବାଟ ଚାଲିଥାଏ, ଘର ସଂସାରକୁ ସୁରୁଖୁରୁରେ ଚଳାଇପାରିଥାଏ। ଅର୍ଜନକାରୀ ବ୍ୟକ୍ତି ନିଜ ପସନ୍ଦକୁ ଚାହିଁ ଖର୍ଚ୍ଚ କରିବାରେ କୌଣସି ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ନାହିଁ ଭାରତେ,**
**ତାହା ନାହିଁ ଭାରତେ ।**

ମହାଭାରତ ଗ୍ରନ୍ଥରେ ଭାରତର ସଭ୍ୟତା, ସଂସ୍କୃତି ଓ ରୀତିନୀତି ବର୍ଣ୍ଣିତ। ଏଥିରେ ସମଗ୍ର ଭାରତବର୍ଷର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମହାଭାରତରେ ଯାହା ବର୍ଣ୍ଣନା କରା ନ ଯାଇଛି ତାହା ଭାରତ ବର୍ଷରେ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ Bhubaneswar, Friday, August 15/ 2025

# ଭେନସ୍‌ଙ୍କୁ ସିଙ୍ଗଲ୍ସରେ ୱାଇଲ୍ଡ କାର୍ଡ

**ୟୁଏସ୍ ଓପନ ଟେନିସ୍**

ନ୍ୟୁୟର୍କ, ୧୪।୮ (ଏପି)

ଭେନସ ୱିଲିୟମ୍ସ ୪୫ ବର୍ଷ ବୟସରେ ପ୍ରଫେଶନାଲ ଟେନିସ ଟୁର୍‌କୁ ଫେରିଛନ୍ତି। ଆସନ୍ତା ସପ୍ତାହରେ ସେ ୟୁଏସ୍ ଓପନକୁ ପ୍ରତ୍ୟାବର୍ତ୍ତନ କରିବେ। ଦୁଇ ବର୍ଷରେ ସେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଖେଳିବେ। ୟୁଏସ୍ ଟେନିସ ଆସୋସିଏଶନ ବୁଧବାର ସିଙ୍ଗଲ୍ସ ପାଇଁ ତାଙ୍କୁ ଏକ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପ୍ରଦାନ କରିଛି। ୧୯୮୧ରେ ରେନି ରିଚାର୍ଡ୍ସ(୪୭ବର୍ଷ) ପରେ ସେ ସବୁଠାରୁ ବୟସ୍କ ଖେଳାଳି ଭାବେ ଟୋକିଓରେ ଏହି ଇଭେଣ୍ଟରେ ଖେଳିବାକୁ ଯାଉଛନ୍ତି।



ପୂର୍ବରୁ ସେ ମିକ୍ସଡ ଡବଲ୍ସ ଇଭେଣ୍ଟ ପାଇଁ ୱାଇଲ୍ଡ କାର୍ଡ ପାଇସାରିଛନ୍ତି। ଭେନସ ସିଙ୍ଗଲ୍ସରେ ୭ ଗ୍ରାଣ୍ଡସ୍ଲାମ ଜିତିଥିବା ବେଳେ ତାଙ୍କ ସାନ ଭଉଣୀ ସେରେନାଙ୍କ ସହ ୧୪ମହିଳା ଡବଲ୍ସ ଏବଂ ଦୁଇ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ଏହାଛଡ଼ା ସେ ରେକର୍ଡ ୫ ଅଲିମ୍ପିକ ଟେନିସ ପଦକ ଜିତିଛନ୍ତି। ଭେନସ ୱିଲିୟମ୍ସ ୧୯୯୪ରେ ପ୍ରଫେଶନାଲ ଟେନିସରେ ପଦାର୍ପଣ କରିଥିଲେ। ୱିଲିୟମ୍ସ ୧୯୮୦ ଜୁନ୍ ୧୭ରେ କାଲିଫର୍ନିଆର ଲିନ୍‌ଉଡ୍‌ରେ ଜନ୍ମ ଗ୍ରହଣ କରିଥିବା ଭେନସ ୧୯୯୪ ଅକ୍ଟୋବରରେ ମାତ୍ର ୧୪ ବର୍ଷ ବୟସରେ ଅକ୍‌ଲାଣ୍ଡଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଖେଳିଥିଲେ। ପ୍ରଥମ ରାଉଣ୍ଡରେ ସେ ୧୯୮୮ ଏନ୍‌ସିଏଏ ସିଙ୍ଗଲ୍ସ ଚାମ୍ପିୟନ ଶନ୍ ଷ୍ଟାଫୋର୍ଡଙ୍କ ସହ ମୁକାବିଲା କରିଥିଲେ। ଏହି ମ୍ୟାଚ ସେ ୬-୩, ୬-୪ରେ ବିଜୟୀ ହୋଇଥିଲେ। କିନ୍ତୁ ୨ୟ ରାଉଣ୍ଡରେ ସେ ୪ ଗ୍ରାଣ୍ଡସ୍ଲାମ ଟ୍ରଫି ସହ ଅବସର ନେଇଥିବା ଅରାନକ୍ସା ସାଞ୍ଚେଜ ଭିକାରିଓଙ୍କଠାରୁ ହାରିଯାଇଥିଲେ। ଭେନସ ୱିଲିୟମଙ୍କ ପାଇଁ ୧୯୯୭ ଫ୍ରେଞ୍ଚ ଓପନ ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଥିଲା।

## କାରୁଆନାଙ୍କୁ ହରାଇଲେ ଗୁକେଶ

**ସେଣ୍ଟ ଲୁଇସ୍, ୧୪।୮ (ପି.ଟି.):** ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶବିଶେଷ ଏଠାରେ ଚାଲିଥିବା ସେଣ୍ଟ ଲୁଇସ୍ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟର ରାପିଡ୍ ବିଭାଗ ପ୍ରତିଯୋଗିତା ଶେଷ ହୋଇଛି। ଡି.ଗୁକେଶ ପ୍ରଥମେ ଯୁକ୍ତରାଷ୍ଟ୍ରର ଲିନିଅର୍ ଡେମିଙ୍ଗେଜ ପେରେଜଙ୍କଠାରୁ ପରାଜିତ ହେବାପରେ ଦୁଇ ଆମେରିକୀୟ ଖେଳାଳି ୱେସ୍ଲେ ଶୋ' ଏବଂ ଫାବିଆନୋ କରୁଆନୋଙ୍କୁ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ମିଶାଇ ଗୁକେଶଙ୍କ କ୍ରମାଗତ ତୃତୀୟ ପରାଜୟରୁ ଆରମ୍ଭ କରି ପରବର୍ତ୍ତୀ ଦୁଇଟି ଗେମ୍‌ରେ ବିଜୟୀ ହୋଇ ୪ର୍ଥ ସ୍ଥାନ ବଜାୟ ରଖିପାରିଛନ୍ତି। ୧,୭୫,୦୦୦ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଗୁକେଶଙ୍କୁ ୧୮ଟି ବ୍ଲିଜ୍ ଗେମ୍ ଖେଳିବାକୁ ପଡ଼ିବ।

## ଅର୍ଜୁନ ତେନ୍ଦୁଲକର-ସାନିୟାଙ୍କ ନିର୍ବନ୍ଧ

**ମୁମ୍ବାଇ,୧୪।୮:** କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ତାଙ୍କ ପିଲାଦିନର ସାଥୀ ସାନିୟା ଚାନ୍ଦୋକଙ୍କ ସହ ନିର୍ବନ୍ଧ କରିଛନ୍ତି। ସାନିୟା ହେଉଛନ୍ତି ମୁମ୍ବାଇର ଜଣାଶୁଣା ଉଦ୍ୟୋଗୀ ରବି ଘାଇଙ୍କ ନାତୁଣୀ। ଏକ ରିପୋର୍ଟ ମୁତାବକ, ବୁଧବାର ଅର୍ଜୁନ ଓ ସାନିୟାଙ୍କର ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ ହୋଇଛି। ଅର୍ଜୁନ ଜଣେ ବାମହାତୀ ପେସର ଏବଂ ସେ ବ୍ୟାଟରେ ଦଳ ଲାଗି ମୂଲ୍ୟବାନ ଯୋଗଦାନ କରିପାରନ୍ତି। ସେ ଏବେ ଗୋଆ ଲାଗି ଘରୋଇ କ୍ରିକେଟ୍ ଖେଳୁଛନ୍ତି। ୧୭ ଫାଷ୍ଟ-କ୍ଲାସ ମ୍ୟାଚ୍‌ରେ ସେ ୩୭ ଉଇକେଟ ନେବା ସହ ୫୩୨ ରନ କରିଥିଲେ।



# ଅଖିଳ ଭାରତ ଟି୧୦ ଟେନିସ୍ ବଲ କ୍ରିକେଟ ୧୧ରୁ



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ।

ଭୁବନେଶ୍ୱର,୧୪।୮(ଅନାଦି କର)

ଟି୧୦ ଟେନିସ୍ ବଲ କ୍ରିକେଟ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ ବଲ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ ଟ୍ରଷ୍ଟ ସହଯୋଗରେ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ତୃତୀୟ ଟି୧୦ ଟେନିସ ବଲ କ୍ରିକେଟ୍ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଦିବା-ରାତ୍ର ଟୁର୍ନାମେଣ୍ଟରେ ଭାରତର ୨୫ଟି ରାଜ୍ୟର ପୁରୁଷ ଦଳ ଓ ୬ ମହିଳା ଦଳ ଭାଗ ନେବେ। ଏହି ଚାମ୍ପିୟନଶିପ୍ ଲାଗି ଓଡ଼ିଶାର ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ପୁରୁଷ ପ୍ରତିଯୋଗିତାରେ ଭାଗ ନେଇଥିବା ଦଳଗୁଡ଼ିକୁ ୩ ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଓଡ଼ିଶା ସହିତ ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ବିହାର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ସ୍ଥାନ ପାଇଛନ୍ତି। ଗ୍ରୁପ୍-ବି'ରେ ମହାରାଷ୍ଟ୍ର, ବିଦର୍ଭ, ଗୋଆ, କର୍ଣାଟକ, ଉତ୍ତର କର୍ଣାଟକ, ମଧ୍ୟ ଭାରତ, ପୂର୍ବାଞ୍ଚଳ ଓ ଦିଲ୍ଲୀ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ସି'ରେ ଜମ୍ମୁ-କଶ୍ମୀର, ହରିୟାଣା, ପଞ୍ଜାବ, ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ରହିଛନ୍ତି। ଏହି ଚାମ୍ପିୟନଶିପ୍ ଲାଗି ଗୁରୁବାର ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଓ ରାଜ୍ୟ ସମ୍ପାଦକ ବ୍ରଜକିଶୋର ଦାଶ ଉପସ୍ଥିତ ଥିଲେ।

# ଡା. ଭେସ୍ ପେସ୍‌ଙ୍କ ପରଲୋକ

କୋଲକାତା,୧୪।୮(ପି.ଟି.)

୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ତଥା କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସଙ୍କ ବାପା ଡା. ଭେସ୍ ପେସ୍‌ଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ ପାର୍କିନସନ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ମଙ୍ଗଳବାର ସକାଳେ ଉଡ୍‌ଲାଣ୍ଡ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସୋମବାର କିମ୍ବା ମଙ୍ଗଳବାର କରାଯିବ। କାରଣ ତାଙ୍କ ପରିବାରବର୍ଗ ବିଦେଶରେ ରହୁଥିବା ତାଙ୍କର ଦୁଇ ଝିଅଙ୍କୁ ଅପେକ୍ଷା କରିଛନ୍ତି। ଭେସ ଭାରତୀୟ ବାସ୍କେଟବଲ ଦଳର ପୂର୍ବତନ ଅଧିନାୟିକା ଜେନିଫରଙ୍କୁ ବିବାହ କରିଥିଲେ।

ପେସ୍ ଭାରତୀୟ ହକି ଦଳରେ ଜଣେ ମିଡ୍‌ଫିଲ୍ଡର ଥିଲେ। ହେଲେ ସେ ଡିଭିଜନାଲ ସ୍ତରରେ ଫୁଟବଲ, କ୍ରିକେଟ୍ ଓ ରଗ୍‌ବୀ ଖେଳିଥିଲେ। ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୪୫ ଏପ୍ରିଲରେ ଗୋଆରେ ଜନ୍ମିତ ପେସ ଉଭୟ ଖେଳ ଓ ପାଠପଢ଼ାରେ ଅସାଧାରଣ ଥିଲେ। ହକିରେ ସଫଳ କ୍ୟାରିୟର କରିବା ପରେ ସେ ସ୍ପୋର୍ଟ୍ସ ମେଡିସିନ ଡକ୍ଟର ହୋଇଥିଲେ। ସେ ପରାମର୍ଶଦାତା ଭାବେ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ (ଏସିସି), ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଭାରତୀୟ ଡେଭିସ କପ୍ ଦଳ ଭଳି ଅନେକ ସଂସ୍ଥା ସହ କାର୍ଯ୍ୟ କରିଥିଲେ।

ପେସଙ୍କ ପ୍ରତିନିଧିତ୍ୱରେ ଭାରତୀୟ ହକି ଦଳ ବାର୍ସେଲୋନାରେ ୧୯୭୧ରେ ଖେଳାଯାଇଥିବା ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲା। ଏହାର ପର ବର୍ଷ ମ୍ୟୁନିକ୍ ଅଲିମ୍ପିକ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ହେଲେ ଏହି ଅଲିମ୍ପିକ୍ସକୁ ପାଲେଷ୍ଟାଇନ ଆତଙ୍କବାଦୀଙ୍କ ଦ୍ୱାରା ୧୧ ଇସ୍ରାଏଲ ଆଥ୍‌ଲେଟ୍‌ଙ୍କ ଗଣହତ୍ୟା ଲାଗି ମନେ ରଖାଯାଏ। ଏହି ଘଟଣା ଯୋଗୁ ଅଲିମ୍ପିକ୍ସକୁ ୪ ଦିନ ବନ୍ଦ ରଖାଯାଇଥିଲା। ହକିରୁ ଅବସର ନେବା ପରେ ପେସ ଦୀର୍ଘ ଦଶନ୍ଧି ଧରି ଭାରତୀୟ ଡେଭିସ୍ କପ୍ ଦଳର ଡକ୍ଟର ଭାବେ କାର୍ଯ୍ୟ କରିଥିଲେ। ସେ ତାଙ୍କ ପୁଅ ଲିଆଣ୍ଡରଙ୍କ ମ୍ୟାନେଜର ମଧ୍ୟ ଥିଲେ। ଭେସଙ୍କ ଚାପରେ ଲିଆଣ୍ଡର ଟେନିସକୁ କ୍ୟାରିୟର ବାଛିଥିଲେ। ଲିଆଣ୍ଡର ଦେଶର ସବୁଠୁ ସଫଳ ଟେନିସ ଖେଳାଳି। ପୁରୁଷ ଡବଲ୍ସରେ ୮ ଓ ମିକ୍ସଡ୍ ଡବଲ୍ସରେ ୧୦କୁ ମିଶାଇ ମୋଟ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ମଧ୍ୟ ଜିତି ଅଲିମ୍ପିକ୍ସରେ ପରିବାରର ପଦକ ଜିତିବା ଧାରା ଜାରି ରଖିଥିଲେ। ଏସିଆର ପ୍ରଥମ ପୁରୁଷ ଭାବେ ଲିଆଣ୍ଡରଙ୍କୁ ଇଣ୍ଟରନ୍ୟାଶନାଲ ଟେନିସ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଥିଲା। ଭେସଙ୍କ ବିୟୋଗରେ ହକି ଇଣ୍ଡିଆ (ଏଚ୍ଆଇ) ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଶୋକ ବ୍ୟକ୍ତ କରି କହିଛନ୍ତି, ଏହା ହକି ଇଣ୍ଡିଆ ଲାଗି ଏକ ଦୁଃଖର ଦିନ। ଡ. ପେସଙ୍କ ପରଲୋକ ହକିର ଏକ ମହାନ୍ ଯୁଗର ଅନ୍ତ ଘଟାଇଛି।



ପୁତ୍ର ଲିଆଣ୍ଡରଙ୍କ ସହ ଭେସ୍ ପେସ୍ (ଫାଇଲ ଫଟୋ)।




## ପବନୀ, ଶୁଭଶ୍ରୀ, ମାଗାଇ ସମ୍ବର୍ଦ୍ଧିତ ହେବେ



**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡ୍ ଫୋର୍ଟଠାରେ ଶୁକ୍ରବାର ଭାରତୀୟ ମହିଳା ଓ ପୁରୁଷ ଖୋ ଖୋ ବିଶ୍ୱକପ ବିଜୟୀ ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବେ। ଏଥିରେ ସାମିଲ ଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ପବନୀ ଶବର, ଶୁଭଶ୍ରୀ ସିଂ ଓ ମାଗାଇ ମାଝି ସମ୍ବର୍ଦ୍ଧିତ ହେବେ। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ ଗତ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## ଡମ୍ବରୁଙ୍କ ଗୋଲରେ ଜିଏଚ୍ଏସ୍ ବିଜୟୀ

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୟୁନିଟ-୧ ଜିଏଚ୍ଏସ୍ ବିଜୟୀ ହୋଇଛି। ଏହି ଦଳ ୧-୦ ଗୋଲରେ ବିକାଶ ରେସିଡେନ୍ସିଆଲକୁ ପରାସ୍ତ କରିଛି। ବିଜୟ ସୂଚକ ଗୋଲ ଦେଇଥିବା ଡମ୍ବରୁ ବାନରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ସମ୍ପାଦକ ଗୌର ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ଡମ୍ବରୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଡିଏଭି ଚନ୍ଦ୍ରଶେଖରପୁର ଦଳ ଅନୁପସ୍ଥିତ ରହିବାରୁ ସାଇ ରେସିଡେନ୍ସିଆଲ ସ୍କୁଲ ୱାକଓଭର ପାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, August 15/2025 | Page 20 | ₹ 7.00 | BALASORE
୫୧ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 261 | ମୂଲ୍ୟ₹୭/-

DADLS-41



# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୯୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୨ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର
୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥୀ 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

OIPR-15001/13/0954/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର











































See Career Appointment on every Wednesday & Saturday


















# ଆରମ୍ଭ ହେଲା 'ମାଝୀ' ସମ୍ପ୍ରଦାୟ ଗଣନା

ଭୁବନେଶ୍ୱର,୧୪।୮
(ରବିନାରାୟଣ ଜେନା)

## ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଡିଡବ୍ଲ୍ୟୁଓଙ୍କୁ ମଗାଗଲା ତଥ୍ୟ

ରାଜ୍ୟରେ ୨୦୧୧ ପରେ ଜନସଂଖ୍ୟା ଗଣନା ହୋଇ ନ ଥିବାବେଳେ ଆଦିବାସୀ ଗଣନା ପ୍ରକ୍ରିୟାର ଅଗ୍ରଗତି ହୋଇନାହିଁ। ଆଦିବାସୀ ଗଣନା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଥିଲେ ହେଁ ତାହା ଏବେ ରାଜ୍ୟରେ ପ୍ରକ୍ରିୟା ଭିତରେ ରହିଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମାଝୀ' ସମ୍ପ୍ରଦାୟ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ କେତେ ସଂଖ୍ୟକ 'ମାଝୀ' ସମ୍ପ୍ରଦାୟ ରହିଛନ୍ତି ଏବଂ କେଉଁ ଜିଲାରେ କେତେ ଅଛନ୍ତି, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଚଳିତମାସ ୪ତାରିଖରେ ତିନୋଟି ଜିଲା (ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ)ର ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ)ଙ୍କୁ ପତ୍ର ଲେଖି 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ବିବରଣୀ ଲୋଡ଼ିଛନ୍ତି। ଉପନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରୁ ତଥ୍ୟ ମଗା ଯାଉଥିଲେ ମଧ ମିଳିପାରୁ ନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ମଗାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତମାସ ୨୦ ସୁଦ୍ଧା 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ସେ ଦର୍ଶାଇଛନ୍ତି। ଉପନିର୍ଦ୍ଦେଶକ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ନୀତି ଆୟୋଗଙ୍କ ପକ୍ଷରୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶାଳୟକୁ 'ଜଲିଆ', 'ଜାନୁଘଣ୍ଟ' ଓ 'ମାଝୀ' ପରି ବିଜ୍ଞାପିତ ହୋଇ ନ ଥିବା ସମ୍ପ୍ରଦାୟ, ଯାଯାବର ଓ ସହ-ଯାଯାବର ସମୁଦାୟମାନଙ୍କର ଜାତି ସାମାଜିକ ଅଧ୍ୟୟନ(ଇଏସ୍) କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ମାତ୍ର ସମ୍ପୃକ୍ତ ଜିଲାରୁ 'ମାଝୀ' ସମୁଦାୟର ଠିକ୍ ତଥ୍ୟ ମିଳୁ ନ ଥିବାରୁ ସେହି ସମୁଦାୟ ସମ୍ପର୍କିତ ବ୍ୟାପକ ଜାତି ସାମାଜିକ ଅଧ୍ୟୟନ କରାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ଚଳିତମାସ ୨୦ ସୁଦ୍ଧା ସମ୍ପୃକ୍ତ ଜିଲାରେ କେତେ ମାଝୀ ସମୁଦାୟ ରହିଛନ୍ତି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ ଦର୍ଶାଇଛନ୍ତି।

# ଲଘୁଚାପ ସକ୍ରିୟ, ୧୯ ପର୍ଯ୍ୟନ୍ତ ବର୍ଷିବ

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ଏବଂ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ସଂଲଗ୍ନ ଅଞ୍ଚଳ ଉପରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଦକ୍ଷିଣ ଆଡ଼କୁ ଢଳି ରହିଛି। ଶୁକ୍ରବାର ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସେହିପରି ମୌସୁମୀ ଟ୍ରଫ ଏବେ ହାରାହାରି ସମୁଦ୍ର ପତ୍ତନରେ ବିକାନେର, ବନସ୍ଥଳୀ, ଗୁନା, ଦାମୋହ, ବିଳାସପୁର, କଳିଙ୍ଗପଟନମ ଓ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଅତିକ୍ରମ କରୁଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି।










# ୫ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୧୪।୮(ମାନସ ମହାନ୍ତି)- ବହଳଦା ଅବକାରୀ ଥାନା ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ମଦ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତିରିଙ୍ଗ ଥାନା ଅଧୀନ ହେସଲଡିହି ଗ୍ରାମର ଲକ୍ଷ୍ମଣ ମୁର୍ମୁ, ପୋଡ଼ାଗୋଡ଼ି ଗ୍ରାମର ଶ୍ୟାମ ସୁନ୍ଦର ଗୁପ୍ତ, ବୁଡ଼ାମାରା ଗ୍ରାମର ଦସ୍ମୁ ଆଲଦା, ଏବଂ ପାଣ୍ଡୁପାଣି ଗ୍ରାମର ବୁଦ୍ଧୁ ହାଁସଦା ଓ ଗୋବିନ୍ଦ ମୁର୍ମୁ। ସେମାନଙ୍କଠାରୁ ମୋଟ ୧୦ ଲିଟର ୫୦୦ ମିଲିଲିଟର ବିଦେଶୀ ମଦ ଏବଂ ୪୬୬ ଲିଟର ଦେଶୀ ମଦ ସହ ୯. ୩୦୦ ଲିଟର ମହୁଲ ପୋଚ ଜବତ ହୋଇଛି। ରାଇରଙ୍ଗପୁର ଅବକାରୀ ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅବକାରୀ ଥାନା ଅଧିକାରୀ ରଣଜିତ ଶବର (ବହଳଦା) ପିଙ୍କି ମାରାଣ୍ଡି (ବିଶୋଇ) ଏବଂ ଏସଆଇ. ସୁଧାଂଶୁ କୁମାର ବେହେରାଙ୍କ ସମେତ ବିଭିନ୍ନ ପଦାଧିକାରୀ ଚଢ଼ାଉରେ ସାମିଲ ଥିଲେ।

# ଭଙ୍ଗାଘରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ

ମୋରଡ଼ା,୧୪।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ସମାଲଡିହି ଲୋଧା ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟାରେ ଗତି କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ବାଲ୍ୟବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ମୋଟ ୧୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିବପ୍ରସାଦ ହେମ୍ବ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକ ଭାବେ ଗୋବିନ୍ଦଚନ୍ଦ୍ର ସି କାର୍ଯ୍ୟରତ ଅଛନ୍ତି। ତେବେ ବିଦ୍ୟାଳୟର ଛାତ ବର୍ତ୍ତମାନ ତଳକୁ ଢଳିଯାଇ ଡ଼ଙ୍ଗା ଭଳି ଅବସ୍ଥା ହୋଇଯାଇଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍କୁଲ ଗୃହ।

ଶିକ୍ଷକ ଦ୍ୱୟ ଉକ୍ତ ବିପଦସଙ୍କୁଳ ବିଦ୍ୟାଳୟ ଗୃହରେ ପାଠ ନ ପଢ଼ାଇ ପାଖରେ ଥିବା ପ୍ରତ୍ୟାଶା କେନ୍ଦ୍ରରେ ପାଠ ପଢ଼ାଉଛନ୍ତି। ତେବେ ବିଦ୍ୟାଳୟର ଅଫିସ ଗୃହ ଉକ୍ତ ଭଙ୍ଗା ଘରେ ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ରୋଷେଇ ଗୃହର ମଧ୍ୟ ସମାନ ସ୍ଥିତି। ତଥାପି ପିଲାଙ୍କ ଖାଇବା ପାଇଁ ଭଗ୍ନ ଅବସ୍ଥାରେ ଥିବା ଘରେ ରୋଷେଇ ହେଉଛି। ବିଦ୍ୟାଳୟର ଏପରି ଅବସ୍ଥା ପାଇଁ ପିଲାମାନେ ଏଠାରେ ପାଠ ପଢ଼ିବାକୁ ମନ ବଳାଉ ନାହାନ୍ତି। ତେଣୁ ଏଠାରେ ଏକ ନୂତନ ବିଦ୍ୟାଳୟ ଗୃହ ସହିତ ନୂତନ ରୋଷେଇ ଘର ତିଆରି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏବାବଦରେ ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡିଙ୍କୁ ପଚାରିବାରୁ ପୂର୍ବରୁ ସେ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ ଏବଂ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିବା କହିଛନ୍ତି। ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ବିଡିଓଙ୍କୁ ସେ ଅବଗତ କରାଇଛନ୍ତି ବୋଲି କହିଛନ୍ତି।

# ସଂସ୍କୃତ ସପ୍ତାହ ପାଳିତ

ବୈଶିଙ୍ଗା,୧୪।୮(ରତନ ଦାଶ)

ବୈଶିଙ୍ଗା ଥାନା ଅନ୍ତର୍ଗତ ମେରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କବି ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖ୍ୟାତନାମା ଗାଳ୍ପିକ ନିମାଇଁଚରଣ ବେହେରା ମୁଖ୍ୟବକ୍ତା ଓ ବିଦ୍ୟାଳୟର ହିନ୍ଦୀଶିକ୍ଷକ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅକୁଣ୍ଠ ସହଯୋଗ ସହିତ ଛାତ୍ରୀଛାତ୍ରଙ୍କ ଉତ୍ସାହରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ସଂସ୍କୃତ ଶିକ୍ଷକ ପ୍ରିୟନାଥ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ସହକାରୀ ଶିକ୍ଷକ ପ୍ରକାଶ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସ୍କୃତ ଗୀତ, ନାଟକ, ଭାଷଣ ଓ ସଂସ୍କୃତ ଜ୍ଞାନ ପ୍ରତିଯୋଗିତା ଆୟୋଜନ ସହ କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଉଦଳା,୧୪।୮(ସନ୍ତୋଷ କୁମାର ବାଛିନୀ)

ସ୍ୱାଧୀନତା ଦିବସ ପୂର୍ବରୁ ଉଦଳା ଭାଜପା ପକ୍ଷରୁ ଗୁରୁବାର ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଦଳାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଉଦଳା ବ୍ଲକ୍ ଏବଂ ଏନ୍ଏସି ଅଞ୍ଚଳରେ ଥିବା ସମସ୍ତ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଭୁତି ମହାନ୍ତ, ବିଜୟ ସେନାପତି, ପ୍ରଭାତ ପରିଡାଙ୍କ ସମେତ ଅନେକ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।





ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅବସରପ୍ରାପ୍ତ ସେନା କର୍ମଚାରୀମାନେ।

# ଦୋକାନରୁ ଚୋରି

ମୋରଡ଼ା,୧୪।୮(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ବହୁ ମୂଲ୍ୟବାନ ଜିନିଷ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ମୂଷାମାରୀରେ ଥିବା ସାହୁ ଏଣ୍ଟରପ୍ରାଇଜେସ ଦୋକାନର ମାଲିକ ବିଶ୍ୱଜିତ ସାହୁ ମଙ୍ଗଳବାର ରାତି ୯ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ତେବେ ଦୋକାନର ତାଲା ଭାଙ୍ଗିଥିବା ନେଇ ସ୍ଥାନୀୟ ଲୋକେ ଖବରଦେବାରୁ ବିଶ୍ୱଜିତ ଦୋକାନରେ ପହଞ୍ଚି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୩୧୩/୨୫) ରୁଜୁ ତଦନ୍ତ ଜାରି ରଖିଛି।

# ତ୍ରିରଙ୍ଗା ଶୋଭାଯାତ୍ରା

ରାଇରଙ୍ଗପୁର,୧୪।୮(ମାନସ ମହାନ୍ତି)- ସ୍ୱାଧୀନତା ଦିବସ ଉପଲକ୍ଷେ ରାଇରଙ୍ଗପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୁରୁବାର ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ରାଇରଙ୍ଗପୁର ସହର ପରିକ୍ରମା କରିଥିଲା। ସହରାଞ୍ଚଳ ରେ ଥିବା ବିଭିନ୍ନ କାର୍ଯ୍ୟାଳୟର ପଦାଧିକାରୀ,କର୍ମଚାରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଜାତୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାୟକ ଏବଂ ରାଇରଙ୍ଗପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା,ଏସଡିପିଓ ଗୋକୁଳାନନ୍ଦ ସାହୁରେ ଏଥିରେ ସାମିଲ ହୋଇଥିଲେ।

# ଅଖାପଲାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା



ବିଦ୍ୟାଳୟ ଫାଟକରେ ତାଲାପକାଇ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

## ସମସ୍ୟାର ସମାଧାନ ଓ ପ୍ରଧାନଶିକ୍ଷକଙ୍କ ବଦଳି ଦାବି

ଠାକୁରମୁଣ୍ଡା,୧୪।୮
(ତାରାକାନ୍ତ ପଟ୍ଟନାୟକ)

ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଗୁରବାର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅଧୀନ ଅଖାପଲାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଖବରପାଇ ଠାକୁରମୁଣ୍ଡା ବିଡିଓ ସପନେଶ୍ୱର ବେହେରା ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) କୁଞ୍ଜ ବିହାରୀ ପ୍ରଧାନ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରଧାନଶିକ୍ଷକ ସୁଶାନ୍ତ ସେନାପତିଙ୍କୁ ଅନ୍ୟତ୍ର ବଦଳି କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ପିଲାଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯିବା, ବିଦ୍ୟାଳୟ ପରିସର ଅପରିଷ୍କାର ରହିବା ଓ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିକରି ଅଭିଭାବକମାନେ ପୂର୍ବରୁ ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କରିବା ପ୍ରତିବାଦରେ ଗ୍ରାମବାସୀ ସକାଳ ୯ଟା୩୦ ମିନିଟ ସମୟରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ।

# ୧୯ରେ ତାଲାବନ୍ଦ ଆନ୍ଦୋଳନ

ବାରିପଦା,୧୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ଜନଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଉଚ୍ଚ ପଦସ୍ଥ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଭଞ୍ଜସେନା ପକ୍ଷରୁ ଆସନ୍ତା ୧୯ତାରିଖରେ ତାଲାବନ୍ଦ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଉଭୟ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବନ୍ଦ କରାଯିବ ବୋଲି ସେନାର ଜିଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

ଭଞ୍ଜସେନାର ଅଭିଯୋଗ ଅନୁଯାୟୀ, ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ମନମୁଖି ଶିକ୍ଷକ ବଦଳି, ଜିଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲା ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା, ମଧ୍ୟାହ୍ନ ଭୋଜନରେ ଯୋଗାଣକାରୀଙ୍କୁ ଅହେତୁକ ଅନୁକମ୍ପା ଯୋଗାଇ ହରିଲୁଟକୁ ପ୍ରଶ୍ରୟ ଦେବା, ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନସନ ପ୍ରଦାନ ନ କରିବା, ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନ କରି ମନମୁଖି ବଦଳି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ୍ ବସିବା ଦ୍ୱାରା ସହଭାଗିତାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ପୂର୍ବରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଭଞ୍ଜସେନା ଚେତାବନୀ ଦେଇଛି।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ଗୋପବନ୍ଧୁ ନଗର, ୧୪।୮(ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଅଟୋ ଚାଳକ ସଂଘ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ରାଲି ଖୁଣ୍ଟା ମୁଖ୍ୟ ବଜାର ପରିକ୍ରମା କରିଥିଲା। ସଡକ ସୁରକ୍ଷା ଜୀବନ ରକ୍ଷା, ହେଲମେଟ ପିନ୍ଧ ଓ ଜୀବନ ବଞ୍ଚାଅ ଇତ୍ୟାଦି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଟୋ ଚାଳକ ସଂଘ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାମିଲ ହୋଇଥିଲେ। ବାରିପଦା ଭାରପ୍ରାପ୍ତ ଆରଟିଓ ସାଲଖୁ ମୁର୍ମୁ, କନିଷ୍ଠ ଏମଭିଆଇ ଜ୍ୟୋତି ପ୍ରକାଶ ସାହୁ, ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ଢୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ଅଟୋ ଚାଳକ ସଂଘର ସମ୍ପାଦକ ଅବଜିନି ପତି ସଦୁଆଳ, ମୁଖ୍ୟ ଉପଦେଷ୍ଟା ଶକ୍ତିପଦ ପାତ୍ର, ଚନ୍ଦନ ମହାନ୍ତି, ସୁମନ୍ତ ଜେନା, ରଜତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏଥିସହିତ କଲେଜର ଯୁବ ରେଡକ୍ରସ କାଉନସିଲର ଅଧ୍ୟାପିକା ଗୋପା ସିଂହ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶୁଭମ ସାସମଲ, ଖେଳ ଶିକ୍ଷକ କିଶୋର ଚନ୍ଦ୍ର ଦାସ, ଆମ ଗୌରବ ଆମ କଲେଜର ସଂଯୋଜକ ପ୍ରଦୀପ କୁମାର ବେହେରା, ଅଧ୍ୟାପକ ମାନଗୋବିନ୍ଦ ଖିଲାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିଯୋଡ଼ା ଅଲେଖ ମହିମା ମଠର ହେବ ବିକାଶ

ଗୋପବନ୍ଧୁନଗର,୧୪।୮
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁନଗର ବ୍ଲକ ଶିଳଘାଟୀ ପଞ୍ଚାୟତର ବାଲିଯୋଡ଼ା ଅଲେଖ ମହିମା ମଠର ବିକାଶ ନେଇଏକ ସମୀକ୍ଷା ବୈଠକ ଗୁରୁବାର ପୂର୍ବାହ୍ନ ୧୦ଟାରେ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ ବାବା ସୋମନାଥ ଦାସଙ୍କ ସଭାପତିତ୍ୱରେ ବିଭୂତି ମହାନ୍ତ ଏବଂ ଆଶ୍ରମର ସାଧୁ ଦିନବନ୍ଧୁ ସେଠୀ, ଦେବେନ୍ଦ୍ର ବେହେରା, ରବିନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ସମୀକ୍ଷା କରିଥିଲେ। ମୁଖ୍ୟତଃ ମଠ ପାଇଁ ରାସ୍ତା, ପାନୀୟ ଜଳ ସହିତ ବହୁ ପୁରାତନ ଏହି ମଠର ପୁରୁଣା ସଂସ୍କୃତିକୁ ପୁନରୁଦ୍ଧାର କରିବା ପାଇଁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ବୋଲି ବିଧାୟକ ମଢ଼େଇ ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ପ୍ରାର୍ଥନା ଗୃହ କାର୍ଯ୍ୟ ସମ୍ପନ୍ନ ହେବା ପରେ ପାହାଡ଼ ଶିଖରରେ ଥିବା ମହିମା ମନ୍ଦିରର ଉନ୍ନତିକରଣ କରିବା ନିମନ୍ତେ ମଧ୍ୟ ଅର୍ଥ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ମୋରଡ଼ା,୧୪।୮(ସ୍ମାରକ ମାଜୀ)- ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ତତ୍ତ୍ୱାବଧାନରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଯୁକ୍ତ ୨ ଏବଂ ଯୁକ୍ତ ୩ ବର୍ଷର ସମସ୍ତ ଛାତ୍ରୀଛାତ୍ର ହାତରେ ତ୍ରିରଙ୍ଗା ପତାକା ସହିତ ୧୦୦ ଫୁଟର ପତାକାକୁ ଧରି ଭାରତ ମାତା କି ଜୟ ସ୍ଲୋଗାନ ଦେଇ ମହାବିଦ୍ୟାଳୟରୁ ବାହାରି, ବଜାର, ଶୀର୍ଷାପାଳ ଛକ ପରିକ୍ରମା କରିଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସଞ୍ଜୀବ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ଅଧ୍ୟାପିକା, ଅଧ୍ୟାପକ, ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ହାତରେ ଜାତୀୟ ପତାକା ଧରି ପରିକ୍ରମା କରିଥିଲେ।





ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# ସହର ପରିକ୍ରମା କଲା ବାଇକ୍ ଶୋଭାଯାତ୍ରା

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ବାରିପଦା,୧୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ହର ଘର ତ୍ରିରଙ୍ଗା ଉପଲକ୍ଷେ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଓ ୱାକାଥନ ରାଲି ଗୁରୁବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ସହରର ବିଭିନ୍ନ ରାସ୍ତାରେ ପରିକ୍ରମା କରି ଜିଲା ସଂସ୍କୃତି କାର୍ଯ୍ୟାଳୟ ପାଖରେ ସମ୍ପୂର୍ଣ୍ଣ ହୋଇଥିଲା। ଉକ୍ତ ଯାତ୍ରାକୁ ଜିଲାପାଳ ହେମକାନ୍ତ ସୟ ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଠୁପାଲ୍ଲୀ, ଆଇଏଏସ ପ୍ରୋବେଶନର କାଶିଷ ବକ୍ସି ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳ ଓ ଏସ୍‌ପି ଲୋକମାନଙ୍କ ସହିତ ବାଇକ୍ ରାଲିରେ ସାମିଲ ହୋଇଥିଲେ। ସେହିପରି ୱାକାଥନ ରାଲିରେ ୧୦୦ ମିଟର ଲମ୍ବ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରାଯାଇଥିଲା। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ନିଜାରତ ଅଧିକାରୀ ଶ୍ରୀକାନ୍ତ ନାୟକଙ୍କ ସମେତ ସହରର ବିଭିନ୍ନ କ୍ଷେତ୍ରର ଶତାଧିକ ଜନତା ଏହି ତ୍ରିରଙ୍ଗା ପତାକା ଧରି ରାଲିରେ ସାମିଲ ହୋଇଥିଲେ। ଏହି ବାଇକ ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗ ଯଥା ପୋଲିସ ପଦାଧିକାରୀ, ପୋଲିସ କର୍ମଚାରୀ, ସରକାରୀ ପଦାଧିକାରୀ, କର୍ମଚାରୀ, ଲୋକପ୍ରତିନିଧି, ଏନ୍‌ସିସି, ଏନ୍‌ଏସ୍‌ଏସ୍,କ୍ରୀଡ଼ା ଛାତ୍ର ସ୍ୱେଚ୍ଛାସେବୀ, ଅବସରପ୍ରାପ୍ତ ସେନା କର୍ମଚାରୀ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ବିପୁଳ ସଂଖ୍ୟାରେ ସାମିଲ ହୋଇଥିଲେ।

ଦେଶ ମାତୃକା ତଥା ଜାତୀୟ ପତାକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗା ରାଲି କରାଯାଇଛି। ଆମ ପାଖରେ ସହନଶୀଳତା ରହିଛି, ମାତ୍ର ଯେତେବେଳେ ଦେଶର ସୁରକ୍ଷା ତଥା ଦେଶବାସୀଙ୍କ ଜୀବନ ପ୍ରତି ବିପଦ ଆସେ, ସେତେବେଳେ ନିଶ୍ଚିତ ଭାବେ ଶତ୍ରୁ ବିରୋଧରେ ଲଢ଼ୁ ବୋଲି ଜିଲାପାଳ କହିଥିଲେ। ଜିଲା ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରପାଳିକା ଉପାଧ୍ୟକ୍ଷା ସୀମା ଦାସ, ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିନୋଦ କିଷାନ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ଜିଲା କ୍ରୀଡ଼ା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ୱାର୍ଡର କାଉନସିଲର ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।


यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | **ଶ୍ରୀ ରାଜକିଶୋର ପ୍ରଧାନ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ✓ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | **ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

**ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଶିକ୍ଷକ ଦମ୍ପତିଙ୍କ ମୃତଦେହ ଜବତ

## ପାରିବାରିକ କଳହ ନେଲା ୨ ଜୀବନ

କେନ୍ଦୁଝର/ଚମ୍ପୁଆ,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ ମହେଶ୍ୱର ଦାସ)

କେନ୍ଦୁଝର ଜିଲାରେ ପାରିବାରିକ କଳହରୁ ୨ ଜୀବନ ଯାଇଛି। ୨ ଭିନ୍ନ ଥାନା ଅଞ୍ଚଳରୁ ଶିକ୍ଷକ ଦମ୍ପତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଦମ୍ପତି ହେଲେ ବାରିଆ ଥାନା ପଡୁଆଁ ବିରିକୁଆଁ ଗ୍ରାମର ବୃନ୍ଦାବନ ମହାନ୍ତ (୫୦) ଓ ତାଙ୍କ ସ୍ତ୍ରୀ ମଞ୍ଜୁଳା ମହାନ୍ତ (୪୫)। ଉଭୟ ପାରିବାରିକ ବିବାଦରୁ ଅଲଗା ରହୁଥିଲେ। ବୃନ୍ଦାବନ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ବୃନ୍ଦାବନଙ୍କ ମୃତ୍ୟୁକୁ ନେଇ ଆତ୍ମହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ମଞ୍ଜୁଳାଙ୍କ ମୃତ୍ୟୁରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ୨୨ ବର୍ଷ ତଳେ ବୃନ୍ଦାବନ ଓ ମଞ୍ଜୁଳା ପ୍ରେମ ବିବାହ କରିଥିଲେ। ତାଙ୍କର ୨ ପୁଅ ଅଛନ୍ତି। ବଡ଼ପୁଅ ବାହାରେ ରହି ପାଠ ପଢୁଛନ୍ତି। ସାନପୁଅ ବାପାଙ୍କ ପାଖରେ ରହୁଥିଲେ। ଗତ କିଛି ବର୍ଷ ଧରି ପାରିବାରିକ ବିବାଦ ଯୋଗୁ ସ୍ତ୍ରୀ ସ୍ୱାମୀ ଅଲଗା ରହୁଥିଲେ। ବୃନ୍ଦାବନ ବାରିଆ ଥାନା ପଡୁଆଁ ନୋଡାଲ ହାଇସ୍କୁଲରେ ଶିକ୍ଷକ ଥିବା ବେଳେ ଗାଁରେ ରହୁଥିଲେ। ମଞ୍ଜୁଳା ବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷୟିତ୍ରୀ ଥିବା ବେଳେ ଚମ୍ପୁଆରେ ଭଡ଼ାଘର ନେଇ ରହୁଥିଲେ। ବୁଧବାର ଅପରାହ୍ନରେ ବୃନ୍ଦାବନ ତାଙ୍କ କୋଠରିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୁଅ ଦେଖିଥିଲେ। ସେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ସୂଚନାପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଅପମୃତ୍ୟୁ ମାମଲା(ନଂ.୧୯/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହ ଗ୍ରହଣ କରି ତାଙ୍କ ସ୍ତ୍ରୀଙ୍କୁ ଖୋଜିଥିଲେ। ତାଙ୍କ ମୋବାଇଲ ବନ୍ଦ ଥିବାରୁ ଚମ୍ପୁଆସ୍ଥିତ ଭଡ଼ା ଘରକୁ ଯାଇଥିଲେ। କୋଠରି ବନ୍ଦ ଥିବା ଦେଖି ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ସେମାନେ ରାମଲାରେଠାରେ ବୃନ୍ଦାବନଙ୍କ ନିର୍ମାଣାଧୀନ ଘରର ଏକ କୋଠରିରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ବାହାରୁ ଘର ତାଲା ମରାଯାଇଥିଲା। ୩ ରୁ ୪ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଘରଟି ଏକ ନିର୍ଜନ ସ୍ଥାନରେ ଥିବାରୁ କେହି ସୂଚନା ପାଇପାରି ନ ଥିଲେ। ଚମ୍ପୁଆ ପୋଲିସ ତାଲା ଭାଙ୍ଗି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଅ ରଞ୍ଜନ ମହାନ୍ତଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ପୋଲିସ ଏକ ମାମଲା(ନଂ.୨୨୯/୨୫)ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। କୋଠରିଟି ବାହାରୁ ତାଲା ପଡ଼ିଥିବାରୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। କିଛି ଦିନ ପୂର୍ବେ ବୃନ୍ଦାବନ ଉକ୍ତ ଅଞ୍ଚଳକୁ ଆସିଥିବାରୁ ସେ ହତ୍ୟା କରିବା ପରେ ଯାଇ ନିଜେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଚମ୍ପୁଆ ଏସ୍‌ଡିପିଓ ରଶ୍ମି ରଞ୍ଜନ ସାହୁ କହିଛନ୍ତି, ଚମ୍ପୁଆ ଓ ବାରିଆ ଥାନାରେ ଯଥାକ୍ରମେ ଗୋଟିଏ ହତ୍ୟା ଏବଂ ଅନ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି।


ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

# ଅନୁଦାନ ଅଛି, କାର୍ଯ୍ୟାଳୟ ନିର୍ମାଣ ହେଉନି

## ଅବହେଳିତ ଉଦ୍ୟାନ ବିଭାଗ

ଛେନାପଦି,୧୪।୮(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଉଦ୍ୟାନ ବିଭାଗ ଅବହେଳିତ ହୋଇ ରହିଛି। ବିଭାଗର ନୂତନ କାର୍ଯ୍ୟାଳୟ ପାଇଁ ଅନୁଦାନ ଥିଲେ ହେଁ ପ୍ରଶାସନିକ ଆନ୍ତରିକତା ଅଭାବକୁ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁନାହିଁ। ଫଳରେ ଲୋକେ ବିଭାଗ ପକ୍ଷରୁ ମିଳୁଥିବା ସେବା ସମ୍ପର୍କରେ ଜାଣିପାରୁନାହାନ୍ତି କି ଏହାର ଲାଭ ନେଇପାରୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବ୍ଲକ୍‌ରେ କେବଳ କାଗଜକଲମରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଚାଲୁଛି। ଯେତେବେଳେ ଯେଉଁ ଅଧିକାରୀ ଏଠାରେ ନିଯୁକ୍ତି ପାଇଛନ୍ତି କେବଳ ମିଟିଂ ଦିନ ବ୍ଲକ୍‌କୁ ଆସିଥାନ୍ତି। ଅନ୍ୟ ଦିନଗୁଡ଼ିକରେ ଆନନ୍ଦପୁର ଉଦ୍ୟାନ ବିଭାଗ ପରିସରରେ ଥିବା ଆତ୍ମା କାର୍ଯ୍ୟାଳୟରେ ବସି କାମ କରୁଛନ୍ତି। ୨୦୧୪ରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟାଳୟ ନିର୍ମାଣ ହୋଇପାରିନାହିଁ। ବିଶେଷକରି ରାଜସ୍ୱ ବିଭାଗ ଜମି ଦେଉ ନ ଥିବାରୁ କାର୍ଯ୍ୟାଳୟ ନିର୍ମାଣରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ଉଦ୍ୟାନ ବିଭାଗରେ ସରକାର ଉଦ୍ୟାନ ଚାଷ ପାଇଁ ବହୁ କୋଟି ଟଙ୍କା ଯୋଗାଇ ଦେଉଛନ୍ତି। କିନ୍ତୁ ବ୍ଲକ୍‌ରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ନ ଥିବାରୁ ଲୋକମାନେ ଯୋଜନା ସମ୍ପର୍କରେ କିଛି ବି ଜାଣି ପାରୁନାହାନ୍ତି। ଏ ବିଷୟରେ ଅନେକ ଥର ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହୋଇ ରାଜସ୍ୱ ବିଭାଗକୁ ଜଣାଯାଇଛି। ଦୁଃଖର ବିଷୟ ହାଟଡ଼ିହୀ ତହସିଲରେ ଅନେକ ତହସିଲଦାରଙ୍କ ବଦଳି ହୋଇଥିଲେ ହେଁ ଏହାର କୌଣସି ଅଗ୍ରଗତି ହୋଇପାରୁନାହିଁ। ଅନ୍ୟପକ୍ଷରେ ରାଜନୀତି, ସରକାରୀସ୍ତରରେ କେହି ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ବ୍ଲକ୍‌ର ଏକ ପ୍ରକୋଷ୍ଠରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ଖୋଲିବାକୁ ପଞ୍ଚାୟତ ସମିତି ବୈଠକରେ ହୋଇଥିବା ନିଷ୍ପତ୍ତି ମଧ ଘୋଷଣାରେ ରହିଯାଇଛି। ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁରେନ୍ଦ୍ର ଡେଲକି କହିଛନ୍ତି, ଏ ନେଇ ସେ ଅନେକଥର ତହସିଲକୁ ଯାଇ ଫାଇଲ ପ୍ରସ୍ତୁତ କରି ଦେଉଛନ୍ତି, କିନ୍ତୁ କିଛି ଫଳ ମିଳୁନାହିଁ। ଏଥିପ୍ରତି କେନ୍ଦୁଝର ଜିଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହାତୀଦାନ୍ତ ଜବତ ମାମଲାରେ ୩ ଗିରଫ

କେନ୍ଦୁଝର,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ): ହାତୀଦାନ୍ତ ଜବତ ମାମଲାରେ ବନ ବିଭାଗ ଗୁରୁବାର ପୁଣି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାକୋଟ ଥାନା ଅନ୍ତର୍ଗତ ଡେରୀ କନକବାହାଲ ସାହିର ରାଜୁ ପ୍ରଧାନ(୨୦), ଦୁଃଖବନ୍ଧୁଗିରି(୪୧), ତିରବୋ ବେଗନାଡ଼ିହି ସାହିର ଢୁବୁରୁ ମୁଣ୍ଡା(୨୬)। ଅଭିଯୁକ୍ତମାନେ ହାତୀଦାନ୍ତ ଚାଲାଣରେ ସହଯୋଗ କରୁଥିଲେ। ପ୍ରକାଶ ଯେ, ଗତ ୧୨ ତାରିଖ ଦିନ ବନ ବିଭାଗ ନୟାକୋଟ ଥାନା ଅଡାଳ ଗ୍ରାମର ତପନ ପାତ୍ର(୩୦), ଜମ୍ବିରିପଶି ଗ୍ରାମର ଗୁରା ମୁଣ୍ଡା(୨୨), ମୟୂରନାଚୁଣୀ ଗ୍ରାମର ସୁରେଶ ମୁଣ୍ଡା(୪୧) ଗିରଫ କରିଥିଲା। ଏଥିସହ ଗତ ୭ ତାରିଖରେ ୫ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୫ କିଲୋ ୮୦ ଗ୍ରାମର ହାତୀଦାନ୍ତ ଜବତ କରିଥିଲା। ହାତୀ ଦାନ୍ତ କାରବାରରେ ଅଦ୍ୟାବଧି ୧୧ ଜଣ ଗିରଫ ହୋଇଛନ୍ତି।

## ବାଲି ବୋଝେଇ ହାଇୱା ଜବତ

ହାଟଡ଼ିହୀ,୧୪।୮(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜଳସରପୁର-ଡ଼ଅଁର ରାସ୍ତାରେ ବାଲି ବୋଝେଇ କରି ଯାଉଥିବା ୩ ହାଇୱାକୁ କେନ୍ଦୁଝର ଖଣି ବିଭାଗ ଜବତ କରିଛି । ଜୁନ ୫ରୁ ବାଲି ଉତ୍ତୋଳନ ବନ୍ଦ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ନଦୀରୁ ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ଅଭିଯୋଗ ହୋଇଥିଲା। ବୁଧବାର ବିଳମ୍ବିତ ରାତିରେ ଖଣି ଓ ପୋଲିସ ବିଭାଗ ହାଟଡ଼ିହୀ ଅଞ୍ଚଳରେ ଯାଞ୍ଚ ସମୟରେ ୩ ବାଲି ବୋଝେଇ ଗାଡ଼ି ଜବତ କରିଛି। କେନ୍ଦୁଝର ଖଣି ବିଭାଗ ଅଧିକାରୀ ତାରିଣୀ ସିଂ କହିଛନ୍ତି, ତିନି ବାଲି ବୋଝେଇ ହାଇୱା ଜବତ କରାଯାଇ ୨ ଚାଳକଙ୍କୁ ଅଟକ ରଖାଯାଇଛି। ଗାଡ଼ିଗୁଡ଼ିକ ଲିଜ୍ ଏରିଆ ବାହାରୁ ବାଲି ଉତ୍ତୋଳନ କରି ପରିବହନ କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ହାଟଡ଼ିହୀ ଅଞ୍ଚଳର ଜଣେ ବ୍ୟକ୍ତି ଏହି ବାଲି ଉତ୍ତୋଳନର ମୁଖ୍ୟ ବୋଲି ସ୍ଥାନୀୟ ଲୋକମାନେ କହୁଥିବା ଖଣି ଅଧିକାରୀ ସିଂ କହିଛନ୍ତି। ସବୁ ଲିଜ୍ ଘାଟରେ ସିସି କ୍ୟାମେରା ଲାଗିଛି। ସେଗୁଡ଼ିକୁ ଯାଞ୍ଚ କଲେ ସେଠାରୁ ବାଲି ଉତ୍ତୋଳନ ହୋଇ ପରିବହନ ହେଉଛି କି ନାହିଁ ଜଣାପଡ଼ିବ।

## କଲେଜ ଛାତ୍ରୀଙ୍କୁ ସଚେତନ କଲା ପୋଲିସ

ଢେଙ୍କିକୋଟ,୧୪।୮(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ପିପିଳିଆଠାରେ ଥିବା ଲକ୍ଷ୍ମୀ ନାରାୟଣ ଯୁକ୍ତ ୨ ଓ ଯୁକ୍ତ ୩ କଲେଜରେ ଛାତ୍ରୀଙ୍କୁ ସଚେତନତା କାର୍ଯ୍ୟକ୍ରମ ଗୁରୁବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। +୨ କଲେଜ ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘଟଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ସମ୍ମାନୀୟ ଅତିଥି ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ବେହେରା, ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ, ଖବରଦାତା ନୃସିଂହନାଥ ସିଂହ, +୨ କଲେଜର ଅଧ୍ୟାପକ ହେମନ୍ତ ମିଶ୍ର, ଜତୀନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅଧ୍ୟାପକ ଅଲେଖଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପୋଲିସ ଛାତ୍ରୀଙ୍କୁ ଜୀବନରମାନେ ଏବଂ ମଣିଷ ଜୀବନ ଏକ ଦୁର୍ଲଭ ଜୀବନ ବୋଲି କହି ବୁଝାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳର ସମସ୍ୟା ଜଣାଇଲେ ବିଧାୟକ ପ୍ରାର୍ଥୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଧାୟକ ପ୍ରାର୍ଥୀ ଆଲୋଚନା କରୁଛନ୍ତି।

ହାଟଡ଼ିହୀ,୧୪।୮(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ହାଟଡିହୀ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଅବଗତ କରାଇଛନ୍ତି। ବିଶେଷ କରି ବୈତରଣୀ ନଦୀର ବାମପଟ ତରଭାରୁ ନୂଆଗାଁ ପର୍ଯ୍ୟନ୍ତ ଯାଇଥିବା ନଦୀ ବନ୍ଧ ମୁକୁଳା ପଡ଼ିଛି। ନଦୀରେ ବନ୍ୟା ଆସିଲେ ବହୁ ଗ୍ରାମ କ୍ଷତି ଗ୍ରସ୍ତ ହେବ। ସେହିପରି ମରୈଗାଁରୁ ବଳିପୁର ପର୍ଯ୍ୟନ୍ତ ବାରିକମିସ୍ତ୍ରୀ ବନ୍ଧ ରାସ୍ତା (ଏମାଙ୍ଗମେଣ୍ଟ) ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ବିଜେଡି ସରକାର ସମୟରେ ଏହି ରାସ୍ତା କାର୍ଯ୍ୟ ହାତକୁ ନିଆଯାଇଥିଲା। ଅନେକ ଲକ୍ଷ ଟଙ୍କା ବିଲ୍ କରାଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଆଦିବାସୀ ଅଞ୍ଚଳର ଅନେକ ଗ୍ରାମରେ ପିଇବା ପାଣି ଏବଂ ରାସ୍ତା ସମସ୍ୟା ରହିଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ହାଟଡ଼ିହୀ ଅଣାରୁ ଛେନାପଦୀ ମଧ୍ୟରେ ଥିବା ଚାଷ ଜମିରେ ଚାଷ କାର୍ଯ୍ୟରେ ବାଧା ଉପୁଜୁଥିବା ଆଦି ସମସ୍ୟାଗୁଡ଼ିକ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋକଙ୍କ ସହ ବରିଷ୍ଠ ଭାଜପା କର୍ମୀ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଲୋକ ସମସ୍ୟାକୁ ପ୍ରାଥମିକତା ଦିଆଯିବା ସହ ସମସ୍ୟାଗୁଡ଼ିକ ବାବଦରେ ଅନୁଧ୍ୟାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ଆଲୋକ ପ୍ରକାଶ କରିଛନ୍ତି।

## ଶର୍ଟ୍‌ସର୍କିଟରୁ ଟ୍ରକ୍ ଜଳିଗଲା

ଘଟଗାଁ,୧୪।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ ): କେନ୍ଦୁଝର ଜିଲା ଘଟଗାଁ ରାଜପଥ ପୋଇଜାମୁଳା ବିର୍ସା ମୁଣ୍ଡା ଛକରେ ଏକ ୧୬ ଚକିଆ ଟ୍ରକ୍ ସଟ୍‌ସର୍କିଟ ଯୋଗୁ ଜଳିଯାଇଛି। ଘାଟଣାରେ କାହାର କିଛି କ୍ଷତି ହୋଇନାହିଁ। ଟ୍ରକ୍ (ଓଏ ୦୯ ଏ ୫୫୧୧) ଭୋର ୫ଟା ୩୦ରେ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ନିଆଁ ଲାଗିଯାଇଥିଲା। ଅଗ୍ନିଶକ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ଟ୍ରକ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଟ୍ରକ୍ ଚାଳକ ଓ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡ଼ିଛି। ଟ୍ରକଟି ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି।

## ବାନ୍ଧବୀଙ୍କୁ ମାଡ଼ମାରି ବଳାତ୍କାର

କେନ୍ଦୁଝର,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳରେ ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କୁ ବେହୋସ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ତେଲକୋଇ ଥାନା ବାଂଶପାଳ ଗ୍ରାମର ହୃଦାନନ୍ଦ ପାତ୍ର (୨୨) ବୁଧବାର ଜଣେ ବାନ୍ଧବୀଙ୍କୁ ମେଡିକାଲ ଆଳ ଦେଖାଇ ଫୋନ ଯୋଗେ ତେଲକୋଇକୁ ଡାକିଥିଲେ। ପରେ ଉକ୍ତ ଯୁବତୀଙ୍କୁ ବାଇକ୍‌ରେ ବସାଇ ଦେଉଳଡ଼ିହା ରାସ୍ତାର ହାତୀ ପୋଷ୍ଟର ଆଡ଼କୁ ନେଇଥିଲେ। ସେଠାରେ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ମାତ୍ର ଯୁବତୀଜଣଙ୍କ ବାରଣ କରିବାରୁ ତାଙ୍କୁ ଓଢ଼ଣୀରେ ବେକକୁ ଭିଡ଼ି ଘୋଷାରି ଜଙ୍ଗଲ ମଧ୍ୟକୁ ନେଇଥିଲେ। ସେଠାରେ ଯୁବତୀ ସଂଜ୍ଞାହୀନ ହୋଇଯିବା ପରେ ହୃଦାନନ୍ଦ ବଳାତ୍କାର କରିଥିଲେ। କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ପୁଣି ବଳାତ୍କାର ଉଦ୍ୟମ କରିଥିଲେ। ପୀଡ଼ିତା ଦୌଡ଼ି ଯାଇ ପାଖରେ ଥିବା ଏକ ପୋଲ ତଳେ ଲୁଚି ଯାଇଥିଲେ। ସେଠାରେ ମଧ ଯୁବତୀ ଜଣଙ୍କ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଶେଷରେ ହୃଦାନନ୍ଦ ଯୁବତୀଙ୍କୁ ଆଣି ସ୍କୁଟିରୁ ପଡ଼ିଯିବା ବାହାନା ଦେଖାଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ଏହାସହିତ ଯୁବତୀଙ୍କ ପାଖରେ ଥିବା ୧୧ ହଜାର ଟଙ୍କା ଓ ମୋବାଇଲକୁ ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି, ଅଭିଯୋଗ ମିଳିଛି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବସ୍‌ଷ୍ଟାଣ୍ଡରୁ ଅସୁସ୍ଥ ଯୁବତୀ ଉଦ୍ଧାର

ପାଟଣା,୧୪।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ପରିସରରୁ ବୁଧବାର ସନ୍ଧ୍ୟାରେ ଜଣେ ଅସୁସ୍ଥ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ଯୁବତୀ ସେଠାରେ ଅସହାୟ ଭାବେ ଶୋଇଥିଲେ। ପାଟଣା ପୋଲିସ ପକ୍ଷରୁ ଏଏସ୍‌ଆଇ ଧନେଶ୍ୱର ପାତ୍ର ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଯୁବତୀଙ୍କ ନିକଟରେ ଏକ ପଲିଥିନ ବ୍ୟାଗ ଥିବା ବେଳେ ସେଥିରୁ ସାଲାଇନ ବୋତଲ, ସିଟି ସ୍କାନ ଫଟୋ ଓ କେନ୍ଦୁଝର ଧରଣୀଧର ମେଡିକାଲର ଆଡ଼ମିଶନ ଟିକେଟ ରହିଛି। ତେବେ କିଭଳି ଓ କେଉଁ ପରିସ୍ଥିତିରେ ଯୁବତୀ ଜଣଙ୍କ ଏଠାକୁ ଆସିଲେ, ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣଙ୍କ ପାଟଣା ବ୍ଲକ ଚିନାମାଳି ପୋଷି ପଞ୍ଚାୟତ କୁମୂଳାବାହାଲୀ ଗ୍ରାମର ସୁନା ରାମ ମାଝିଙ୍କ ଝିଅ ସାକାର ଗୁଡୁ (୨୨) ବୋଲି ପୋଲିସ କହିଛି।

## ବିଏସ୍ ମାଇନିଂ ପକ୍ଷରୁ ରକ୍ତଦାନ ଶିବିର

ଯୋଡ଼ା,୧୪।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟା କମ୍ପାନୀ ହସ୍ପିଟାଲରେ ବିଏସ୍ ମାଇନିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ରାଜା ସରିଫ୍, ଡା. କୌଶିକ ସାମନ୍ତ, ଟେକ୍ନିସିଆନ ସୁବାସ କାରୁଆ, ଆକାଶ ପାତ୍ର ଉପସ୍ଥିତ ରହିସମୁଦାୟ ୩୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ବିଏସ୍ ମାଇନିଂ ସଂସ୍ଥା ପକ୍ଷରୁ ସ୍ମୃତିରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ଶିବିରର ଆୟୋଜନ କରିଥିଲେ।







## ନାବାଳିକାଙ୍କୁ ବଳାତ୍କାର ଅଭିଯୁକ୍ତ ଗିରଫ

ପାଟଣା,୧୪।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ତୁରୁମୁଙ୍ଗା ଥାନା ଚାକୁଣ୍ଡାପାଳ ଗ୍ରାମର ମନୋଜ ବେହେରା(୨୯)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ୨୦୨୩ରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେବାରୁ ନାବାଳିକାଙ୍କ ପରିବାର ଲୋକେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଯୁବକ ଫେରାର ହୋଇଯାଇଥିଲେ। ବୁଧବାର ତୁରୁମୁଙ୍ଗା ପୋଲିସ ଯୁବକଙ୍କୁ ସମ୍ବଲପୁର ଜିଲା ହୀରାକୁଦ ନିକଟ ହିଣ୍ଡାଲକୋ କାରଖାନା ପରିସରରୁ ହୀରାକୁଦ ପୋଲିସ ସହାୟତାରେ ଗିରଫ କରିଥିଲା।

# ସବୁଠି ତ୍ରିରଙ୍ଗା ଶୋଭାଯାତ୍ରା

ଚମ୍ପୁଆ,୧୪।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୁଧବାର ଘରେ ଘରେ ତ୍ରିରଙ୍ଗା ଓ ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧକ୍ଷା ସୁମିତ୍ରା ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେହିପରି ଚମ୍ପୁଆ ଭାଜପା ମଣ୍ଡଳ ପକ୍ଷରୁ ସଭାପତି କାର୍ତ୍ତିକ ସାହୁଙ୍କ ତତ୍ତ୍ୱାବଧାନରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କର ତତ୍ତ୍ୱାବଧାନରେ ତ୍ରିରଙ୍ଗା ଯାତ୍ରା ସହର ପରିକ୍ରମା କରିଥିଲା। ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

**ବଡ଼ବିଲ,(ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ବଡ଼ବିଲ ତ୍ରିରଙ୍ଗା ଯାତ୍ରା ପାଳନ ସମିତି ତରଫରୁ ଶୋଭାଯାତ୍ରା ବଡବିଲ ବିକାଶ ମହଲଠାରୁବାହାରିମହାନ୍ତବସ୍ତି-ଭଗତସିଂ ଛକ, ବାଟା ଛକ, ଅଟଳ ଛକ ଦେଇ ପୁଣି ବିକାଶ ମହଲପଡ଼ିଆକୁ ଫେରିଥିଲା।

**ବଉଳା(ଦୁର୍ଗା ପ୍ରସାଦ ଆୟଚ):** ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ରାଉତଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରଙ୍କୁ ନେଇ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଞ୍ଜନ କୁମାର ପରିଡ଼ା ଛାତ୍ରୀଛାତ୍ରଙ୍କୁ ଚକୋଲେଟ ଓ ମିଷ୍ଟାନ୍ନ ପ୍ରଦାନ କରିଥିଲେ। ଅଧ୍ୟାପକ ଜନ୍ମେଜୟ ପ୍ରଧାନ, ପ୍ରଣୟ ନାୟକ, ବୃନ୍ଦାବନ ଓଝା, ପ୍ରିୟଙ୍କା ମହାନ୍ତି, ଗୌରାଙ୍ଗ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ପାଟଣା(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ ବୁଧବାର ଭାଜପା ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣା ମଣ୍ଡଳ ଭାଜପା ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ ରାଲି ମଲ୍ଲିପୋଷିଠାରୁ ଆରମ୍ଭ ହୋଇ ସାଧୁପଡ଼ା ଦେଇ ପାଟଣା ବଜାର ପରିକ୍ରମା କରିଥିଲା। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବୀଣାପାଣି ନାୟକ, କମଳାକାନ୍ତ ଦାଶ, ରାଧାକାନ୍ତ ମହାନ୍ତ, ଗୌତମ ନାଏକ, ବ୍ରଜବନ୍ଧୁ ସେଠୀ, ବିଶ୍ୱନାଥ ନାୟକ, ମହେଶ୍ୱର ପୃଷ୍ଟି, ସୁବ୍ରତ ଦ୍ୱିବେଦୀଙ୍କ ସହ ଅନେକ ହଜାର ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

**କେନ୍ଦୁଝର(ଦୀପକ ମିଶ୍ର):** କେନ୍ଦୁଝର ନଗର ମଣ୍ଡଳ ଭାଜପା ପକ୍ଷରୁ ବୁଦବାର ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତିଙ୍କ ନେତୃତ୍ୱରେ କେନ୍ଦୁଝର ସହରର ବଡ଼ଦାଣ୍ଡ ନିକଟରୁ ବାଇକ ରାଲିରେ ଭାଜପା କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ, କିରଣବାଳା ନାୟକ, ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର, ନଗର ସମ୍ପାଦକ ଦୁର୍ଗା ବାରିକ, ସତ୍ୟନାରାୟଣ ବାରିକ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଗୁରୁବାର 'ହର ଘର ତ୍ରିରଙ୍ଗା ଅଭିଯାନ'ରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ପିଜି କାଉନ୍‌ସିଲ ଚେୟାରମ୍ୟାନ ପ୍ରଭୁପ୍ରସାଦ ଦାସଙ୍କ ସମେତ ବିଶ୍ୱ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପଦଯାତ୍ରା ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ ହୋଇ ସିରାଜଉଦ୍ଦିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରୀଛାତ୍ରମାନେ ୫୦୦ ମିଟର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ବ୍ୟୁରୋର ସଂଯୋଜିକା ଡ. ସରିତା ନାୟକ ସଂଯୋଜନା କରିଥିଲେ।

ସେହିପରି କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ସହଯୋଗରେ ଗୁରୁବାର ସକାଳ ୮ ଟାରେ 'ହର ଘର ତ୍ରିରଙ୍ଗା' ଅଭିଯାନ କରାଯାଉଛି। ଅଧକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ ସମୂହ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ପଦଯାତ୍ରା କରିଥିଲେ।

**ଯୋଡ଼ା,(ମାନସ ମହାନ୍ତି):** ଯୋଡା ମହିଳା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ପରେ ଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

**ଢେଙ୍କିକୋଟ(ନୀଳମଣି ମଣ୍ଡଳ):** ଢେଙ୍କିକୋଟ ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଢେଙ୍କିକୋଟ ହାଇସ୍କୁଲ ଖେଳ ପଡିଆଠାରୁ ବାହାରି ଢେଙ୍କିକୋଟ ଜୋନ୍‌ର ୧୦ ପଞ୍ଚାୟତ ଭ୍ରମଣ କରିଥିଲା। ଢେଙ୍କିକୋଟ ମଣ୍ଡଳ ସଭାପତି ରଣଜିତ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଅଖିଳଚନ୍ଦ୍ର ପାତ୍ର, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ଜିଲା ଭାଜପା ପର୍ଯ୍ୟବେକ୍ଷକ ଜସସ୍ୱିନୀ ବଳ, ମହିଳା ମୋର୍ଚ୍ଚା ସଭାପତି ମମତା ସିଂହ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂହ, ସୌମ୍ୟପ୍ରକାଶ ମଣ୍ଡଳ ସମେତ ଭାଜପା କର୍ମୀ ରାଲିରେ ଯୋଗଦେଇଥିଲେ।


ଢେଙ୍କିକୋଟଠାରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।



ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇଥିବା ଯୋଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।

# ମୋ ଦୃଷ୍ଟିରେ ସ୍ୱାଧୀନତା

ଆଜି ଦେଶରେ ପାଳିତ ହେଉଛି ୭୯ତମ ସ୍ୱାଧୀନତା ଦିବସ। ଏହି ଅବସରରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ବର୍ଗର ଯୁବପିଢ଼ି ଯାହା କୁହନ୍ତି...

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ

## ମୋ ପାଇଁ ଦେଶ ସ୍ୱାଧୀନତାର ଅର୍ଥ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା

ମୋ ପାଇଁ ସ୍ୱାଧୀନତାର ଅର୍ଥ ନିଜ ଚିନ୍ତାଧାରା ଆଉ ଆଦବକାଇଦାକୁ ନେଇ ଜୀବନ ବଞ୍ଚିବା। ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା। ଆମେ ନିର୍ଭୀକ ଭାବେ ସେତେବେଳେ ଚିନ୍ତା କରିପାରିବା ଯେବେ ଆମେ ସ୍ୱାବଲମ୍ବୀ ହେଇପାରିବା। ଏଥିଲାଗି ଆବଶ୍ୟକ ହେଉଛି ଆମ ଯୁବପିଢ଼ି କୌଣସି ଭୟର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ନିଜର ବୁଦ୍ଧି ଓ ବିବେକ ଆଧାରରେ ମତ ପ୍ରକାଶ କରିବାକୁ ସଶକ୍ତ ହେବା ଏବଂ ଦେଶପ୍ରେମର ଫଲ୍‌ଗୁରେ ମତୁଆଲା ହେବା। ସ୍ୱାଧୀନତାର ଅର୍ଥ କେବଳ ଦେଶରେ ବାହ୍ୟଶକ୍ତିର ଅନୁପସ୍ଥିତି ତାହା ନୁହେଁ, ବରଂ ଏହା ଏପରି ଏକ ଆଭ୍ୟନ୍ତରୀଣ ଶକ୍ତିର ଉପସ୍ଥିତି ଯାହା ଆମକୁ ଆମ ପୂର୍ବଜମାନଙ୍କର ତ୍ୟାଗର ସମ୍ମାନ ରକ୍ଷା କରିବାର ପ୍ରେରଣା ଦିଏ। ଆଗାମୀ ଦିନରେ ସେଇ ଭାବଧାରାକୁ ଆଗେଇନେଇ ଏକତା ଏବଂ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ କରେ।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଟେକ୍ ଛାତ୍ରୀ, ଏନ୍‌ଆଇଟି, ରାଉରକେଲା

## ‘ସ୍ୱାଧୀନ ଭାରତ’ର ଆଲୋଚନା ପ୍ରାସଙ୍ଗିକ ଲାଗେ

ସ୍ୱାଧୀନ ଭାରତ! ଇଂରେଜ ଅଧୀନ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେବାର ଦୀର୍ଘ ୭୮ ବର୍ଷ ପରେ ମଧ ଏହି ‘ସ୍ୱାଧୀନ ଭାରତ’ର ଆଲୋଚନା ତଥାପି ପ୍ରାସଙ୍ଗିକ ଲାଗେ। ଆମ ଗଣମାଧ୍ୟମକୁ ମୁକ୍ତ ସ୍ୱାଧୀନତା ଲୋଡ଼ା ସରକାରୀ କଳ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ। ଆମ ସାମାଜିକ କର୍ମୀଙ୍କୁ ସ୍ୱାଧୀନତା ଲୋଡ଼ା ସରକାରୀ ଅପାରଗତାକୁ ସାମ୍ନାକୁ ଆଣିବାକୁ। ଆମ ଧର୍ମାନୁଷ୍ଠାନ ସବୁକୁ ସ୍ୱାଧୀନତା ଲୋଡ଼ା, ଚିରାଚରିତ ଅନ୍ଧବିଶ୍ୱାସରୁ, ଆମ ଗାଆଁର ହରିଜନ ସାହିକୁ ସ୍ୱାଧୀନତା ଲୋଡ଼ା, ଦାରିଦ୍ର୍ୟରୁ ନଗଡ଼ାକୁ ସ୍ୱାଧୀନତା ଲୋଡ଼ା, ଅପପୁଷ୍ଟିରୁ ଆମ ସରକାରୀ ବିଧିବ୍ୟବସ୍ଥା ଓ ଯୋଜନାକୁ ସ୍ୱାଧୀନତା ଲୋଡ଼ା, ବୋହୂମାନଙ୍କୁ ସ୍ୱାଧୀନତା ଲୋଡ଼ା ଯୌତୁକ ନିର୍ଯାତନାରୁ, ବୃଦ୍ଧ ପିତାମାତାଙ୍କୁ ସ୍ୱାଧୀନତା ଲୋଡ଼ା ବୃଦ୍ଧାଶ୍ରମରୁ ଏମିତି ଅନେକ ପ୍ରକାରର ସ୍ୱାଧୀନତା ଲୋଡ଼ା ଆମ ଏ ଦେଶକୁ। ଯୁବକ ଭାବରେ ସ୍ୱାଧୀନତାର ଏଇ ସ୍ୱପ୍ନରେ ବିଭୋରହୋଇ ତା’ର ବାସ୍ତବ ରୂପାୟନ ନିମନ୍ତେ କାର୍ଯ୍ୟକରିବାକୁ ଆମେ ଆଜି ପ୍ରତିଶ୍ରୁତିବଦ୍ଧ ହେବା।

- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ, ଭୁବନେଶ୍ୱର

## ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା’ ଅସୁରକ୍ଷିତ

ମୋ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟ ହେଉଛି, ଖାଲି ବାହାରୁ ବନ୍ଧନମୁକ୍ତ ହେବା ନୁହେଁ। ମନରେ ଥିବା ଭୟ, ଅନ୍ୟାୟ ଓ ଅଜ୍ଞାନରୁ ମୁକ୍ତି ପାଇବା ବି ସ୍ୱାଧୀନତାର ଚିହ୍ନ। ଯେତେବେଳେ ଆମେ ଭୟ ବିନା ସତ୍ୟ କହିପାରିବୁ, ନିଜର ସ୍ୱପ୍ନ ପାଳନ କରିପାରିବୁ ଓ ଅନ୍ୟମାନଙ୍କ ସ୍ୱାଧୀନତାକୁ ସମ୍ମାନ କରିପାରିବୁ। କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା’ମାନେ ଅନେକ ସମୟରେ ଅସୁରକ୍ଷିତ। ଯେପର୍ଯ୍ୟନ୍ତ ନାରୀଟିଏ ରାତିରେ ଗାଁ-ସହରରେ, କର୍ମକ୍ଷେତ୍ରରେ ନିର୍ଭୟରେ ଚାଲିପାରିବନି ସେପର୍ଯ୍ୟନ୍ତ ଆମ ସ୍ୱାଧୀନତା ମୂଲ୍ୟହୀନ। ତେଣୁ ସ୍ୱାଧୀନତା କେବଳ ଅଧିକାର ନୁହେଁ, ଏକ ଦାୟିତ୍ୱ ଯାହାକୁ ଆମ ପିଢ଼ି ତଥା ପ୍ରତ୍ୟେକ ପିଢ଼ିକୁ ପୂରଣ କରିବାକୁ ପଡ଼ିବ।

- କୃଷ୍ଣେନ୍ଦୁ ହୋତା, ଯୁବକବି,ବଲାଙ୍ଗୀର

## ନିଜକୁ ଉତ୍ସର୍ଗ କରିପାରିଲେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିହେବ

ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସବୁଠୁ ଊର୍ଦ୍ଧ୍ୱକୁ ଯାଇ ମଣିଷ ହିସାବରେ ନିଜର ସମସ୍ତ ମୌଳିକ ଅଧିକାରକୁ ଉପଭୋଗକରିବା ସହ ଅନୁରୂପ ଭାବେ ଅନ୍ୟ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ବାସ୍ତବ ସ୍ୱାଧୀନତା। ‘ସ୍ୱାଧୀନତା ’ ଶବ୍ଦ ଯେତେବେଳେ ମନକୁ ଆସେ ଗୋଟେ ବଡ଼ ଦାୟିତ୍ୱବୋଧତା କାନ୍ଧ ଉପରକୁ ଆସିବା ସହ ଦେଶ ପ୍ରତି ସେବା ସମର୍ପଣ ଭାବ ସୃଷ୍ଟି ହୁଏ। କେବଳ ନିଜ ପ୍ରତି ବା ନିଜ ପରିବାର ପ୍ରତି ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଆମକୁ ସେବା ଦେବାକୁ ପଡ଼ିବ। କେବଳ ହାତରେ ବନ୍ଧୁକ ଧରି ସୀମାରେ ଜଗିଲେ କି ଶାସନ ଗାଦିରେ ବସିଲେ ଯେ ଦେଶର ସେବା କରିହେବ ତା’ ନୁହେଁ, ବରଂ ସମାଜ ପ୍ରତି ନିଜର ପ୍ରକୃତ କର୍ତ୍ତବ୍ୟକୁ ନିଷ୍ଠାର ସହ ବିନା ପକ୍ଷ ପାତିତାରେ ସମ୍ପାଦନ କରିପାରିଲେ ଦେଶ ପ୍ରଗତିର ଶିଖର ଛୁଇଁବ। ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସ୍ଥାପତ୍ୟକଳା ସହ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ଆମ ଦେଶକୁ ଆଜିର ଅତ୍ୟାଧୁନିକ ଯୁଗରେ ସଫଳତାର ଶିଖରରେ ପହଞ୍ଚାଇବାକୁ ଆମ ସମସ୍ତଙ୍କୁ ବାନର ସେନା ଭଳି ନ ହେଲେ ମଧ ଗୁଣ୍ଡୁଚିମୂଷା ସଦୃଶ ସେବା ପ୍ରଦାନ କରିବାକୁ ପଡ଼ିବ। ଆମ ଦେଶକୁ ସ୍ୱାଧୀନ କରିବାରେ ଅସଂଖ୍ୟ ଦାୟାଦଙ୍କ ଲୁହ, ଲହୁ, ତ୍ୟାଗ, ପରିଶ୍ରମ ଓ ବଳିଦାନକୁ ଯଥୋଚିତ ସମ୍ମାନ ପ୍ରଦାନ ପୂର୍ବକ ନିଜକୁ ଦେଶ ବା ସମାଜ ପାଇଁ ଉତ୍ସର୍ଗ କରିପାରିଲେ ଯାଇ ଆମେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିପାରିବା।

- ସୌମ୍ୟରଞ୍ଜନ ମହାନ୍ତି, ରାଉରକେଲା ଇସ୍ପାତ କାରଖାନା

## ‘ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ’ ହେବ

ସ୍ୱାଧୀନତା ପ୍ରାପ୍ତି କରିଥିବା ସତ୍ତ୍ୱେ ଆଜି ମଧ ଅନ୍ତର୍ନିହିତ ଶତ୍ରୁଙ୍କ ଦ୍ୱାରା ଆମେ ପରାଧୀନ ଅଛୁ। କାରଣ ଆଜି ଦେଶରେ ପ୍ରତି ମୁହୂର୍ତ୍ତରେ ବଳାତ୍କାର, ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟରେ ଅନେକେ ଲିପ୍ତ ରହୁଛନ୍ତି। ଏବେ ସମୟ ଆସିଛି ଆମେ ସମସ୍ତେ ଏ ବିଷୟରେ ବିଚାର କରିବାର କାରଣ ‘ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ’ ହୋଇଥାଏ। ତେଣୁ ସମୟ ଆସିଛି ରାଷ୍ଟ୍ରର ପରିବର୍ତ୍ତନ ପାଇଁ ନିଜକୁ ପରିବର୍ତ୍ତନ କରିବା।

- ଅଚ୍ୟୁତାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ, ଝାରସୁଗୁଡ଼ା

## ସମାନ ସମ୍ମାନ ଓ ସୁଯୋଗ ହିଁ ପ୍ରକୃତ ସ୍ୱାଧୀନତା

୧୯୪୭ ସ୍ୱାଧୀନତା ଆଇନଗତ ସଂସ୍କାର ଆଣିଥିଲା। କିନ୍ତୁ ମହିଳା ସ୍ୱାଧୀନତା ମାନସିକତାର ପରିବର୍ତ୍ତନ ଆବଶ୍ୟକ କରେ। ସମସାମୟିକ ସମାଜରେ ମହିଳା ସ୍ୱାଧୀନତାର ଅର୍ଥ କେବଳ ଆଇନଗତ ଅଧିକାର ନୁହେଁ, ବରଂ ସାମାଜିକ ସ୍ୱୀକୃତି, ଅର୍ଥନୈତିକ ସ୍ୱାବଲମ୍ବନ ଓ ମାନସିକ ସ୍ୱାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ସଦସ୍ୟ ମହିଳା କି ପୁରୁଷ ସମାନ ସମ୍ମାନ ଓ ସୁଯୋଗ ପାଇବେ।

- ସନ୍ଧ୍ୟାରାଣୀ ରଣା, ଛାତ୍ରୀ, କେନ୍ଦୁଝର



























# ତ୍ରିରଙ୍ଗା ଜିନିଷ କିଣିବାକୁ ବଢ଼ୁଛି ଆଗ୍ରହ

ସ୍ୱାଧୀନତା ଦିବସ ଲାଗି ସଜେଇ ହୋଇଛି ରାଜଧାନୀ। ଘରଠାରୁ କାର୍ଯ୍ୟାଳୟ ସବୁ ଆଡ଼େ ତ୍ରିରଙ୍ଗାମୟ ହୋଇଛି। ଲୋକଙ୍କ ଭିତରେ ତ୍ରିରଙ୍ଗା ପ୍ରତି ସେତିକି ଆଗ୍ରହ ଓ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ମହାନ୍ ଦିବସକୁ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏନେଇ ସ୍କୁଲ, କଲେଜ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛୋଟ ପିଲା ହୁଅନ୍ତୁ କି ବଡ଼ ଲୋକ ସମସ୍ତେ ତ୍ରିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ଏନେଇ ରାସ୍ତାକଡ଼, ମାର୍କେଟ ଏବଂ ଦୋକାନ ଗୁଡ଼ିକରେ ତ୍ରିରଙ୍ଗା ପତାକା ସହ ବିଭିନ୍ନ ପ୍ରକାର ଡିଜାଇନର ପୋଷାକ, ସଜବାଜ ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ରାଜଧାନୀବାସୀ ଖଦି କପଡ଼ା ଏବଂ ସୂତା କପଡ଼ାର ତ୍ରିରଙ୍ଗା ପତାକାକୁ ଅଧିକ ପସନ୍ଦ କରନ୍ତି। ଏନେଇ ଖଦି ତ୍ରିରଙ୍ଗା ପତାକା ସବୁ ୫୦ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଉଲରେ ତିଆରି ପତାକାଗୁଡ଼ିକ ଶହେରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ଗଳିକନ୍ଦିରେ ମାଳମାଳ ଦୋକାନ ପଡ଼ିଛି। କାଗଜ ତିଆରି ପତାକାଠାରୁ ଆରମ୍ଭ କରି ଜରି, ସୂତା ଏବଂ ପଲିଷ୍ଟର କପଡ଼ାର ପତାକା ବିକ୍ରି କରୁଛନ୍ତି। ପତାକାଗୁଡ଼ିକ ୧୦ ଟଙ୍କାରୁ ଆରମ୍ଭ ହୋଇ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କେବଳ ପତାକା ନୁହେଁ, ଉଠାଦୋକାନୀମାନେ ତ୍ରିରଙ୍ଗା ପତାକା ଡିଜାଇନର ଉତ୍ତରୀୟ, ଟୋପି, ଶାର୍ଟ, ବ୍ରେସଲେଟ୍ ଓ ବ୍ୟାଣ୍ଡ ବିକ୍ରି କରୁଛନ୍ତି। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗର ଜିନିଷ ପ୍ରତି ଆଗ୍ରହ ବଢ଼ିଥିବାରୁ ସେମାନେ ବହୁ ଜିନିଷ କିଣାକିଣି କରୁଛନ୍ତି। ସେମାନଙ୍କ ପାଇଁ ତ୍ରିରଙ୍ଗା ଡିଜାଇନର ହେୟାର୍ କ୍ଲିପ, ଶାଢ଼ି, ଓଢ଼ଣି, ଚୁଡ଼ି, ମୁଦି, କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ବିକ୍ରି ହେଉଛି। ଉଠାଦୋକାନୀ ସନ୍ତୋଷ ସାହୁଙ୍କ କହିବା ଅନୁସାରେ ତ୍ରିରଙ୍ଗା ଜିନିଷ କିଣିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଛି। ସେମାନେ ପସନ୍ଦକୁ ନଜରରେ ରଖି ବଜାରରେ ମଧ୍ୟ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ସଜବାଜ ଜିନିଷ ମିଳୁଛି। ସ୍ୱଳ୍ପ ଦାମ୍‌ରେ ସବୁ ଜିନିଷ ମିଳୁଥିବାରୁ ବେପାର ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି।

ରିପୋର୍ଟ: **ସୁଚିସ୍ମିତା ସାହୁ, ଭୁବନେଶ୍ୱର**





















# ଦିଲ୍ଲୀ ଏମ୍ସରେ ନିଆଁ

ନୂଆଦିଲ୍ଲୀ,୧୪।୮

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ପରିସରରେ ଥିବା ମା' ଓ ଶିଶୁ ବ୍ଲକ୍‌ରେ ଗୁରୁବାର ଅପରାହ୍ନ ୫ଟା ୧୫ ମିନିଟ୍ ସମୟରେ ନିଆଁ ଲାଗିଯାଇଛି। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧୦ଟି ଦମକଳକୁ ନିୟୋଜିତ କରାଯାଇଛି। ତେବେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ବ୍ଲକ୍‌ରୁ ରୋଗୀ ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

# ଦୁଃସାହସିକ କାର୍ଯ୍ୟର ପରିଣାମ ଭୋଗିବ ପାକ୍

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଗତ ରବିବାର ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଆମେରିକାରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ସେହିପରି ପାକିସ୍ତାନର ଅଧିକାର ଥିବା ଜଳର ଗୋଟିଏ ବି ବୁନ୍ଦାକୁ ଭାରତ ଛଡ଼ାଇ ନେଇପାରିବ ନାହିଁ ବୋଲି ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ। ଗୁରୁବାର ଭାରତ ପକ୍ଷରୁ ଏହାର ଜବାବ ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ଭାରତର ଚେତାବନୀ**

ଜୟସ୍ୱାଲ ଏକ ସାପ୍ତାହିକ ବ୍ରିଫିଂ କରି କହିଛନ୍ତି, ଗତ କିଛିଦିନ ମଧ୍ୟରେ ପାକିସ୍ତାନର ନେତୃତ୍ୱ ପକ୍ଷରୁ ଭାରତ ବିରୋଧରେ ବେପରୁଆ ଭାବେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦିଆଯାଉଥିବାର ରିପୋର୍ଟ ସାମ୍ନାକୁ ଆସିଛି। ନିଜର ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ଭାରତ ବିରୋଧୀ ମନ୍ତବ୍ୟ ଦେବା ହେଉଛି ପାକିସ୍ତାନୀ ନେତୃତ୍ୱର ଏକ ଜଣାଶୁଣା ପଦ୍ଧତି। ପାକିସ୍ତାନୀ ନେତା ନିଜ ମନ୍ତବ୍ୟରେ ସଂଯମତା ରକ୍ଷା ରଖନ୍ତୁ ଏବଂ ନୂଆଦିଲ୍ଲୀ ବିରୋଧୀ ଘୃଣ୍ୟ ବୟାନରୁ ନିଜକୁ ନିବୃତ୍ତ ରଖନ୍ତୁ। ଯେ କୌଣସି ଦୁଃସାହସିକ କାର୍ଯ୍ୟର ପରିଣାମ ଭୟଙ୍କର ହେବ ବୋଲି ସେ ପାକିସ୍ତାନର ନେତୃତ୍ୱକୁ ଚେତାବନୀ ଦେଇ କହିଛନ୍ତି।

# ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। (ଫଟୋ: ଚମନ୍ ଗୌତମ)

# ଆତ୍ମନିର୍ଭରଶୀଳତା ଦିଗରେ ଭାରତ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୪୭ ସୁଦ୍ଧା ବିକାଶିତ ରାଷ୍ଟ୍ର ହେବା ନେଇ ବଡ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ରପ୍ତାନି ବଢ଼ିଥିବାରୁ ଦେଶର ଅର୍ଥନୀତି ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି। ଦୀର୍ଘବର୍ଷର ବିଦେଶୀ ଶାସନ ପରେ ଦେଶ ସ୍ୱାଧୀନ ହେବା ବେଳେ ଅତ୍ୟଧିକ ଦାରିଦ୍ର୍ୟ ରହିଥିଲା। ଗତ ୭୮ ବର୍ଷ ମଧ୍ୟରେ ସମସ୍ତ କ୍ଷେତ୍ରରେ ଆମେ ଅସାଧାରଣ ଉନ୍ନତି କରିଛେ। ଗତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ



ଦ୍ରୌପଦୀ ମୁର୍ମୁ

ଜିଡିପି ଅଭିବୃଦ୍ଧି ସହ ଭାରତ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରିପାରିଛି। ସୁଶାସନ ଏବଂ ଅନେକ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି।

**୭୯ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ**

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଏଥିପାଇଁ ଦେଶର ଏକତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧିକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ନିରୀହ ନାଗରିକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଭୀରୁତାପୂର୍ଣ୍ଣ ଏବଂ ଅମାନବୀୟ କାର୍ଯ୍ୟ ଥିଲା, ଯାହାକୁ ରାଷ୍ଟ୍ରପତି କଡ଼ା ନିନ୍ଦା କରିଛନ୍ତି। ସୀମାରେ ଥିବା ସେମାନଙ୍କ ଭିତ୍ତିଭୂମିକୁ ଧ୍ୱଂସ କରି ସଶସ୍ତ୍ର ବଳ ଏହାର ରଣନୈତିକ ସ୍ପଷ୍ଟତା ଓ ବୈଷୟିକ ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ଆତଙ୍କବାଦ ବିରୋଧୀ ବୈଶ୍ୱିକ ଲଢ଼େଇରେ ଅପରେଶନ ସିନ୍ଦୂର ଏକ ଐତିହାସିକ ଘଟଣା। ଆତଙ୍କବାଦ ବିରୋଧରେ ମାନବୀୟତାର ଲଢ଼େଇର ଏକ ଉଦାହରଣ ଭାବେ ଅପରେଶନ ସିନ୍ଦୂର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ ଏକ ବଡ଼ ସଫଳତା କରି ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି। ରେଳ ଲାଇନ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳରେ ବାଣିଜ୍ୟ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ହେବା ସହ ନୂଆ ଆର୍ଥିକ ସମ୍ଭାବନା ପାଇଁ ବାଟ ଖୋଲିଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ**

ନୂଆଦିଲ୍ଲୀ,୧୪।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଫେରାଇବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ଅନେକ ବିଚାରକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ମଧ୍ୟରେ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ କରିବାକୁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଭଟ୍ଟଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ ତ୍ୱରିତ୍ ଶୁଣାଣି ପାଇଁ ନିବେଦନ କରିବାରୁ ସିଜେଆଇ କହିଥିଲେ, ପହଲଗାମ୍‌ରେ ଯାହା ଘଟିଲା, ତାହାକୁ ଆପଣମାନେ ଅଣଦେଖା କରିପାରିବେ ନାହିଁ। ପାର୍ଲାମେଣ୍ଟ ଓ ସରକାର ଏହା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ୍ ରଖିଥିବାବେଳେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜମ୍ମୁ-କଶ୍ମୀରକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ଅଦାଲତ ସେତେବେଳେ କହିଥିଲେ।

# 'ଅପରେଶନ ସିନ୍ଦୂର' ହିରୋଙ୍କୁ ବୀରତା ସମ୍ମାନ

ନୂଆଦିଲ୍ଲୀ,୧୪।୮

ଅପରେଶନ ସିନ୍ଦୂରରେ ପ୍ରମୁଖ ଭୂମିକା ନେଇଥିବା ସଶସ୍ତ୍ର ବଳର ଅଫିସରମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। ବାୟୁସେନାର ୧୩ ଜଣ ଅଫିସରଙ୍କୁ ଯୁଦ୍ଧ ସେବା ମେଡାଲରେ ସମ୍ମାନିତ କରାଯିବାକୁ ଥିବାବେଳେ ୨୬ ଅଫିସରଙ୍କୁ ବାୟୁ ସେନା ମେଡାଲ ମିଳିବ। ସେହିପରି ୪ ଜଣ ବାୟୁସେନା ଅଫିସର ଓ ୨ ଜଣ ବରିଷ୍ଠ ସେନା ଅଫିସରଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି।

ସର୍ବୋତ୍ତମ ଯୁଦ୍ଧସେବା ମେଡାଲ ପାଇବାକୁ ଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ନରନଦେଶ୍ୱର ତିୱାରୀ, ୱେଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା, ଡିଜି ଏୟାର ଅପରେଶନ୍ସ ଏୟାର ମାର୍ଶାଲ ଅୱଧେଶ ଭାରତୀ, ପୂର୍ବତନ ୱେଷ୍ଟର୍ନ ନାଭାଲ କମାଣ୍ଡର ଭାଇସ୍ ଆଡମିରାଲ ଏସ୍.ଜେ. ସିଂ ପ୍ରମୁଖ। ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ ତରୁନ ସୋବ୍ତିଙ୍କୁ ଉତ୍ତମ ଯୁଦ୍ଧସେବା ମେଡାଲ ମିଳିବ। ବାୟୁସେନା ମେଡାଲ ପାଇବାକୁ ଥିବା ବାୟୁସେନା ଅଫିସରଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପ୍‌ଟେନ୍ ଅଙ୍କୁର ହକିମ୍, ମାନବ ଭାଟିଆ, ୟାସିର ଫାରୁକି, ବରୁଣ ଭୋଜ, ଅନୁରାଜ ସିଂ ମିନହାସ୍, ଓମାର ବ୍ରାଓନେ, ଦୀପକ ଚୌହାନ ପ୍ରମୁଖ ରହିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ